R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୧୪
ତିଥି: ପଞ୍ଚମୀ
୧୫ ଅକ୍ଟୋବର ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
15 October 2026, Thursday

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

# ଆଜି ଛାତ୍ର ସଂସଦ ନିର୍ବାଚନ

## ଉତ୍କଳ ବିଶ୍ୱବିଦ୍ୟାଳୟରେ ବ୍ୟାପକ ଉତ୍ତେଜନା, ଫୋର୍ସ ମୁତୟନ

ଭୁବନେଶ୍ୱର, ୧୪ ।୧୦ (ସବ୍ୟୁ) : ରାତି ପାହିଲେ ଛାତ୍ର ସଂସଦ ନିର୍ବାଚନ । ବୁଧବାର ମୁଁ କାହିଁ ଠିଆ ହୋଇଛି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ହେବା ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟ କନ୍‌ଭୋକେସନ ହଲ୍ ରଣକ୍ଷେତ୍ର ପାଲଟିଥିଲା । ବିସିଜେଡି ଓ ଏବିଭିପି ଛାତ୍ରନେତା ଓ ସମର୍ଥକଙ୍କ ମଧ୍ୟରେ ୩ଘଣ୍ଟା ସଂଘର୍ଷ ଲାଗି ରହିଲା । ପରିସ୍ଥିତି ଅଣାୟତ୍ତ ହେବା ଦେଖି କର୍ତ୍ତୃପକ୍ଷ ପୋଲିସକୁ ଖବର କରିଥିଲେ । ଡିସିପି ସର୍ବଣା ବିବେକ ଏମ୍



- ବଲାଙ୍ଗୀରରେ ବିସିଜେଡି ସଭାପତି ଗିରଫ
- ଓଡପଡା କଲେଜରେ ସାଇନ ଏ ଡାଏ
- ବାରିପଦାରେ ପ୍ରାର୍ଥୀ ନିଖୋଜକୁ ନେଇ ମାରପିଟ୍
- ଯାଜପୁର ଏନ୍‌ସି କଲେଜ ପ୍ରାର୍ଥୀ ଅପହରଣ
- ଏବିଭିପି, ବିସିଜେଡି, ଏନ୍‌ଏସ୍‌ୟୁଆଇ ମଧ୍ୟରେ ଲଢ଼େଇ

ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିବା ପାଇଁ ମଧ୍ୟାହ୍ନ ସାଢେ ଗୋଟାଏ ବେଳେ ମୁଁ କାହିଁ ଛିଡା ହୋଇଛି ବୈଠକ ଅନୁଷ୍ଠିତ ହୋଇଥିଲା । ସେହିଭଳି ରେଭେନ୍ସ ବିଶ୍ୱବିଦ୍ୟାଳୟରେ ମଧ୍ୟ ଉତ୍ତେଜନା ଦେଖିବାକୁ ମିଳିଛି। ଅଣଛାତ୍ର ପ୍ରବେଶକୁ ବିରୋଧ କରି ମୁଖ୍ୟ ଫାଟକକୁ ଛାତ୍ରଛାତ୍ରୀମାନେ ତାଲା ପକାଇଥିବା ସୂଚନା ମିଳିଛି ।

ବଲାଙ୍ଗୀରରେ ଏବିଭିପି ପ୍ରାର୍ଥୀ ଆକାଶ ମିଶ୍ର ଓ ତାଙ୍କ ସହଯୋଗୀଙ୍କୁ ଅପହରଣ ଅଭିଯୋଗରେ ବିସିଜେଡି ସଭାପତି ସୁମନ ନନ୍ଦ, ଯୁବନେତା ରାଜେନ୍ଦ୍ର ହୋତା ଓ ସୁବ୍ରତ ସାହୁଙ୍କୁ ପୋଲିସ ଗିରଫ କରିଛି । ଓଡପଡା କଲେଜରେ ଏବିଭିପି ପ୍ରାର୍ଥୀ ନିଖୋଜକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇବାରୁ କଲେଜ ଗେଟ୍ ସାମ୍ନାରେ ଛାତ୍ରକଂଗ୍ରେସ କର୍ମୀ-ପୋଲିସ ଧସ୍ତାଧସ୍ତି ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ପରିସ୍ଥିତି ଅଣାୟତ୍ତ ହେବାରୁ କଲେଜକୁ ସାଇନ ଏ ଡାଏ ଘୋଷଣା କରାଯିବା ସହ ନିର୍ବାଚନକୁ ବାତିଲ କରାଯାଇଛି । ବାରିପଦା ବାବା ବଳିଆ କଲେଜରେ ମୁଁ କାହିଁ ଠିଆ ହୋଇଛି ବୈଠକ ବେଳେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ବୈଠକରେ ଅଭିଭାଷଣ ଦେଉଥିବା ଏବିଭିପି ସଭାପତି ପ୍ରାର୍ଥୀ ଚମ୍ପା ମୁର୍ମୁ ଅଚେତ ହୋଇ ପଡିଯାଇଥିଲେ । ତାଙ୍କୁ (୯ ପୃଷ୍ଠାରେ)

## ଜନ୍ତରମନ୍ତର ପ୍ରତିବାଦ ସ୍ଥଳ ବାତିଲକୁ ହାଇକୋର୍ଟରେ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ, ୧୪ ।୧୦ : ଜନ୍ତରମନ୍ତରକୁ ପ୍ରତିବାଦ ସ୍ଥଳ ଭାବେ ବାତିଲ କରିବା ନିଷ୍ପତ୍ତି ବିରୋଧରେ ଭାରତୀୟ ଯୁବ କଂଗ୍ରେସର ଅଧ୍ୟକ୍ଷ ଉଦୟ ଭାନୁ ଚିବ୍ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ପ୍ରତିବାଦ କରିବାକୁ ଅନୁମତି ଲୋଡ଼ି ସେ ପୂର୍ବରୁ ଦାଖଲ କରିଥିବା ଆବେଦନରେ (୯ ପୃଷ୍ଠାରେ)




### କଳିଙ୍ଗନଗରରେ ଆରମ୍ଭ ହେଲା ଶିଳ୍ପାୟନର ସ୍ୱର୍ଣ୍ଣିମ ଅଧ୍ୟାୟ

## ଓଡ଼ିଶା ହେବ ଦେଶର ଉତ୍ପାଦନ ହବ୍ : ମୁଖ୍ୟମନ୍ତ୍ରୀ

ବ୍ୟାସନଗର, ୧୪।୧୦ (ଜିପ୍ର) : ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟା ଆହୁରି ଗତିଶୀଳ କରି ଆଜି ଯାଜପୁର ଜିଲ୍ଲା କଳିଙ୍ଗନଗର ଠାରେ ଏକ ବୃହତ ଶିଳ୍ପ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ୧୪ଟି ଜିଲ୍ଲାରେ ୩୯,୩୮୩ କୋଟି ଟଙ୍କାର ପୁଞ୍ଜି ନିବେଶରେ ୪୬ଟି ମଧ୍ୟମ ଓ ବୃହତ୍ ଶିଳ୍ପ ପ୍ରକଳ୍ପର ଭୂମିପୂଜନ ଏବଂ ଉଦ୍‌ଘାଟନ କରିଛନ୍ତି । ଏହାଦ୍ୱାରା ୪୨,୫୧୨ଟି ନିଯୁକ୍ତି ସୃଷ୍ଟି ହୋଇଛି । ଏହି ପଦକ୍ଷେପ ରାଜ୍ୟର (୯ ପୃଷ୍ଠାରେ)




## ୧୬ରେ ସିଜେପିର ତ୍ରିରଙ୍ଗା ସମାବେଶ

ନୂଆଦିଲ୍ଲୀ, ୧୪ ।୧୦ : ଜନ୍ତରମନ୍ତରକୁ ପ୍ରତିବାଦ ସ୍ଥଳ ତାଲିକାରୁ ବାଦ୍ ଦିଆଯିବା ପରେ ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ଅକ୍ଟୋବର ୧୬ରେ କନଟ୍‌ପ୍ଲେସ୍‌ସ୍ଥିତ ସେଣ୍ଟ୍ରାଲ ପାର୍କରେ ତ୍ରିରଙ୍ଗା ସମାବେଶ ଆୟୋଜନ ପାଇଁ ଆହ୍ୱାନ ଦେଇଛନ୍ତି। ଦେଶର ଜାତୀୟ ପତାକା ଉଡ଼ାଇବା ଅପରାଧ ନୁହେଁ ବୋଲି କହି ସେ ଜେଲ୍ ଯିବାକୁ ମଧ୍ୟ ପ୍ରସ୍ତୁତ ବୋଲି ଘୋଷଣା କରିଛନ୍ତି। ଅପରପକ୍ଷରେ ସିଜେପି ସମର୍ଥନରେ ଆଜି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ବାହାରିଛନ୍ତି। ରାହୁଲ ସୋସିଆଲ ମିଡିଆ 'ଏକ୍ସ'ରେ ଲେଖିଛନ୍ତି, ଜନ୍ତରମନ୍ତରରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ (୯ ପୃଷ୍ଠାରେ)




BHARAT HEALTH CARE

Complete Healthcare Under One Roof — Trusted Doctors, Modern Diagnostics & Medicine Home Delivery

Hospital Road, Baripada, Mayurbhanj, Odisha - 757001

COMMON ENQUIRY NUMBER: 9437039969

BHARAT HEALTH CARE — Polyclinic & Diagnostic Centre

| Doctor & Specialty | Qualification & Note |
|---|---|
| Dr. Sujit Ranjan Sahoo<br>Dentist | M.D.S (Prosthodontics) — Prof. & HOD, Ex. Assoc. Prof. SUM Hospital, Bhubaneswar |
| Dr. Sonia Aggarwal<br>Dentist | M.D.S (Endodontics) — Dental Surgeon, DHH Baripada |
| Dr. A.K. Das<br>Dentist (Orthodontist) 2x MONTHLY | B.D.S (Indore); D.Ortho (Calicut) — Orthodontics Specialist. *Advance booking recommended.* |
| Dr. J.B. Kanwar<br>Diabetic & Thyroid Specialist MONTHLY | M.D (Medicine); DM Endocrinology — Professor, SUM Hospital BBSR & SGPGI Lucknow |
| Dr. Rajesh Kar<br>E.N.T & Head-Neck Surgeon MONTHLY | MBBS, MS, DNB; ENT & Head-Neck Surgery — Grant Medical College & Sir JJ Hospital, Mumbai |
| Dr. Suchitra Panigrahi<br>Eye Specialist (Ophthalmologist) | MBBS, MS Ophthalmology; Phaco & Laser - RIO Hyderabad; Cornea Transplant - AIIMS New Delhi |
| Dr. Giridhari Jena<br>Cardiologist MONTHLY | MD, DM, FSCAI, FAHA — Interventional Cardiologist, Care Hospital, Bhubaneswar. *Appointment required.* |
| Dr. Bibekananda Panda<br>Nephrologist (Kidney Specialist) MONTHLY | MD, DNB (Nephrology) — Clinical Director & HOD, Nephrology & Kidney Transplant, Care Hospital, BBSR |
| Dr. Madhumita Nayak<br>Pulmonologist (Lung Specialist) | MD (Pulmonary Medicine) — Asst. Professor, PRM Medical College, Baripada |
| Dr. Pradyut Ranjan Bhuyan<br>Neurologist 2x MONTHLY | MBBS, MD (Medicine), DNB (Neurology) — Sr. Consultant Neurologist, Manipal Hospitals, Bhubaneswar |
| Dr. Barada Prasanna Samal<br>Orthopaedic Surgeon | MS (Orthopaedics) — Asst. Professor, PRM Medical College, Baripada |
| Dr. Thakura Soren<br>Medicine Specialist | MBBS (General Medicine) — General Physician, Bharat Health Care, Baripada |
| Dr. Satya Ranjan Panda<br>Medicine Specialist | MBBS, DNB (General Medicine) — PRM MCH Baripada; ex-Apollo Hospitals, Bhubaneswar |
| Dr. Chandan Kumar Satpathy<br>Skin & V.D. Specialist SUN: HOLIDAY | MBBS, MD (Skin & Venereology) — Dermatologist, PRM Medical College, Baripada |
| Dr. Kashinath Bisoi<br>Senior Consultant Surgeon | MS (General Surgery) — Senior Consultant Surgeon, Bharat Health Care, Baripada |
| Dr. Uma Prasad Biswal<br>Neuropsychiatrist ONLINE ONLY | MBBS, MD (Psychiatry & Neurology) — Consultant Neuropsychiatrist. *Book in advance for video link.* |
| Dr. Manjit Kanumgo<br>Gastroenterologist MONTHLY | MBBS, MD (Gastroenterology) — Associate Professor, IMS & SUM Hospital, Bhubaneswar |

- Diagnostic Centre — Pathology, X-Ray, ECG, Ultrasound & more

Appointment Booking / Lab Enquiry / Blood Sample Home Collection:
8093110888

BHARAT MEDICAL HALL — Pharmacy

- All prescribed medicines available
- Cash on Delivery available within Baripada town

Medicine Home Delivery: 9776001963
(send prescription photo on WhatsApp)

www.bharatmedicalhall.com

Note: Visiting/periodic doctors (marked MONTHLY / 2x MONTHLY) are available on specific dates only — please call to confirm before visiting. | For consultation days, timings, cabin & fees, please call reception. | Schedule last updated September 2026.

## କଏନ୍ ଦେଇ ସ୍କୁଟର କିଣା

ତେଲେଙ୍ଗାନାର ମଞ୍ଚେରିଆଲ୍ ଜିଲ୍ଲା ଲକ୍ଷେଟିପେଟ୍ ଅଞ୍ଚଳର ଜଣେ ବ୍ୟକ୍ତି ବି. ରବି ଯୋଶେଫ୍ କଏନ ଦେଇ ସ୍କୁଟର କିଣି ବର୍ତ୍ତମାନ ଚର୍ଚ୍ଚାକୁ ଆସିଛନ୍ତି । ସୂଚନା ଅନୁସାରେ ସେ ୧୦ ଟଙ୍କିଆ କଏନ ଜମା କରି ୧ଲକ୍ଷ ୨୩ ହଜାର ଟଙ୍କାରେ ଏକ ସ୍କୁଟର କିଣିବା ଘଟଣା ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି । ରବି ୨୦୨୩ ଅକ୍ଟୋବର ୧୦ ରୁ ୩ ବର୍ଷ ଧରି ମୋଟ ୧୨,୩୦୦ଟି ୧୦ ଟଙ୍କିଆ କଏନ୍ ଜମା କରିଥିଲେ । ସୋରୁମ୍‌ରେ ଏହାକୁ ଗଣିବା ପାଇଁ କର୍ମଚାରୀଙ୍କୁ ପ୍ରାୟ ଦୁଇ ଘଣ୍ଟା ସମୟ ଲାଗିଥିଲା । ବାସ୍ତବରେ ସେ ଏକ ରୟାଲ ଏନ୍‌ଫିଲ୍ଡ ବୁଲେଟ୍ କିଣିବାକୁ ଚାହୁଁଥିଲେ, ମାତ୍ର ଅର୍ଥାଭାବ ଯୋଗୁଁ ସେ ସ୍କୁଟର କିଣିବାକୁ ନିଷ୍ପତ୍ତି ନେଇଥିଲେ । ୧୦ ଟଙ୍କିଆ କଏନ୍ ବନ୍ଦ ହୋଇଯିବାର ଗୁଜବ ଯୋଗୁଁ ପରିବାର ଲୋକେ କଏନ୍ ରଖିବାକୁ ବାରଣ କରିଥିଲେ ବି ସେ ନିଜ ସଞ୍ଚୟ ଜାରି ରଖିଥିଲେ ।



ଭାରତର ଏକାଦଶତମ ରାଷ୍ଟ୍ରପତି ଭାବେ ଦାୟିତ୍ୱ ତୁଲାଇଥିବା ଅବଦୁଲ କଲାମ ଥିଲେ ଭାରତୀୟମାନଙ୍କର ପ୍ରିୟ ରାଷ୍ଟ୍ରପତି । ଜଣେ ବିଶିଷ୍ଟ ବୈଜ୍ଞାନିକ ଭାବେ ସାରା ପୃଥିବୀରେ ରହିଛି ତାଙ୍କର ଅନେକ ଖ୍ୟାତି । ତାମିଲନାଡୁର ରାମେଶ୍ୱରମରେ ୧୫ ଅକ୍ଟୋବର ୧୯୩୧ରେ ଜନ୍ମଗ୍ରହଣ କରିଥିବା ଅବଦୁଲ କଲାମ ତିରୁଚିରପଲ୍ଲୀର ସେଣ୍ଟ ଜୋସେଫ୍ କଲେଜରୁ ପଦାର୍ଥ ବିଜ୍ଞାନ ଓ ଚେନ୍ନାଇର ମାଦ୍ରାସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ଅନ୍ତରୀକ୍ଷ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିଲେ । ଦେଶର ରାଷ୍ଟ୍ରପତି ହେବା ପୂର୍ବରୁ ସେ ଡି.ଆର୍.ଡି.ଓ ଏବଂ ଇସ୍ରୋରେ ଅନ୍ତରୀକ୍ଷ ଇଞ୍ଜିନିୟର ଥିଲେ । ବାଲିଷ୍ଟିକ ମିଶାଇଲ୍ ଓ ଲଞ୍ଚ ଭେଇକିଲ୍ ପ୍ରଯୁକ୍ତିବିଦ୍ୟାର ଆବିଷ୍କାର ପାଇଁ କଲାମଙ୍କୁ ଭାରତର ମିସାଇଲ୍ ମ୍ୟାନର ଆଖ୍ୟା ଦିଆଯାଇଛି । ମହାକାଶ ବିଜ୍ଞାନ ଏବଂ ପ୍ରତିରକ୍ଷା ବିଜ୍ଞାନରେ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ୧୯୯୭ ମସିହାରେ ଭାରତର ସର୍ବୋଚ୍ଚ ବେସାମରିକ ଉପାଧି 'ଭାରତ ରତ୍ନ'ରେ ସମ୍ମାନିତ କରାଯାଇଥିଲା । ସେ ଭାରତର ରାଷ୍ଟ୍ରପତି ଭାବେ ୨୦୦୨ ଜୁଲାଇ ୨୫ ତାରିଖରୁ ୨୦୦୭ ଜୁଲାଇ ୨୫ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିଥିଲେ । ଲୋକଙ୍କ ରାଷ୍ଟ୍ରପତି ଭାବେ ତାଙ୍କର ଏକ ଭିନ୍ନ ପରିଚୟ ରହିଥିଲା । ତାଙ୍କର ଓଡ଼ିଶା ସହିତ ମଧ୍ୟ ରହିଥିଲା ନିଆରା ସମ୍ପର୍କ । ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ ପୂର୍ବରୁ ଜଣେ ବୈଜ୍ଞାନିକ ଭାବେ କଲାମ ବହୁବାର ବାଲେଶ୍ୱର ଜିଲ୍ଲା ଚାନ୍ଦିପୁରସ୍ଥିତ କ୍ଷେପଣାସ୍ତ୍ର ପରୀକ୍ଷାଘାଟିକୁ ଆସିଛନ୍ତି । ପରବର୍ତ୍ତୀ ସମୟରେ ରାଷ୍ଟ୍ରପତି ଥିବା ସମୟରେ ସେ ଏକାଧିକବାର ଓଡ଼ିଶାରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇଥିଲେ । ଜଣେ ଲେଖକ ଭାବେ ମଧ୍ୟ ରହିଛି ତାଙ୍କର ଦକ୍ଷତା । ତାଙ୍କଦ୍ୱାରା ଲିଖିତ ଇଗନାଇଟେଡ୍ ମାଇଣ୍ଡସ୍ (୨୦୦୨), 'ୱିଙ୍ଗସ୍ ଅଫ୍ ଫାୟାର' (୧୯୯୯) ଓ ଇଣ୍ଡିଆ ୨୦୨୦- ଏ ଭିଜନ୍ ଫର୍ ଦ ନ୍ୟୁ ମିଲେନିୟମ୍' ଦେଶର କୋଟି କୋଟି ଲୋକଙ୍କ ଲାଗି ପ୍ରେରଣାର ଉତ୍ସ ସାଜିଛି । 'ୱିଙ୍ଗସ୍ ଅଫ୍ ଦି ଫାୟାର' ହେଉଛି ତାଙ୍କର ଆତ୍ମଜୀବନୀ ଏବଂ ଅନ୍ୟ ଗୋଟିଏ ଆତ୍ମଜୀବନୀ ହେଉଛି 'ଟର୍ଣ୍ଣିଂ ପଏଣ୍ଟ' । ତେବେ ଏହି ମହାନ ବୈଜ୍ଞାନିକ ତଥା ଦେଶର ପ୍ରିୟ ରାଷ୍ଟ୍ରପତିଙ୍କର ଶିଲଂସ୍ଥିତ ବେଥନି ହସ୍ପିଟାଲରେ ୨୭ ଜୁଲାଇ ୨୦୧୫ରେ ଦେହାନ୍ତ ହୋଇଥିଲା । ଏକ ସଭାରେ ଭାଷଣ ଦେଉଥିବା ସମୟରେ ଆକସ୍ମିକ ହୃଦଘାତ କାରଣରୁ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା । ଏହାପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ଯେଉଁଠି ତାଙ୍କର ଦେହାନ୍ତ ହୋଇଥିଲା । ତାଙ୍କ ଅବର୍ତ୍ତମାନରେ ଦେଶର ଅପୂରଣୀୟ କ୍ଷତି ହୋଇଥିବା ଅନୁଭବ କରାଯାଉଛି । ଦେଶ ତାର ମିସାଇଲ୍‌ମ୍ୟାନ୍‌ଙ୍କୁ ସବୁଦିନ ପାଇଁ ହରାଇଥିଲା ।




## ଏପିଜେ ଅବଦୁଲ କଲାମ

## ଇତିହାସ

୧୬୮୬- ମୋଗଲ ଶାସଗ ଔରଙ୍ଗଜେବ ବିଜାପୁର ସହିତ ଶାନ୍ତି ବୁଝାମଣାରେ ସ୍ୱାକ୍ଷର କରିଥିଲେ ।

୧୮୧୫- ନେପୋଲିଅନ ବୋନାପାର୍ଟ ନିର୍ବାସନ ଜୀବନ କାଟିବା ପାଇଁ ହେଲେନା ଦ୍ୱୀପ ପହଞ୍ଚିଲେ ।

୧୮୬୬- କାନାଡ଼ାରେ ଭୟାବହ ଅଗ୍ନିକାଣ୍ଡ କାରଣରୁ ୨୫୦୦ରୁ ଅଧିକ ଘର ଜଳି ନଷ୍ଟ ହୋଇଯାଇଥିଲା ।

୧୮୭୪- ଜାଗ୍ ରେବରେ ଏକ ଆଧୁନିକ ବିଶ୍ୱବିଦ୍ୟାଳୟର ସ୍ଥାପନା କରାଯାଇଥିଲା ।

୧୮୭୮- ଏଡିସନଙ୍କ ଦ୍ୱାରା ଇଲେକ୍ଟ୍ରିକ ଲାଇଟ କମ୍ପାନୀର ସ୍ଥାପନା ।

୧୯୧୭- ଡଚ୍ ବିଦେଶୀ ଡ୍ୟାନ୍ସର ମାତା ହାରୀଙ୍କ ହତ୍ୟା ।

୨୦୦୩- ଚୀନର ପ୍ରଥମ ମାନବ ସମ୍ବଳିତ ମହାକାଶ ମିଶନର ଆରମ୍ଭ ।

୨୦୦୬- ୟୁନାଇଟେଡ୍ ନେସନ ନର୍ଥକୋରିଆ ଉପରେ ପ୍ରତିରୋଧ ଲଗାଇଥିଲା ।

## କଲମରୁ ଦୁର୍ଗାଙ୍କ ମୂର୍ତ୍ତି

ଦୁର୍ଗା ପୂଜା ସମୟରେ ମାଆଙ୍କର ବିଭିନ୍ନ ଆକୃତିର ମୂର୍ତ୍ତି ଭାଇରାଲ ହୋଇଥାଏ, ଯାହାକୁ ବିଭିନ୍ନ ସ୍ଥାନରେ ଶିଳ୍ପୀମାନେ ନିର୍ମାଣ କରିଥାଆନ୍ତି । ସେହିଭଳି ଏକ କଳାକୃତି ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେଉଛି । କୋଲକାତାର କଳାକାର ଚନ୍ଦ୍ର ନାଥ ସାହା କଲମ ଓ ରିଫିଲ ବ୍ୟବହାର କରି ପ୍ରସ୍ତୁତ କରିଛନ୍ତି ମାଆଙ୍କ ମୂର୍ତ୍ତି । ସୂଚନା ଅନୁସାରେ ସେ ତ୍ରିଧାରା ସମ୍ମିଳନୀ ଦୁର୍ଗା ପୂଜା ପେଣ୍ଡାଲରେ ପ୍ରାୟ ୧୩,୦୦୦ ପେନ ଏବଂ ରିଫିଲ୍ ବ୍ୟବହାର କରି ୫.୫ ଫୁଟ ଉଚ୍ଚତା, ୪.୫ ଫୁଟ ଚଉଡ଼ା ଏବଂ ୩ ଫୁଟ ଗଭୀରତା ବିଶିଷ୍ଟ ଏକ ଅନନ୍ୟ ଦୁର୍ଗା ପ୍ରତିମା ତିଆରି କରିଛନ୍ତି । ଦୈନନ୍ଦିନ ବ୍ୟବହୃତ ଜିନିଷ ଦ୍ୱାରା କିଛି ଭିନ୍ନ କରିବାର ଉଦ୍ଦେଶ୍ୟରୁ ସେ ଏହି ପ୍ରତିମା ନିର୍ମାଣ କରିଥିବା ବେଳେ, ଏହା ମୁଖ୍ୟ ପ୍ରତିମାରୁ ଅଲଗା ଥିବାରୁ ବିସର୍ଜନ ସମୟରେ ପାଣିରେ ବୁଡ଼ାଯିବନାହିଁ । ତେଣୁ ପୂଜା ପରେ ଏହି ପ୍ରତିମାକୁ ଭାଙ୍ଗି ସେଥିରୁ ମିଳୁଥିବା ପ୍ଲାଷ୍ଟିକଗୁଡ଼ିକୁ ରିସାଇକ୍ଲିଂ ପାଇଁ ପଠାଯିବାର ଯୋଜନା ରହିଛି ।



## ହ୍ରଦରେ ରହିଛି ୮୦୦ ବର୍ଷର ସହର

କିର୍ଗିଜସ୍ତାନର ସବୁଠାରୁ ବୃହତ୍ତମ ହ୍ରଦ 'ଇସିକ୍-କୁଲ୍' ତଳୁ ପ୍ରାୟ ୮୦୦ ବର୍ଷ ପୁରୁଣା ଏକ ପ୍ରାଚୀନ ସହରର ଅବଶେଷ ମିଳିଛି । ଯାହା କେତବେଳେ ଚୀନ୍ ଓ ୟୁରୋପକୁ ଯୋଡୁଥିବା ଐତିହାସିକ 'ସିଲ୍କ ରୁଟ୍'ର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା । ବୈଜ୍ଞାନିକ ଓ ସ୍କୁବାଡାଇଭରଙ୍କ ଏକ ଦଳ ଏହି ସହରର ଇତିହାସ ଏବଂ ଏହାର ଜଳମଗ୍ନ ହେବାର କାରଣ ସମ୍ପର୍କରେ ଜାଣିବା ପାଇଁ ଗବେଷଣା କରୁଥିଲେ । ଏହି ସମୟରେ ପ୍ରାୟ ୫ ବର୍ଗ କିଲୋମିଟର ପରିବ୍ୟାପ୍ତ ଏହି ସହରରକୁ ଠାବ କରାଯାଇଛି । ଏହାର ନାମ ଓ ଜନସଂଖ୍ୟା ଏପର୍ଯ୍ୟନ୍ତ ଅଜଣା ରହିଛି । ସମୁଦ୍ର ତଳେ ହୋଇଥିବା ଖନନରୁ ଦୁଇଟି କବରସ୍ଥାନ, ଏକ ସାର୍ବଜନୀନ ଗୃହ, ପଶୁମାନଙ୍କ ହାଡ଼, ମାଟି ପାତ୍ର ଏବଂ ପିଲାମାନଙ୍କ ଦ୍ୱାରା ବ୍ୟବହୃତ ଛୋଟ ପାତ୍ରର ସନ୍ଧାନ ମିଳିଛି । ମଧ୍ୟ ଏସିଆ ଇତିହାସର ଏହି ଗୁରୁତ୍ୱପୂର୍ଣ୍ଣ ସହରଟି ପ୍ରାୟ ୮୦୦ ବର୍ଷ ପୂର୍ବେ ଏକ ଭୂକମ୍ପ ପରବର୍ତ୍ତୀ ଭୂସ୍ଖଳନ ଯୋଗୁଁ ଜଳମଗ୍ନ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି ।



## ସୋସିଆଲ କୋଟ୍ସ



ମିଡିଆକୁ ସବୁବେଳେ ଡ୍ରାମା ପସନ୍ଦ । ତେଣୁ ବେଳେବେଳେ ଏହି କାରଣରୁ ମୋ ପରିବାର ଖୁବ ହଇରାଣ ହୋଇଥାଏ । ସେହିଭଳି ସବୁବେଳେ ମୋ ବିବାଦଙ୍କୁ ଶିଳ୍ପାଙ୍କ ନାଁ ଟାଣିବା ଗ୍ରହଣୀୟ ନୁହେଁ ।

**ରାଜ କୁନ୍ଦ୍ରା, ଶିଳ୍ପପତି**



ଅନେକ ଦିନରୁ ସ୍ୱପ୍ନ ପୂରଣ ହୋଇଥିଲା । ବେଶ୍ କିଛି ଦିନରୁ ସବୁବେଳେ ଡ୍ରିମ୍ ଥିଲା କି ମୋ ଗୀତ ଟି ସିରିଜ୍‌ରେ କିଭଳି ବାଜିବ । ତାହା ଯେବେ ସତ ହୋଇଥିଲା ଖୁବ ଖୁସି ଲାଗିଥିଲା ।

**ଅଲ୍ଲୁ ଅର୍ଜୁନ, ଅଭିନେତା**



ଫିଲ୍ମ ତିସ୍ ତିଆରି କରିବାକୁ ଖୁବ ପରିଶ୍ରମ କରିଥିଲି । ହେଲେ ଏହାକୁ ନେବାକୁ ନେଟ୍‌ଫ୍ଲିକ୍ସ ମନା କରିଦେଇଥିଲା, ଯାହା ମତେ ଖୁବ ବାଧିଥିଲା । ସେତେବେଳେ ମୁଁ ଡିପ୍ରେସନକୁ ପଳେଇଥିଲି ।

**ଦିବାକର ବାନାର୍ଜୀ, ନିର୍ଦ୍ଦେଶକ**

## ତନୁଶ୍ରୀଙ୍କ ଅଭିଯୋଗ

ବରିଷ୍ଠ ଅଭିନେତା ନାନା ପାଟେକରଙ୍କ ମୃତ୍ୟୁ ଓ ତାଙ୍କ ଅନ୍ତିମ ସଂସ୍କାରକୁ ନେଇ ଅଭିନେତ୍ରୀ ତନୁଶ୍ରୀ ଦତ୍ତା ଏକ ଇନ୍‌ଷ୍ଟାଗ୍ରାମ୍ ଲାଇଭ୍ ମାଧ୍ୟମରେ କେତେକ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି । ତନୁଶ୍ରୀ ଅଭିଯୋଗ କରିଛନ୍ତି ଯେ, ବଲିଉଡ୍ କିମ୍ବା ଗଣମାଧ୍ୟମର କୌଣସି ବ୍ୟକ୍ତି ନାନା ପାଟେକରଙ୍କ ମୃତଦେହ ଦେଖିନାହାନ୍ତି ଏବଂ ଶ୍ରଦ୍ଧାଞ୍ଜଳି ଦେବା ପାଇଁ କୌଣସି ପ୍ରାର୍ଥନା ସଭାର ଆୟୋଜନ ମଧ୍ୟ କରାଯାଇନଥିଲା । ହିନ୍ଦୁ ପରମ୍ପରା ଅନୁସାରେ ସୂର୍ଯ୍ୟାସ୍ତ ପରେ ଦାହସଂସ୍କାର କରାଯାଉନଥିବା ସତ୍ତ୍ୱେ, ପୁଣେ ନିକଟସ୍ଥ ଡୋଞ୍ଜେ ଗ୍ରାମର ଏକ ଫାର୍ମହାଉସ୍‌ରେ ଅକ୍ଟୋବର ୮ ରାତିରେ ଅତି ତରବରିଆ ଭାବେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବା ନେଇ ସେ ସନ୍ଦେହ ପ୍ରକାଶ କରିଛନ୍ତି । ଏହାସହ ନାନାଙ୍କୁ ହସ୍ପିଟାଲ ନେବା, ମୃତ ଘୋଷଣା କରିବା କିମ୍ବା ପୋଷ୍ଟମର୍ଟମ୍‌ର କୌଣସି ଭିଡିଓ କିମ୍ବା ଫଟୋ ନଆସିବା ଏବଂ ଦାହସଂସ୍କାର ସମୟରେ ମୁହଁ ଢଙ୍କା ହୋଇଥିବା ନେଇ ସେ ଦାବି କରିଛନ୍ତି` ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ପୋଲିସ ତଦନ୍ତରୁ ବଞ୍ଚିବା ପାଇଁ ଜାଲ୍ ମୃତ୍ୟୁ ପ୍ରମାଣପତ୍ର ହାସଲ କରାଯାଇଥିବା ଏବଂ ନାନା ପାଟେକର ଜୀବିତ ଥାଇ ସିଙ୍ଗାପୁର କିମ୍ବା ମାଲେସିଆରେ ଥାଇପାରନ୍ତି ବୋଲି ସେ ଆଶଙ୍କା କରିଛନ୍ତି । ଯେଉଁଥିପାଇଁ ସେ ଡିଏନ୍‌ଏ ପରୀକ୍ଷା ଦାବି କରିଛନ୍ତି । ସୂଚନାଯୋଗ୍ୟ, ୨୦୦୪ର ଫେମିନା ମିସ୍ ଇଣ୍ଡିଆ ୟୁନିଭର୍ସ ବିଜେତ୍ରୀ ତନୁଶ୍ରୀ ଦତ୍ତା ୨୦୦୮ରେ 'ହର୍ଣ୍ଣ ଓକେ ପ୍ଲିଜ୍' ଫିଲ୍ମ ସୁଟିଂ ସମୟରେ ନାନାଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ । ଯାହା ୨୦୧୮ର ' #ମି ଟୁ ' ଆନ୍ଦୋଳନ ସମୟରେ ପୁଣି ଚର୍ଚ୍ଚାକୁ ଆସିଥିଲା, ଯଦିଓ ୨୦୧୯ ଜୁନ୍‌ରେ ପୋଲିସ ନାନା ପାଟେକରଙ୍କୁ କ୍ଲିନ୍ ଚିଟ୍ ଦେଇଥିଲା । ୨୦୨୪ରେ ଏକ ସାକ୍ଷାତକାରରେ ନାନା ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ମିଛ ବୋଲି କହିଥିଲେ ।





**ମେଷ:** ବ୍ୟବସାୟରେ ଉନ୍ନତି, ଶୁଭଖବର, ଶତ୍ରୁ ପରାଜିତ, ଅନୁଷ୍ଠାନରୁ ଲାଭ, ଶୁଭସମାଚାର, ଗୃହେ ଉତ୍ସବ, ଦ୍ରବ୍ୟପ୍ରାପ୍ତି, ବନ୍ଧୁଲାଭ, ସମ୍ପତ୍ତିଲାଭ, ସମ୍ମାନଲାଭ, ସନ୍ତାନଖୁସି, ଦାମ୍ପତ୍ୟସୁଖ । ଭରଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୨, ଆରାଧନା-ମା' ଭଗବତୀ ।

**ବୃଷ:** କାର୍ଯ୍ୟରେ ଅସନ୍ତୁଷ୍ଟ, ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ, ଶରୀର ସୁସ୍ଥ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦୂରଯାତ୍ରା, ମନସ୍ତାପ, ବନ୍ଧୁସାହାଯ୍ୟ, ସମ୍ପତ୍ତିବିବାଦ, ବିଦ୍ୟାରେ ଅସଫଳ, ଦାମ୍ପତ୍ୟ ସୁଖ । ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା- ମା' ମହାଲକ୍ଷ୍ମୀ ।

**ମିଥୁନ:** ଯାତ୍ରାରେ ଶୁଭ, ଦେବକାର୍ଯ୍ୟରେ ଆଗ୍ରହ, ଲୋକସମ୍ପର୍କ ବୃଦ୍ଧି, କର୍ମକ୍ଷେତ୍ରେ ଶାନ୍ତି, ବନ୍ଧୁସମସ୍ୟା, ଉଚ୍ଚଆଶାରେ ଲାଭ, ମାନସିକ ଶାନ୍ତି, ଅର୍ଥଲାଭ, ଦ୍ରବ୍ୟପ୍ରାପ୍ତି, ସୁସମାଚାର, ମାମଲା ସମାଧାନ । ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୭, ଆରାଧନା-ପ୍ରଭୁ ଗଣେଶ ।

**କର୍କଟ:** ବନ୍ଧୁ ମିଳନ ସମ୍ପତ୍ତିଲାଭ, ନୂତନ କାର୍ଯ୍ୟରେ ଖୁସି, ବ୍ୟବସାୟିକ ଖୁସି, ଶରୀର ସୁସ୍ଥ, ବିବାଦ ସମାଧାନ, କର୍ମକ୍ଷେତ୍ରେ ଅଳ୍ପ ଅଶାନ୍ତି, ଦେବକାର୍ଯ୍ୟରେ ଲାଭ, ଶୁଭଖବର, ସନ୍ତାନଲାଭ । ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା- ୯, ଆରାଧନା-ପ୍ରଭୁ ହନୁମାନ ।

**ସିଂହ:** ବନ୍ଧୁସାହାଯ୍ୟ, କର୍ମେ ସଫଳ, ପଦବୀ ସମସ୍ୟା, ସ୍ୱାସ୍ଥ୍ୟଲାଭ, ଅର୍ଥଲାଭ, ସ୍ୱଜନ ବିରୋଧ, ବ୍ୟବସାୟିକ କଷ୍ଟ, ଦାମ୍ପତ୍ୟ କଳହ, ସନ୍ତାନ ସମସ୍ୟା । ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସିଲଭର, ସଂଖ୍ୟା-୬, ଆରାଧନା-ମା' ବିମଳା ।

**କନ୍ୟା:** ଶରୀର ଅସୁସ୍ଥ, କାର୍ଯ୍ୟରେ ବିଳମ୍ବ, ଉଚ୍ଚଆଶାରେ ବିଳମ୍ବ, ଅର୍ଥ ସମସ୍ୟା, ପାରିବାରିକ ସହଯୋଗ, ବ୍ୟବସାୟରେ ସ୍ୱଳ୍ପ ଲାଭ, ପୁରାତନ ବିବାଦ, ଦାମ୍ପତ୍ୟସୁଖ, ସମ୍ପତ୍ତିଖୁସି, ବିଦ୍ୟାରେ ସଫଳ । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୩, ଆରାଧନା-ମା' ବଗଳାମୁଖୀ ।

**ତୁଳା:** ମାନସିକ ଶାନ୍ତି, ବନ୍ଧୁସାହାଯ୍ୟ, ଅର୍ଥଲାଭ, ସୁସମାଚାର, ଲୋକସମ୍ପର୍କରେ ବାଧା, ଆଶା ସଫଳ ଗୃହେ ଶୁଭ ଆଲୋଚନା, ଶରୀର ସୁସ୍ଥ, ସନ୍ତାନଖୁସି, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଖୁସି ରହିବେ । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ଶଙ୍କର ଭଗବାନ ।

**ବିଛା:** ସ୍ୱାସ୍ଥ୍ୟରେ ଉନ୍ନତି, ସୁସମ୍ପର୍କ, ସମ୍ପତ୍ତିଲାଭ, ଶୁଭଖବର, କାର୍ଯ୍ୟବ୍ୟସ୍ତତା, ଗୃହେ ଉତ୍ସବ, ଅତିଥି ଲାଭ, ଅର୍ଥଲାଭ, ବିବାଦ ସମାଧାନ, ବନ୍ଧୁ ସହଯୋଗ, ସ୍ୱାଦିଷ୍ଟ ଭୋଜନପ୍ରାପ୍ତି, ସମ୍ମାନ ପ୍ରାପ୍ତି, ବିଦ୍ୟାରେ ଲାଭ । ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା- ୯, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ:** ସମ୍ମାନ ବୃଦ୍ଧି, ବ୍ୟବସାୟରେ ଲାଭ, କର୍ମେ ଆନନ୍ଦ, ଶରୀର କଷ୍ଟ, ଶୁଭକାର୍ଯ୍ୟରେ ବିଳମ୍ବ, ସହକର୍ମୀଙ୍କ ସହ ମତଭେଦ, ଦ୍ରବ୍ୟଲାଭ, ପୁରାତନ କାର୍ଯ୍ୟ ପ୍ରତି ଆସକ୍ତ, ଦାମ୍ପତ୍ୟସୁଖ, ଗୃହେ ସହଯୋଗ । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା-ମା' ଦକ୍ଷିଣକାଳୀ ।

**ମକର:** ରାଜଦଣ୍ଡ ଭୋଗ, ଶତ୍ରୁସମସ୍ୟା, ଆଶାରେ ବାଧା, ଲୋକସମ୍ପର୍କ ବୃଦ୍ଧି, ଦ୍ରବ୍ୟନଷ୍ଟ, ବ୍ୟକ୍ତି ସହାୟତା, ବନ୍ଧୁଲାଭ, ଗୃହେ ମନାନ୍ତର, ଶରୀର ସୁସ୍ଥ, ଶୁଭ ଆଲୋଚନା, ଦୂରଯାତ୍ରା, କିଛି କାର୍ଯ୍ୟରେ ବିବାଦ । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୬, ଆରାଧନା-ମା' କାଳୀ ।

**କୁମ୍ଭ:** କାର୍ଯ୍ୟରେ ସଫଳ, ଅର୍ଥଲାଭ, ଦାମ୍ପତ୍ୟସୁଖ, ବନ୍ଧୁ ସାହାଯ୍ୟ, ଦୂରଯାତ୍ରାରେ ସତର୍କ, ସମ୍ପତ୍ତି ବିବାଦ, ସନ୍ତାନ ସମସ୍ୟା, ବ୍ୟକ୍ତି ସହାୟତା, ଶୁଭଖବର, ସ୍ୱାସ୍ଥ୍ୟଲାଭ, ଧର୍ମକାର୍ଯ୍ୟରେ ଆନନ୍ଦ, ସ୍ୱାଦିଷ୍ଟ ଭୋଜନ । ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗେଣି, ସଂଖ୍ୟା-୮, ଆରାଧନା- ପ୍ରଭୁ ରାଧାବଲ୍ଲଭ ସରକାର ।

**ମୀନ:** ଶୁଭଖବର, ବ୍ୟବସାୟରେ ସ୍ୱଳ୍ପଲାଭ, ଦ୍ରବ୍ୟପ୍ରାପ୍ତି, ସମ୍ମାନପ୍ରାପ୍ତି, ବାକିକାର୍ଯ୍ୟରେ ଲାଭ, ସମ୍ପତ୍ତିଲାଭ, ବିବାଦ ସମାଧାନ, ଉଚ୍ଚଆଶା ବିଫଳ, ସନ୍ତାନ ସମସ୍ୟା, ଉତ୍ସବ ପ୍ରତି ଆଗ୍ରହ, ହଠାତ୍ ଅର୍ଥଲାଭ । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୧, ଆରାଧନା- ମା' ଲକ୍ଷ୍ମୀ ।

**ଆଶ୍ୱିନ ଶୁକ୍ଳ ପକ୍ଷ ପଞ୍ଚମୀ**
**୧୫.୧୦.୨୦୨୬, ଗୁରୁବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



ରାଜ୍ୟପାଳ ଡ. ହରିବାବୁ କୁମ୍ଭମପାଟିଙ୍କ ସମ୍ମାନାର୍ଥେ ଆୟୋଜିତ ବିଦାୟକାଳୀନ ରାତ୍ର ଭୋଜନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ୍ ଟଣ୍ଡନ, ବରିଷ୍ଠ ମନ୍ତ୍ରୀ ଓ ଅଧିକାରୀ ଗଣ ।

### ହାଜତ ମୃତ୍ୟୁ ମାମଲାରେ ୩ ପୁଲିସ୍ ଅଧିକାରୀଙ୍କୁ ମିଳିଲାନି ଜାମିନ

## ହାଜତ କାହାର ମୃତ୍ୟୁ ପାଇଁ ନିର୍ମାଣ ହୋଇନି : ହାଇକୋର୍ଟ

କଟକ, (ସବ୍ୟୁ): ଥାନା ହାଜତରେ ମୃତ୍ୟୁ ମାମଲାକୁ ନେଇ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି ଓଡ଼ିଶା ହାଇକୋର୍ଟ। ଏହି ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ତିନି ପୁଲିସ୍ ଅଧିକାରୀଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଆଇନର ରକ୍ଷକ ହୋଇ ନାଗରିକଙ୍କ ସୁରକ୍ଷା ଦେବା ପରିବର୍ତ୍ତେ ଯଦି ପୁଲିସ୍ ନିଜେ ଅପରାଧିକ କାର୍ଯ୍ୟରେ ଲିପ୍ତ ହୁଏ, ତେବେ ତାହାକୁ ହାଲୁକା ଭାବେ ନିଆଯାଇପାରିବ ନାହିଁ ବୋଲି ଅଦାଲତ ଗୁରୁତ୍ୱାରୋପ କରିଛନ୍ତି।ବିଚାରପତି ଜଷ୍ଟିସ୍ ଭି. ନରସିଂହ ଏହି ମାମଲାର ଶୁଣାଣି କରି କହିଛନ୍ତି, ସମାଜ ଆଇନ ଦ୍ୱାରା ପରିଚାଳିତ। ଥାନା ହାଜତରେ ଶୃଙ୍ଖଳା ରକ୍ଷା କରିବା ଆବଶ୍ୟକ। ହାଜତ କାହାର ମୃତ୍ୟୁ ପାଇଁ ନିର୍ମାଣ ହୋଇନାହିଁ କିମ୍ବା ସେଠାରେ କାହାର ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ କରିବାକୁ ପୁଲିସ୍‌କୁ ଲାଇସେନ୍ସ ଦିଆଯାଇନାହିଁ। ହାଜତ ମୃତ୍ୟୁ ଭଳି ଗୁରୁତର ଘଟଣାରେ ଅଦାଲତଙ୍କ ଏହି ମତ ବେଶ୍ ଗୁରୁତ୍ୱ ବହନ କରୁଛି।ଜାମିନ ଖାରଜ ହୋଇଥିବା ତିନି ଅଧିକାରୀ ହେଲେ କନଷ୍ଟେବଲ ଦେବେନ୍ଦ୍ର କୁମାର ପାଇକ, ଅତିରିକ୍ତ ପୁଲିସ୍ ସବ୍‌ଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ବେହେରା ଏବଂ ସବ୍‌ଇନ୍ସପେକ୍ଟର ଶିବପ୍ରସାଦ ସାହୁ। ତେବେ ଆବେଦନକାରୀ ଚାହିଁଲେ ପୁନର୍ବାର ନିମ୍ନ ଅଦାଲତରେ ଜାମିନ ଆବେଦନ କରିପାରିବେ ଏବଂ ସେଠାରେ ମାମଲାର ଗୁରୁତ୍ୱ ଆଧାରରେ ବିଚାର କରାଯିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୭ ଜାନୁଆରୀ ୩୦ରେ ଉପରୋକ୍ତ ତିନି ପୁଲିସ୍ ଅଧିକାରୀ ୧୪ଟି ସଙ୍ଗୀନ ଅପରାଧରେ ସମ୍ପୃକ୍ତ ଥିବା ଆକାଶ ମହୁରିଆଙ୍କୁ ଗିରଫ କରିବାକୁ ଯାଇଥିଲେ। ପୁଲିସର କହିବା ଅନୁଯାୟୀ, ଗିରଫଦାରୀରୁ ବର୍ତ୍ତିବା ପାଇଁ ଆକାଶ ମୋଟରସାଇକେଲ୍‌ରେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ କେନାଲ ବନ୍ଧ ରାସ୍ତାରେ ସେ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ପୁଲିସ ତାଙ୍କୁ ପ୍ରଥମେ ଜୟପୁର ହସ୍ପିଟାଲ ଏବଂ ପରେ କୋରାପୁଟ ଜିଲ୍ଲା ହସ୍ପିଟାଲକୁ ନେଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆକାଶଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସବ୍‌ଇନ୍ସପେକ୍ଟର ଶିବପ୍ରସାଦ ସାହୁ ନିଜ ଆଡୁ ଜୟପୁର ଥାନାରେ ଏତଲା ଦେଇଥିଲେ। ଏତଲାରେ ଦୁର୍ଘଟଣା ଯୋଗୁଁ ଆକାଶଙ୍କ ମୃତ୍ୟୁ ହୋଇଥିବା ଦର୍ଶାଯାଇଥିଲା। ପୁଲିସର ଏହି ଏତଲାରେ ସନ୍ତୁଷ୍ଟ ନଥିଲେ ଆକାଶଙ୍କ ମାଦ। ସେ ଏହି ଘଟଣାକୁ ନେଇ ରାଜ୍ୟ ମାନବାଧିକାର କମିସନଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଗୁରୁତ୍ୱର ସହ ନେଇ କମିସନ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ।

କ୍ରାଇମବ୍ରାଞ୍ଚ ତଦନ୍ତ ପରେ ୨୦୨୫ ଅଗଷ୍ଟ ୨୯ରେ ତିନି ପୁଲିସ୍ ଅଧିକାରୀଙ୍କୁ ଗିରଫ କରାଯାଇଥିଲା। ସେବେଠାରୁ ସେମାନେ ଜେଲ୍‌ରେ ଅଛନ୍ତି। ନିମ୍ନ ଅଦାଲତରେ ଜାମିନ ଆବେଦନ ଖାରଜ ହେବା ପରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଜିର ଶୁଣାଣୀ ବେଳେ ଅଦାଲତ ମୋଟରସାଇକେଲରୁ ପଡ଼ି ଆକାଶ ଆହତ ହେବା ପରେ ମୃତ୍ୟୁବରଣ କରିଥିବା ନେଇ ଦିଆଯାଇଥିବା ବିବରଣୀ ସମ୍ପୂର୍ଣ୍ଣ ଗ୍ରହଣୀୟ ନୁହେଁ ବୋଲି କହିଥିଲେ । ଅପରପକ୍ଷେ ଅଭିଯୁକ୍ତ ପୁଲିସ୍ ଅଧିକାରୀମାନେ ଦୀର୍ଘ ସମୟ ଜେଲ୍‌ରେ ରହିଥିବା ଆଧାରରେ ସେମାନଙ୍କୁ ଜାମିନ ଦିଆଯାଇପାରିବ ନାହିଁ ବୋଲି କହିଥିଲେ।ନାଗରିକଙ୍କୁ ସୁରକ୍ଷା ଦେବା ଯେଉଁମାନଙ୍କର ଦାୟିତ୍ୱ, ସେମାନଙ୍କ ବିରୋଧରେ ଅପରାଧିକ କାର୍ଯ୍ୟର ଅଭିଯୋଗ ଆସିବା ଗୁରୁତର ବିଷୟ ବୋଲି ଅଦାଲତ ମତ ଦେଇଛନ୍ତି। ମୃତକଙ୍କ ମେଡିକାଲ ରିପୋର୍ଟ, ବିଭିନ୍ନ ଦସ୍ତାବିଜ୍, ସାକ୍ଷୀ ଓ ଉପଲବ୍ଧ ପ୍ରମାଣକୁ ବିଚାରକୁ ନେଇ ହାଇକୋର୍ଟ ଜାମିନ ଦେବାକୁ ମନା କରିଛନ୍ତି।

## ମିଳିତ ପୋଲିସ ସେବା ପରୀକ୍ଷା ନିମନ୍ତେ ପ୍ରାର୍ଥୀମାନଙ୍କ ତଥ୍ୟର ଅନ୍-ଲାଇନ ଆବେଦନ

ଭୁବନେଶ୍ୱର, (ସବ୍ୟୁ) : ମିଳିତ ପୋଲିସ ସେବା ପରୀକ୍ଷା-୨୦୨୪ ଉପ-ନିରୀକ୍ଷକ ସ୍ତରୀୟ ପରୀକ୍ଷା ପାଇଁ ଆବେଦନ କରିଥିବା ସମସ୍ତ ପ୍ରାର୍ଥୀନୀ/ ପ୍ରାର୍ଥୀଙ୍କୁ (ବୟସ ସୀମା କୋହଳ ବ୍ୟବସ୍ଥା ଅଧୀନରେ ଯୋଗ୍ୟ ପ୍ରାର୍ଥୀନୀ/ ପ୍ରାର୍ଥୀଙ୍କ ସମେତ) ୱେବସାଇଟରେ ଲଗ୍-ଇନ୍ ପୂର୍ବକ ୧୫ ତାରିଖ (ପୂର୍ବାହ୍ନ ୧୦ ଘଣ୍ଟା) ଠାରୁ ତା ୨୯.୧୦.୨୦୨୬ (ପୂର୍ବାହ୍ନ ୧୦ ଘଣ୍ଟା ଠାରୁ ରାତ୍ର ୧୦ ଘଣ୍ଟା) ମଧ୍ୟରେ ନିଜର ତଥ୍ୟ ପ୍ରଦାନ ନିମନ୍ତେ ଜଣାଇ ଦିଆଯାଇଛି । ଏହି ତଥ୍ୟକୁ ପରୀକ୍ଷାର ସମସ୍ତ ପରବର୍ତ୍ତୀ ପର୍ଯ୍ୟାୟ ଏବଂ ସମ୍ପୃକ୍ତ କାର୍ଯ୍ୟ ପାଇଁ ଚୂଡ଼ାନ୍ତ ବୋଲି ବିବେଚନା କରାଯିବ । ଏ ସଂପର୍କରେ ଓଡ଼ିଶା ୟୁନିଫାଏଡ୍ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ କମିଶନ କାର୍ଯ୍ୟାଳୟ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଆବେଦନ କରିଥିବା ସମସ୍ତ ପ୍ରାର୍ଥିନୀ/ପ୍ରାର୍ଥୀଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଇଛି ।

## ଯୌତୁକ ପ୍ରଥା ଓ ଘରୋଇ ହିଂସା ନିବାରଣ ସଂକ୍ରାନ୍ତୀୟ କର୍ମଶାଳା

କଟକ,(ସବ୍ୟୁ): ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ଘରୋଇ ହିଂସା ଓ ଯୌତୁକ ପ୍ରଥା ଭଳି ସାମାଜିକ ବ୍ୟାଧିର ନିବାରଣ ଉଦ୍ଦେଶ୍ୟରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ମହିଳାଙ୍କ ଅଧିକାରର ସୁରକ୍ଷା ଏବଂ ଘରୋଇ ହିଂସା ଓ ଯୌତୁକଜନିତ ନିର୍ଯାତନାର ମୂଳୋତ୍ପାଟନ ପାଇଁ ଜନସଚେତନତା ଓ ସାମୂହିକ ଉଦ୍ୟମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମହିଳାମାନେ କେବଳ ଆଇନଗତ ସହାୟତା ଉପରେ ନିର୍ଭର ନକରି ନିଜର ଅଧିକାର, ଆଇନଗତ ବ୍ୟବସ୍ଥା ଏବଂ ଉପଲବ୍ଧ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସଚେତନ ହେବା ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ। ଏଥିସହ ଜିଲ୍ଲାରେ ଘରୋଇ ହିଂସା ଓ ଯୌତୁକଜନିତ ନିର୍ଯାତନାର ପ୍ରତିରୋଧ, ପୀଡ଼ିତାଙ୍କୁ ତ୍ୱରିତ ସହାୟତା ପ୍ରଦାନ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସୁଦୃଢ଼ କରିବା ନିମନ୍ତେ ଏକ ସୁସ୍ପଷ୍ଟ ମାନକ କାର୍ଯ୍ୟପଦ୍ଧତି (ଏସଓପି) ପ୍ରସ୍ତୁତ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ବିନୋଦିନୀ ବେହେରା, ପୁଲିସ ଅଧିକାରୀ ପ୍ରତିମା ବେହେରା ଏବଂ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ମାନସ କୁମାର ବିଶ୍ୱାଳଙ୍କ ସମେତ ବିଷୟ ବିଶେଷଜ୍ଞ ଶର୍ମିଷ୍ଠା ନାଥ, ଅନୁରାଧା ମହାନ୍ତି ଓ ସରିତା ଦାସ ଯୋଗଦେଇ ଘରୋଇ ହିଂସା ନିବାରଣ ଆଇନ, ଯୌତୁକ ନିଷେଧ ଆଇନ, ମହିଳାଙ୍କ ଆଇନଗତ ଅଧିକାର ଏବଂ ଘରୋଇ ହିଂସା ଓ ଯୌତୁକ ପ୍ରଥା ଭଳି ସାମାଜିକ ସମସ୍ୟାଗୁଡ଼ିକର ପ୍ରତିରୋଧ ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ ), ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ପୋଷଣ ଅଭିଯାନର ବ୍ଲକ୍ ସଂଯୋଜକ, ଅଙ୍ଗନବାଡ଼ି କର୍ମୀ, ଆଇସିଡିଏସ୍ ସୁପରଭାଇଜର, କିଶୋରୀ ଏବଂ ମିଶନ ଶକ୍ତିର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।

### ମା’ ହେଲା ସିଂହୀ ଶ୍ରେୟା

## ଘଡ଼ିଆଳ ଛୁଆଙ୍କ ମତ୍ୟୁକୁ ନେଇ ଚିନ୍ତା

ବାରଙ୍ଗ, (ସବ୍ୟୁ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଗୋଟିଏ ପଟେ ନୂଆ ଅତିଥିଙ୍କ ଆଗମନ ଖୁସି ଆଣିଥିବା ବେଳେ ଅନ୍ୟପଟେ ଘଡ଼ିଆଳ ଖୁଆଡ଼ରେ କ୍ରମାଗତ ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି ।ସୂଚନା ଅନୁସାରେ, ସିଂହୀ ଶ୍ରେୟା ଗୋଟିଏ ଶାବକକୁ ଜନ୍ମ ଦେଇଛି । ଶ୍ରେୟାର ବୟସ କମ ଥିବାରୁ ସେ ଶାବକକୁ ଗ୍ରହଣ କରୁନଥିବା ସୂଚନା ମିଳିଛି । ବର୍ତ୍ତମାନ ଶାବକଟିକୁ ଶିଶୁ ଲାଳନପାଳନ କେନ୍ଦ୍ରରେ ରଖାଯାଇ ଯନି ନିଆଯାଉଛି । ଉଲ୍ଲେଖଯୋଗ୍ୟ ଯେ, ୨୦୨୪ ଅଗଷ୍ଟ ୮ରେ ସିଂହୀ ବିଜୁଳି ଓ ସିଂହ ସମ୍ରାଟଙ୍କ ଔରସରୁ ଧ୍ରୁବ, ହର୍ଷ ଓ ଶ୍ରେୟା ଜନ୍ମ ନେଇଥିଲେ ।ଅନ୍ୟପକ୍ଷରେ, ଘଡ଼ିଆଳ ଖୁଆଡ଼ରେ ପୁଣି ଦୁଇଟି ଛୁଆଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଏହାକୁ ମିଶାଇ ଗତ ୨୦ ଦିନ ମଧ୍ୟରେ ମୋଟ ୫ଟି କୁମ୍ଭୀରଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ମୃତ୍ୟୁର ସଠିକ କାରଣ ଜଣାପଡ଼ିନାହିଁ, ମୃତଦେହର ବ୍ୟବଚ୍ଛେଦ କରାଯାଇଛି ଏବଂ ରିପୋର୍ଟକୁ ଅପେକ୍ଷା କରାଯାଇଛି । ଘଡ଼ିଆଳ କୁମ୍ଭୀରର କ୍ରମାଗତ ମୃତ୍ୟୁ ପରେ ଖୁଆଡ଼ର ପାଣି ଓ ଖାଦ୍ୟର ମାନ ଏବଂ ସଓ୍ୱାସ୍ଥ୍ୟ ପରିଚାଳନାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଛି ।ଏ ସମ୍ପର୍କରେ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି ।

## ଷୋଳପୁଅ ମା’ ଙ୍କ ବାର୍ଷିକୋତ୍ସବ

ଚୌଦ୍ୱାର, (ସବ୍ୟୁ) : ଚୌଦ୍ୱାର ପୌରପାଳିକା ୯ନମ୍ବର ୱାର୍ଡ଼ ଅଧିନ ଟେକ୍ନିକାଲ କଲୋନୀରେ ତେଲୁଗୁ ସମ୍ପ୍ରଦାୟର ଆରାଧ୍ୟା ଦେବୀ ଷୋଳପୁଅ ମା’ ଠାକୁରାଣୀଙ୍କ ବାର୍ଷିକୋତ୍ସବ ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । କଲୋନୀର ଜୟଦୂର୍ଗା ଯୁବକ ସଂଘ ଆନୁକୁଲ୍ୟରେ ଆୟୋଜିତ ଏହି ଉତ୍ସବରେ ସ୍ଥାନୀୟ ବାସିନ୍ଦାମାନେ ମଙ୍ଗଳବାର ସକାଳେ ପବିତ୍ର ବିରୂପା କୂଳକୁ ଯାଇ ମା’ଙ୍କ ଘଟ ସ୍ଥାପନ କରି ପୂଜାର୍ଚ୍ଚନା କରିବା ପରେ ମା’ଙ୍କୁ ନିମନ୍ତ୍ରଣ କରି ବାଜା ଓ ରୋଷଣି କରି ଶୋଭାଯାତ୍ରାରେ ନିଜ ସାହିକୁ ଆଣିଥିଲେ । ସାରାଦିନ ବ୍ୟାପି ମାଙ୍କ ପୂଜାର୍ଚ୍ଚନା ପରେ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ମା’ଙ୍କୁ ସାହି ପରିକ୍ରମା କରାଇ ସାହିସ୍ଥିତ ସୋଲାପୁରି ମନ୍ଦିରରେ ମା’ଙ୍କ ଘଟକୁ ବିଦାୟ ଦେଇଥିଲେ । ଶୋଭାଯାତ୍ରାରେ ମା’ କାଳୀଙ୍କ ନୃତ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା । ଏହି କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ସୁବ୍ରତ ସାମଲ, ରାଜେନ୍ଦ୍ର ମହାରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସାହି ବାସିନ୍ଦା ମାନଙ୍କୁ ଉତ୍ସାହିତ କରିଥିଲେ । ସୂଚନାଯୋଗ୍ୟ ଯେ ଟେକ୍ନିକାଲ କଲୋନୀରେ ବସବାସ କରୁଥିବା ତେଲୁଗୁ ଲୋକେ ଆଜକୁ ଦୀର୍ଘ ୯୦ବର୍ଷ ଧରି ଏହି ଉତ୍ସବ ଆୟୋଜନ କରିଆସୁଛନ୍ତି । ବିଶ୍ୱାସ ରହିଛିଯେ ମା’ଙ୍କୁ ପୂଜା କଲେ ସାହି ଓ ସାହି ବାସିନ୍ଦାଙ୍କ ପ୍ରତି କୌଣସି ବିପଦ ଆସେନାହିଁ । ଯୁବକ ସଂଘର ସଭାପତି ଜାମି ତ୍ରିନାଥ ଓ ସମ୍ପାଦକ ଜେ. ଧର୍ମରାଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜେ. ରାମକ୍ରିଷ୍ଣା,ରବୀନ୍ଦ୍ର କୁମାର ପାଣ୍ଡେ,ବି. ଶଙ୍କର ରାଓ, ତପନ ନାୟକ, ଡି.ରାଜୁ, ଲିଙ୍ଗରାଜ ଚୌଧୁରୀ, ବି. ବାବୁଲା, ବି. ନିଳକଣ୍ଠ, ଧୀର ପ୍ରଧାନ, ଜି. ବବୁଲୁ, କେ. କ୍ରିଷ୍ଣା, ବି. ଚିନ୍ନାରାଓ, ବି. ୟମନା ରେଡ୍ଡି ପ୍ରମୁଖଙ୍କ ସମେତ ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ଓ ଗ୍ରାମର ସମସ୍ତ ମହିଳା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା

ପିପିଲ,(ସବ୍ୟୁ) :ପିପିଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃକର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ବିକ୍ରମ କେଶରୀ ସିଂହ କାର୍ଯ୍ୟକ୍ରମକୁ ଉ"ାଟନ କରିବା ଅବସରରେ ଶିଶୁମାନଙ୍କୁ ଉତ୍ତମ ନାଗରିକ ଭାବେ ଗଢିତୋଳିବା ଦିଗରେ ମାଆ ମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟଅତିଥି ଭାବେ ପିପିଲି ସଂକୁଳ ଶିଶୁବାଟିକା ପ୍ରମୁଖ ତନୁଶ୍ରୀ ଦାଶ ଯୋଗଦେଇ ବିଭିନ୍ନ ପରାମର୍ଶ ଦେଇଥିଲେ । ଶିଶୁମାନଙ୍କୁ କେବଳ ପରିବାରର ସଂପତ୍ତି ବୋଲି ନଭାବି ଦେଶରେ ସଂପତ୍ତି ବୋଲି ଭାବିବା ଓ ସମାଜ ଗଠନ ଦିଗରେ ସେମାନଙ୍କୁ ଉପଯୁକ୍ତ ଭାବେ ଗଢିତୋଳିବା ପାଇଁ ବିଦ୍ୟାମନ୍ଦିର ପରିଚାଳନା ସମିତିର ସଂପାଦକ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି ଉପସ୍ଥିତ ମାଆ ମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ସମିତିର କୋଷାଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ସହସଂପାଦକ ରମାକାନ୍ତ ନାୟକ ପ୍ରମୁଖ ଯୋଗଦେଇ ସୁସ୍ଥ ସମାଜ ଗଠନରେ ମାଆ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ପ୍ରଧାନାଚାର୍ଯ୍ୟ ଅଭିରାମ ସେଠୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିବା ବେଳେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ତଥା ପିପିଲି ସଂକୁଳ ସହ-ଶିଶୁବାଟିକା ପ୍ରମୁଖ ସୁଧାଂଶୁବାଳା ମହାନ୍ତି ସଓ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଅଭିଭାବିକାମାନଙ୍କ ମଧ୍ୟରେ ଯୋଗ, ବ୍ୟାୟାମ ଓ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାମନ୍ଦିର ଶିଶୁବାଟିକା ପ୍ରମୁଖ ଜ୍ୟୋତ୍ସ୍ନାରାଣୀ ମିଶ୍ର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରଥିଲେ ।

## ନୂଆ ପଥ ଦେଖାଉଛନ୍ତି ଓଡ଼ିଶାର ପ୍ରଥମ ମହିଳା ଇଲେକ୍ଟ୍ରିକ୍ ବସ୍ ଚାଳକ

ଭୁବନେଶ୍ୱର, (ସବ୍ୟୁ) : ପ୍ରତିଦିନ ସକାଳେ କେନ୍ଦୁଝରର ରାସ୍ତାରେ ଗଡ଼ିଥାଏ ଏକ ଇଲେକ୍ଟ୍ରିକ୍ ବସ୍। ଯାତ୍ରୀଙ୍କୁ ନିଜ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ପାଇଁ ଆଗକୁ ବଢୁଥିବା ଏହି ବସ୍‌ର ଷ୍ଟିଅରିଂ ଧରିଥାନ୍ତି ଶୁଭଲକ୍ଷ୍ମୀ ମହାନନ୍ଦ। ଯାତ୍ରୀଙ୍କ ପାଇଁ ଏହା ହୁଏତ ଦୈନନ୍ଦିନ ଯାତାୟାତର ଏକ ଅଂଶ। କିନ୍ତୁ ଶୁଭଲକ୍ଷ୍ମୀଙ୍କ ପାଇଁ ଏହା ଏକ ସ୍ୱତନ୍ତ୍ର ପରିଚୟର ଯାତ୍ରା। ସେ ହେଉଛନ୍ତି ଓଡ଼ିଶାର ପ୍ରଥମ ମହିଳା ଇଲେକ୍ଟ୍ରିକ୍ ବସ୍ ଚାଳକ। ଦୀର୍ଘଦିନ ଧରି ପୁରୁଷପ୍ରଧାନ ବୃତ୍ତି ଭାବେ ପରିଚିତ ବସ୍ ଚାଳନା କ୍ଷେତ୍ରରେ ଶୁଭଲକ୍ଷ୍ମୀଙ୍କ ଉପସ୍ଥିତି ଏକ ବଦଳୁଥିବା ସମୟର ସଙ୍କେତ। ଏହି କାର୍ଯ୍ୟ ପାଇଁ କେବଳ ଗାଡ଼ି ଚାଳନାର ଦକ୍ଷତା ଯଥେଷ୍ଟ ନୁହେଁ ଏଥିପାଇଁ ଆବଶ୍ୟକ ଏକାଗ୍ରତା, ଶୃଙ୍ଖଳା, ରାସ୍ତାର ପରିସ୍ଥିତି ପ୍ରତି ସତର୍କତା ଏବଂ ପ୍ରତ୍ୟେକ ଯାତ୍ରୀଙ୍କ ସୁରକ୍ଷା ପ୍ରତି ଦାୟିତ୍ୱବୋଧ। ଏହି ଦାୟିତ୍ୱ ତୁଲାଇ ଶୁଭଲକ୍ଷ୍ମୀ ପ୍ରମାଣ କରୁଛନ୍ତି ଯେ ଦକ୍ଷତାର କୌଣସି ଲିଙ୍ଗ ନାହିଁ। କ୍ୟାପିଟାଲ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ଅଧୀନରେ କାର୍ଯ୍ୟରତ ଶୁଭଲକ୍ଷ୍ମୀଙ୍କ ଏହି ଯାତ୍ରା କେବଳ ବୃତ୍ତିଗତ ସଫଳତାର କାହାଣୀ ନୁହେଁ, ବରଂ ମହିଳାଙ୍କ ଆର୍ଥିକ ସ୍ୱାଧୀନତା ଓ କର୍ମକ୍ଷେତ୍ରରେ ସମାନ ସୁଯୋଗର ଗୁରୁତ୍ୱକୁ ମଧ୍ୟ ଉଜାଗର କରୁଛି। ପରିବହନ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଲେ ନିଯୁକ୍ତିର ନୂଆ ଦିଗ ଖୋଲିବା ସହ ପାରମ୍ପରିକ ଧାରଣାରେ ମଧ୍ୟ ପରିବର୍ତ୍ତନ ଆସିପାରିବ। ଶୁଭଲକ୍ଷ୍ମୀଙ୍କ ଉଦାହରଣ ଅନ୍ୟ ମହିଳାଙ୍କୁ ଏପରି ବୃତ୍ତିକୁ ନିଜ କ୍ୟାରିୟର୍ ଭାବେ ବାଛିବା ପାଇଁ ପ୍ରେରିତ କରିପାରେ। ଏହି ପରିବର୍ତ୍ତନର ଆଉ ଏକ ଦିଗ ହେଉଛି ପରିବେଶ ଅନୁକୂଳ ସାର୍ବଜନୀନ ପରିବହନ। କେନ୍ଦୁଝରରେ



୨୫ଟି ଇଲେକ୍ଟ୍ରିକ୍ ବସ୍ ଏବଂ ଏକ ସ୍ୱତନ୍ତ୍ର ଆମ ବସ୍ ଡିପୋ ରହିଛି। ଇଲେକ୍ଟ୍ରିକ୍ ବସ୍‌ର ବ୍ୟବହାର ସ୍ଥାନୀୟ ସ୍ତରରେ ଧୂଆଁଜନିତ ବାୟୁ ପ୍ରଦୂଷଣ ହ୍ରାସ କରିବାରେ ସହାୟକ ହେବା ସହ ସହରୀୟ ଯାତାୟାତକୁ ଅଧିକ ସ୍ୱଚ୍ଛ କରିବାର ସମ୍ଭାବନା ସୃଷ୍ଟି କରୁଛି। ଏହା ସହିତ ଏହି ପରିବହନ ବ୍ୟବସ୍ଥାରେ ଶୁଭଲକ୍ଷ୍ମୀଙ୍କ ଭଳି ମହିଳାଙ୍କ ଭୂମିକା ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଦିଗକୁ ସାମ୍ନାକୁ ଆଣୁଛି । ସ୍ୱଚ୍ଛ ପରିବହନ ସହ ସମାବେଶୀ ନିଯୁକ୍ତିର ସୁଯୋଗ ମଧ୍ୟ ଆଗକୁ ବଢ଼ିପାରେ। ଆସନ୍ତା ଅକ୍ଟୋବର ୨୩ ଓ ୨୪ ତାରିଖରେ ଭୁବନେଶ୍ୱରରେ ୧୯ତମ ଅର୍ବାନ୍ ମୋବିଲିଟି ଇଣ୍ଡିଆ ସମ୍ମିଳନୀ ଓ ପ୍ରଦର୍ଶନୀ ଆୟୋଜିତ ହେବାକୁ ଯାଉଛି। “ଡିଜିଟାଲ୍ ଯୁଗରେ ସହରୀୟ ସୁଗମ୍ୟତା ଓ ଜୀବନଧାରଣର ଗୁଣବତ୍ତା ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ସମ୍ମିଳନୀରେ ସହରୀୟ ପରିବହନର ଭବିଷ୍ୟତ, ସୁଗମ ଯାତାୟାତ ଏବଂ ସ୍ଥାୟୀ ପରିବହନ ବ୍ୟବସ୍ଥା ନେଇ ଆଲୋଚନା ହେବ। ଏହି ବ୍ୟାପକ ଆଲୋଚନା ମଧ୍ୟରେ ଶୁଭଲକ୍ଷ୍ମୀଙ୍କ ଭଳି ଚାଳକଙ୍କ ଅଭିଜ୍ଞତା ଏକ ମାନବୀୟ ଦିଗକୁ ଆଗକୁ ଆଣେ। କାରଣ, ସହରୀୟ ଗମନାଗମନର ସଫଳତା କେବଳ ଯାନବାହନ, ପ୍ରଯୁକ୍ତିବିଦ୍ୟା କିମ୍ବା ଭିତ୍ତିଭୂମିରେ ମାପି ହୁଏ ନାହିଁ। ଏହା ସହ ଜଡ଼ିତ ଲୋକଙ୍କ ଜୀବିକା, ସୁଯୋଗ ଓ ଅଂଶଗ୍ରହଣ ମଧ୍ୟ ସମାନ ଗୁରୁତ୍ୱ ବହନ କରେ। ଶୁଭଲକ୍ଷ୍ମୀଙ୍କ କାହାଣୀରେ କୌଣସି ବଡ଼ ଘୋଷଣା ନାହିଁ। ରହିଛି ନିଜ ଦାୟିତ୍ୱ ତୁଲାଇବାର ନିୟମିତତା, ଦକ୍ଷତା ଉପରେ ଭରସା ଏବଂ ନିଜ କାର୍ଯ୍ୟ ମାଧ୍ୟମରେ ନୂଆ ପରିଚୟ ଗଢ଼ିବାର ସୁଯୋଗ। ତାଙ୍କ ହାତରେ ଷ୍ଟିଅରିଂ ଥିବାବେଳେ ବସ୍ ଯେପରି ନିଜ ଗନ୍ତବ୍ୟ ଆଡ଼କୁ ଆଗେଇ ଚାଲେ, ସେହିପରି ତାଙ୍କ ଉଦାହରଣ ମଧ୍ୟ ସମାଜକୁ ଏକ ବ୍ୟାପକ ବାର୍ତ୍ତା ଦିଏ। ପ୍ରଗତିର ପ୍ରକୃତ ଅର୍ଥ କେବଳ ନୂଆ ରାସ୍ତା ନିର୍ମାଣ କିମ୍ବା ଆଧୁନିକ ଯାନ ଚଳାଚଳ ନୁହେଁ ବରଂ ସେହି ରାସ୍ତାରେ ପ୍ରତ୍ୟେକ ମଣିଷଙ୍କୁ ନିଜ ସାମର୍ଥ୍ୟ ପ୍ରମାଣ କରିବା ଓ ଆଗକୁ ବଢ଼ିବାର ସମାନ ସୁଯୋଗ ମିଳିବା।

## ଭରତପୁର ଥାନା ଅଞ୍ଚଳ ହିଟ୍ ଆଣ୍ଡ ରନ୍ ମାମଲା

## ଜେଲ୍‌ଗଲା ଅଭିଯୁକ୍ତ ଡ୍ରାଇଭର

ଭୁବନେଶ୍ୱର, (ସବ୍ୟୁ) : ଭରତପୁର ଥାନା ଅଞ୍ଚଳ ହିଟ୍ ଆଣ୍ଡ ରନ୍‌ରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଆହତ ହୋଇଥିଲେ । ବହୁ ଗାଡି ଭାଙ୍ଗିରୁଜି ଯାଇଥିଲା । ପୋଲିସ ଅଭିଯୁକ୍ତ କିଲ୍‌ର ସ୍କର୍ପିଓ ଡ୍ରାଇଭର ବୁବୁନ ଓରଫ ବାପୁଜୀ ବିଶ୍ୱବନ୍ଦନ ବିଶ୍ୱାଳ (୨୭)କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ସ୍କର୍ପିଓ ଓ ଅନ୍ୟ ତିନୋଟି ଭାଙ୍ଗିରୁଜି ଯାଇଥିବା ଗାଡିକୁ ପୋଲିସ ଜବତ କରିଛି ।

ଅଭିଯୋଗକାରୀ ରୋଶନଜିତ ବାରିକ କଟକ ତିଗିରିଆ ଅଞ୍ଚଳର ହୋଇଥିବା ବେଳେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ମାନସ ବାରିକ ତାଙ୍କ ଦାଦା । ଗତ ୧୩ ତାରିଖ ରାତି ସାଢେ ଆଠଟା ସମୟରେ ମୃତ ମାନସ ନିଜ ସ୍କୁଟର ଯୋଗେ ଘରକୁ ଫେରୁଥିବା ସମୟରେ ସମ୍ ହସ୍ପିଟାଲ ଡେଣ୍ଟାଲ କ୍ଲିନିକ୍ ନିକଟରେ ଅତି ଦ୍ରୁତ ଗତିରେ ବିପଜ୍ଜନକ ଭାବେ ସ୍କର୍ପିଓ ତାଙ୍କୁ ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ଅଭିଯୁକ୍ତ ଗାଡି ସହ ଘଟଣାସ୍ଥଳରୁ ଖସିଯିବାକୁ ଚେଷ୍ଟା କରିଥିଲା । ଏହି ସମୟରେ ସେ ଅନ୍ୟ ଜଣେ ସ୍କୁଟର ଚାଳକ ଓ ଆଉ ଦୁଇଜଣଙ୍କୁ ମଧ୍ୟ ଧକ୍କା ଦେଇଥିଲା । ଏହି ଘଟଣାରେ ମୋଟ ୪ଜଣ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକମାନେ ସମସ୍ତ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସମ୍ ହସ୍ପିଟାଲକୁ ନେଇଥିଲେ । ସେ ଡାକ୍ତର ମାନସଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ତିନିଜଣ ଆହତ ଚିକିତ୍ସିତ ହେଉଛନ୍ତି । ସ୍ଥାନୀୟ ଲୋକେମାନେ ଅଭିଯୁକ୍ତ ଡ୍ରାଇଭର ବୁବୁନକୁ ଘଟଣାସ୍ଥଳରେ କାବୁ କରିନେଇ ପୋଲିସ ଜିମା ଦେଇଥିଲେ । ପୋଲିସ ସେ ମଦ ପିଇଥିଲେ କି ନାହିଁ ପରୀକ୍ଷା କରିଥିବା ବେଳେ ଜଣାପଡିନଥିଲା । ଯାହା ଫଳରେ ପୋଲିସ ବୁବୁନ ଠାରୁ ରକ୍ତ ନମୂନା ସଂଗ୍ରହ କରି ପରୀକ୍ଷା ପାଇଁ ଫୋରେନ୍‌ସିକ ଲାବ୍‌କୁ ପଠାଇଥିବା କହିଛି । ସେ ମଦ ପିଇନଥିବା ବେଳେ ଅନ୍ୟ କିଛି ମାରାତ୍ମକ ଡ୍ରଗ୍ସ ଖାଇଥିବା ସନ୍ଦେହ କରି ପରୀକ୍ଷା ପାଇଁ ରକ୍ତ ନମୂନା ପଠାଇଯାଇଥିବା ପୋଲିସ କହିଛି । କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ସପ୍ତାହେ ମଧ୍ୟରେ ଭୁବନେଶ୍ୱରରେ ୪ଯି ହିଟ୍ ଆଣ୍ଡ ରନ୍ ଘଟଣା ଘଟିଲାଣି । ହିଟ୍ ଆଣ୍ଡ ରନ୍ ଘଟଣା ଘଟାଉଥିବା ଡ୍ରାଇଭରଙ୍କୁ କଠୋର ଦଣ୍ଡ ମିଳିଲେ ଅନ୍ୟମାନେ ସଚେତନ ହୁଅନ୍ତେ ବୋଲି ମତପ୍ରକାଶ ପାଇଛି ।

### ପିପିଏଫ୍ ଖାତାର ସୁଧକୁ ନେଇ ବିବାଦ ପ୍ରସଙ୍ଗ

## ମାମଲାର ପୁନର୍ବିଚାର ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,( ସବ୍ୟୁ): ପୋଷ୍ଟ ଅଫିସ ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ (ପିପିଏଫ୍) ଖାତାର ସୁଧକୁ ନେଇ ବିବାଦ ମାମଲାରେ ଅପିଲ ଦାଖଲରେ ବିଳମ୍ବ ହୋଇଥିବା ଦର୍ଶାଇ ଡାକ ବିଭାଗର ଆବେଦନକୁ ରାଜ୍ୟ ଉପଭୋକ୍ତା ବିବାଦ ସମାଧାନ କମିସନ ଖାରଜ କରି ଦେଇଥିଲେ। ଏହି ଆଦେଶ ବିରୋଧରେ କେନ୍ଦ୍ର ସରକାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ରାଜ୍ୟ ଉପଭୋକ୍ତା ବିବାଦ କମିସନଙ୍କ ଆଦେଶକୁ ରଦ୍ଦ କରିବା ସହ ମାମଲାକୁ ପୁନର୍ବିଚାର ପାଇଁ ଫେରାଇ ଦେଇଛନ୍ତି । ଏଥିସହ ପ୍ରତିପକ୍ଷ ବରିଷ୍ଠ ନାଗରିକ ସୁରେଶ ପ୍ରସାଦ ଗୁପ୍ତାଙ୍କୁ ୪ ସପ୍ତାହ ମଧ୍ୟରେ ମୋକଦ୍ଦମା ଖର୍ଚ୍ଚ ବାବଦରେ ୫ ହଜାର ଟଙ୍କା ପ୍ରଦାନ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଆବେଦନ ଉପରେ ବିଚାର କରି ହାଇକୋର୍ଟର ବିଚାରପତି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏହି ଆଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ଭଦ୍ରକ ମୁଖ୍ୟ ଡାକଘରେ ସୁରେଶ ପ୍ରସାଦ ଗୁପ୍ତାଙ୍କ ସ୍ୱର୍ଗତ ପିତା ଦ୍ୱାରିକା ପ୍ରସାଦ ଏଚୟୁଏଫ ନାମରେ ଏକ ପିପିଏଫ୍ ଖାତା ଖୋଲିଥିଲେ। ଏହି ଆକାଉଣ୍ଟ ୨୦୧୬ ମାର୍ଚ୍ଚ ୩୧ରେ ମାଚ୍ୟୁରିଟି ଅବଧି ପୂରଣ କରିଥିଲା। ତେବେ ଖାତାଧାରୀ ୨୦୧୯ରେ ଖାତା ବନ୍ଦ ପାଇଁ ଆବେଦନ କରିବା ପରେ ମାଚ୍ୟୁରିଟି ପରବର୍ତ୍ତୀ ସୁଧ ଅର୍ଥ କଟାଯିବାକୁ ନେଇ ବିବାଦ ଉପୁଜିଥିଲା । ଏହାକୁ ବିରୋଧ କରି ସୁରେଶ ପ୍ରସାଦ ଯାଜପୁର ଜିଲ୍ଲା ଉପଭୋକ୍ତା ଆୟୋଗଙ୍କ ଦ୍ୱାରସ୍ଥ ହେବା ପରେ ଆୟୋଗ ଗ୍ରାହକଙ୍କ ସପକ୍ଷରେ ରାୟ ଦେଇ ସୁଧ ସହିତ ମାନସିକ ନିର୍ଯାତନା ବାବଦକୁ ୨୦ ହଜାର ଏବଂ ମୋକଦ୍ଦମା ଖର୍ଚ୍ଚ ୫ ହଜାର ଟଙ୍କା ପ୍ରଦାନ କରିବାକୁ ଡାକ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଆୟୋଗଙ୍କ ଆଦେଶ ବିରୋଧରେ ଡାକ ବିଭାଗ ରାଜ୍ୟ ଉପଭୋକ୍ତା ଆୟୋଗଙ୍କ ନିବାଟରେ ଅପିଲ କରିଥିଲେ। ମାତ୍ର ଅପିଲ ଦାଖଲରେ ବହୁ ବିଳମ୍ବ ହୋଇଥିବା ଦର୍ଶାଇ ରାଜ୍ୟ ଆୟୋଗ ବିଳମ୍ବ ଜନିତ (କଣ୍ଡୋନେସନନ ଅଫ ଡିଲେ) ଆବେଦନକୁ ଅଗ୍ରାହ୍ୟ କରି ମୂଳ ଅପିଲଟିକୁ ଖାରଜ କରିଦେଇଥିଲେ। ଏହା ବିରୋଧରେ କେନ୍ଦ୍ର ସରକାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଡାକ ବିଭାଗ ପକ୍ଷରୁ ଦର୍ଶାଯାଇଥିଲା ଯେ, ଓଡ଼ିଶାରେ କେନ୍ଦ୍ର ସରକାରଙ୍କ ଉପଭୋକ୍ତା ପ୍ୟାନେଲ କାଉନ୍‌ସେଲ୍ ଗଠନ ହୋଇନଥିବାରୁ ପ୍ରଶାସନିକ କାରଣରୁ ଏହି ବିଳମ୍ବ ଘଟିଥିଲା । ହାଇକୋର୍ଟ ମାମଲାର ବିଚାର କରି କହିଛନ୍ତି ଯେ, କେବଳ ବୈଷୟିକ କିମ୍ବା ସମୟସୀମା କାରଣରୁ ମାମଲାକୁ ପ୍ରାରମ୍ଭିକ ପର୍ଯ୍ୟାୟରୁ ରଦ୍ଦ ନ କରି, ଦର୍ଶାଯାଇଥିବା ପ୍ରଶାସନିକ କାରଣର ସତ୍ୟାସତ୍ୟ ଓ ତଥ୍ୟକୁ ଠିକ୍ ଭାବେ ବିଚାର କରାଯିବା ଉଚିତ ଥିଲା। ତେଣୁ ରାଜ୍ୟ ଆୟୋଗଙ୍କ ଖାରଜ ଆଦେଶକୁ ରଦ୍ଦ କରି ମାମଲାକୁ ପୁନର୍ବାର ବିଚାର ପାଇଁ ହାଇକୋର୍ଟ ରାଜ୍ୟ ଆୟୋଗଙ୍କ ନିକଟକୁ ପଠାଇଛନ୍ତି। ଅନ୍ୟପକ୍ଷରେ ୭୩ ବର୍ଷୀୟ ବରିଷ୍ଠ ନାଗରିକ ଦୀର୍ଘ ଦିନ ଧରି ମୋକଦ୍ଦମା ଲଢୁଥିବାରୁ ତାଙ୍କୁ ୫ ହଜାର ଟଙ୍କା ମୋକଦ୍ଦମା ଖର୍ଚ୍ଚ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ସୋଆର ୩୮ ଗବେଷକ ସ୍ଥାନିତ

ଭୁବନେଶ୍ୱର, (ସବ୍ୟୁ) : ଆମେରିକାର ସମ୍ମାନଜନକ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଏବଂ ନେଦରଲାଣ୍ଡର ପ୍ରମୁଖ ଶିକ୍ଷା ଓ ଗବେଷଣା ପ୍ରକାଶନ ସଂସ୍ଥା ଏଲସେଭିୟର ପକ୍ଷରୁ ପ୍ରକାଶିତ ୨୦୨୬ ମସିହାର ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ଶିକ୍ଷା ‘ଓ’ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ୩୮ ଜଣ ଗବେଷକ ସ୍ଥାନିତ ହୋଇଛନ୍ତି। ଷ୍ଟାନଫୋର୍ଡର ଏହି ତାଲିକାରେ ଗବେଷକମାନଙ୍କୁ ଦୁଇଟି ବର୍ଗରେ ସ୍ଥାନିତ କରାଯାଇଛି। ଗୋଟିଏ ହେଉଛି କ୍ୟାରିୟର ଲଙ୍ଗ ଇମ୍ପାକ୍ଟ ଲିଷ୍ଟ (ସାମଗ୍ରିକ ଗବେଷଣା ଜୀବନର ପ୍ରଭାବ) ଏବଂ ଅନ୍ୟଟି ହେଉଛି ସିଙ୍ଗଲ ଇୟର ଇମ୍ପାକ୍ଟ ଲିଷ୍ଟ (ଗୋଟିଏ ବର୍ଷର ଗବେଷଣାତ୍ମକ ପ୍ରଭାବ)। ସୋଆର ୩୮ ଜଣ ଗବେଷକଙ୍କ ମଧ୍ୟରୁ ୩୫ ଜଣ ସିଙ୍ଗଲ ଇୟର ଇମ୍ପାକ୍ଟ ଲିଷ୍ଟ ତାଲିକାରେ ଏବଂ ୨୦ ଜଣ କ୍ୟାରିୟର ଲଙ୍ଗ ଇମ୍ପାକ୍ଟ ଲିଷ୍ଟ ତାଲିକାରେ ସ୍ଥାନ ପାଇଛନ୍ତି। ସିଙ୍ଗଲ ଇୟର ଇମ୍ପାକ୍ଟ ଲିଷ୍ଟରେ ଗୋଟିଏ ବର୍ଷରେ ଗବେଷକଙ୍କର ପ୍ରକାଶନ (ସାଇଟେସନ୍) ଆଧାରିତ ପ୍ରଭାବକୁ ବିଚାର କରାଯାଉଥିବା ବେଳେ କ୍ୟାରିୟର ଲଙ୍ଗ ଇମ୍ପାକ୍ଟ ଲିଷ୍ଟରେ ଦୀର୍ଘକାଳୀନ ଗବେଷଣା ଓ ବୈଜ୍ଞାନିକଙ୍କ ଅବଦାନକୁ ଗୁରୁତ୍ୱ ଦିଆଯାଇଥାଏ। ସୋଆର ବିଭିନ୍ନ ଅନୁଷ୍ଠାନରୁ ଏହି ସମ୍ମାନଜନକ ତାଲିକାରେ ସ୍ଥାନିତ ହୋଇଥିବା ଗବେଷକଙ୍କ ମଧ୍ୟରୁ ୨୭ ଜଣ ଇଞ୍ଜିନିୟରିଂ କ୍ଷେତ୍ରର ହୋଇଥିବା ବେଳେ ସେମାନେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ଓ ଏଥି ସହ ଜଡ଼ିତ ବିଭିନ୍ନ ଗବେଷଣା ସଂସ୍ଥାରେ କାର୍ଯ୍ୟରତ। ସେହିପରି ସୋଆ ପରିଚାଳିତ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ (ଏସ୍‌ପିଏସ୍) ଏବଂ ବାୟୋଟେକ୍ନୋଲଜିରୁ ୮ ଜଣ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍‌ରୁ ୨ ଜଣ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍‌ରୁ ଜଣେ ଗବେଷକ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଏହି ତାଲିକାରେ ସ୍ଥାନ ପାଇଥିବା ପ୍ରମୁଖ ଗବେଷକଙ୍କ ମଧ୍ୟରେ ରହିଛନ୍ତି ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ତଥା ସୋଆର ପ୍ରମୁଖ ପରାମର୍ଶଦାତା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ଏବଂ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ମଲ୍ଟି- ଡିସିପ୍ଲିନାରୀ ରିସର୍ଚ୍ଚ ସେଲ୍‌ର ପୂର୍ବତନ ନିର୍ଦ୍ଦେଶକ ସ୍ୱର୍ଗତ ପ୍ରଫେସର ପ୍ରଦୀପ୍ତ କୁମାର ଦାଶ। ଉଭୟେ ପ୍ରଫେସର ମହାପାତ୍ର ଏବଂ ସ୍ୱର୍ଗତ ପ୍ରଫେସର ଦାଶ ସୋଆର କୁଳପତି ଭାବେ ଅତୀତରେ କାର୍ଯ୍ୟ ତୁଲାଇଛନ୍ତି।

### ରାଜ୍ୟ କ୍ୟାବିନେଟ୍‌ର ଐତିହାସିକ ନିଷ୍ପତ୍ତିକୁ ବିଜେପିର ସ୍ୱାଗତ

# ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣରେ ବଡ଼ମାଇଲ ଖୁଣ୍ଟ ସାବ୍ୟସ୍ତ ହେବ : ଦିଲୀପ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟ କ୍ୟାବିନେଟ୍‌ରେ ମଙ୍ଗଳବାର ୧୬ଟି ଗୁରୁତ୍ୱପୂର୍ଣ୍ଣ ଓ ଯୁଗାନ୍ତକାରୀ ପ୍ରସ୍ତାବ ପାରିତ ହୋଇଥିବାରୁ ବିଜେପି, ଓଡ଼ିଶା ରାଜ୍ୟ ଶାଖା ତରଫରୁ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀ ମଣ୍ଡଳର ସଦସ୍ୟ ତଥା ରାଜ୍ୟ ସରକାରଙ୍କୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଉଛି। ରାଜ୍ୟର ଛାତ୍ରଛାତ୍ରୀ, ଯୁବପିଢ଼ୀ, କୃଷକ, ମତ୍ସ୍ୟଜୀବୀ ଓ ସାଧାରଣ ଜନତାଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ନିଆଯାଇଥିବା ଏହି ପଦକ୍ଷେପ ଗୁଡ଼ିକ ଓଡ଼ିଶାର ସାମଗ୍ରିକ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଗୁଣାତ୍ମକ ଶିକ୍ଷାରୁ ଯେପରି କେହି ବଂଚିତ ହେବେନାହିଁ ସେଥିପାଇଁ ରାଜ୍ୟ କ୍ୟାବିନେଟ୍ ପକ୍ଷରୁ ନିଆଯାଇଥିବା ଏହି ଐତିହାସିକ ନିଷ୍ପତ୍ତିକୁ ରାଜ୍ୟ ବିଜେପି ପକ୍ଷରୁ ସ୍ୱାଗତ କରାଯାଉଛି। "ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବକା ପ୍ରୟାସ" ମନ୍ତ୍ରରେ ଆଗେଇ ଚାଲିଥିବା ରାଜ୍ୟ ସରକାର ଓଡ଼ିଶାର ଆଶା ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ଦୃଢ଼ ପଦକ୍ଷେପ ନେଉଛନ୍ତି। ବିଜେପି ସରକାର ସଦାସର୍ବଦା ଜନସାଧାରଣଙ୍କ ସେବା, ସାମାଜିକ ନ୍ୟାୟ ଏବଂ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି କ୍ୟାବିନେଟ୍ ନିଷ୍ପତ୍ତି ରାଜ୍ୟର ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ଯୁବପିଢ଼ିଙ୍କ ଭବିଷ୍ୟତ ନିର୍ମାଣରେ ଏକ ବଡ଼ମାଇଲ ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ




ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ କହିଛନ୍ତି। ଶ୍ରୀ ମଲ୍ଲିକ କହିଛନ୍ତି ଯେ, ରାଜ୍ୟ କ୍ୟାବିନେଟ୍‌ରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ପାଇଁ ଅଭିନନ୍ଦନ ସଂକଳ୍ପ ପାରିତ ହୋଇଛି। ଶାସନ ମୁଖ୍ୟ (ଗୁଜରାଟ ମୁଖ୍ୟମନ୍ତ୍ରୀ ଓ ଭାରତର ପ୍ରଧାନମନ୍ତ୍ରୀ) ଭାବେ ସଫଳତାର ସହ ୨୫ ବର୍ଷ ପୂରଣ କରିଥିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଜନକଲ୍ୟାଣକାରୀ ନେତୃତ୍ୱକୁ ସମ୍ମାନ ଜଣାଇ ରାଜ୍ୟ କ୍ୟାବିନେଟ୍‌ରେ ଅଭିନନ୍ଦନ ସଂକଳ୍ପ ପାରିତ ହୋଇଛି। ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ସହାୟତା ପ୍ରଦାନ କରିବାକୁ ନିଷ୍ପତି ହୋଇଛି। ନିଶୁଳ୍କ ପାଠ୍ୟ ପୁସ୍ତକ ଯୋଗାଣ ଯୋଜନାରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମାଗଣା ବହି ପ୍ରଦାନ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ରାଜ୍ୟର ଚାଷୀ ଭାଇ ଭଉଣୀଙ୍କୁ ସମୟ ସୀମା ମଧ୍ୟରେ ସାର ଓ ବିହନ ଯୋଗାଇବା ଏବଂ ଏହାର ସୁପରିଚାଳନା ପାଇଁ ୧୩୬୦ କୋଟି ଟଙ୍କାର କର୍ପସ ପାଣ୍ଠି ମଞ୍ଜୁର କରାଯାଇଛି। ଏହା କୃଷି କ୍ଷେତ୍ରରେ ନୂତନ ବିପ୍ଳବ ଆଣିଦେବ। ରାଜ୍ୟର ୪.୨୦ ଲକ୍ଷ ଯୁବକ ଯୁବତୀଙ୍କ ଦକ୍ଷତା ବୃଦ୍ଧି ଓ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୪୫୦ କୋଟି ଟଙ୍କାର ବ୍ୟୟବରାଦକୁ ମଞ୍ଜୁରୀ ମିଳିଛି। ଏହା ଯୁବପିଢ଼ିଙ୍କ ପାଇଁ ନୂତନ ରୋଜଗାର ଓ ଆତ୍ମନିର୍ଭରଶୀଳତାର ଦ୍ୱାର ଖୋଲିବ। ସହରାଂଚଳରେ ବର୍ଷା ଦିନେ ସୃଷ୍ଟି ହେଉଥିବା ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ଷ୍ଟର୍ମ ୱାଟର ଡ୍ରେନେଜ୍ ସିଷ୍ଟମର ଆଧୁନିକୀକରଣ ପାଇଁ ୫୦୦ କୋଟି ଟଙ୍କା ବ୍ୟୟବରାଦକୁ ଅନୁମୋଦନ ଦିଆଯାଇଛି। ମାଧ୍ୟମିକ ଶିକ୍ଷକଙ୍କ ପାଇଁ ନୂତନ ସେବା ନିୟମାବଳୀ ପ୍ରଣୟନ, ହିନ୍ଦୀ ଓ ସଂସ୍କୃତ ଶିକ୍ଷକମାନଙ୍କୁ ରାଜ୍ୟ କ୍ୟାଡ଼ର ମାନ୍ୟତା ପ୍ରଦାନ କରାଯାଇଛି। ପ୍ରାଥମିକ ସ୍କୁଲ ଶିକ୍ଷକଙ୍କ ବହୁଦିନର ବରିଷ୍ଠତା ବିବାଦର ଶାଶ୍ୱତ ସମାଧାନ କରାଯାଇ ଶିକ୍ଷକ ସମାଜକୁ ଏକ ଦଶହରା ପୂଜାଭେଟି ଦିଆଯାଇଛି। କଟକ ଠାରେ ମହାନଦୀ ରିଭର ଫ୍ରଂଟ୍‌ର ନବକଳେବର କରାଯାଇଛି। ରାଜ୍ୟର ଭୌତିକ ଓ ସାମାଜିକ ଭିତିଭୂମିକୁ ସୁଦୃଢ଼ କରିବା ପାଇଁ ଅନୁମୋଦିତ ହୋଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଏବଂ ଜନକଲ୍ୟାଣକାରୀ ପ୍ରସ୍ତାବ ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବାରେ ବିଶେଷ ସହାୟକ ହେବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ରାଜ୍ୟ ସଂଯୋଜକ ସୁଜିତ କୁମାର ଦାସ ଉପସ୍ଥିତ ଥିଲେ।

# ଦୁଇ ମେଧାବୀ ଛାତ୍ରଛାତ୍ରୀଙ୍କୁ ନେତ୍ରାନନ୍ଦ ରାୟ ସ୍ମୃତି ମେଧା ସମ୍ମାନ -୨୦୨୬

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟର ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ ସ୍ୱର୍ଗତଃ ନେତ୍ରାନନ୍ଦ ରାୟଙ୍କ ସ୍ମୃତିରେ ଏକ ବିଶେଷ କାର୍ଯ୍ୟକ୍ରମ ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକ ସ୍ଥିତ ଅଢଙ୍ଗଗଡ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିରିଡି ବ୍ଲକ ଅଞ୍ଚଳରେ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଉକ୍ତ ବ୍ଲକ ମଧ୍ୟରେ ଗତ ମାଟ୍ରିକ୍ ପରୀକ୍ଷାରେ ମେଧା ପ୍ରଦର୍ଶନ କରିଥିବା ଦୁଇଜଣ ମେଧାବୀ ତଥା ଗରିବ ଛାତ୍ରଛାତ୍ରୀ ଗେଲପୁର ସରକାରୀ ଉଚ୍ଚ ବିଦ୍ୟାଳୟର କୁମାରୀ ସ୍ୱାଗତିକା ମହାପାତ୍ର ଓ ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟ



(କୂଳକଇଜଙ୍ଗା ବିରିଡି ସରସ୍ୱତୀ ଶିଶୁ ମନ୍ଦିର) ଛାତ୍ର ଶ୍ରୀମାନ ଶୁଭ୍ରଜିତ ଦାସଙ୍କୁ 'ନେତ୍ରାନନ୍ଦ ରାୟ ସ୍ମୃତି ମେଧା ସମ୍ମାନ -୨୦୩୬' ପ୍ରଦାନ କରାଯାଇଛି। ସେମାନଙ୍କୁ ମାନପତ୍ର ଓ ଏକକାଳୀନ ଆର୍ଥିକ ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ୫ ହଜାର ଅର୍ଥରାଶି ଓ ସାର୍ଟିଫିକେଟ୍, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ମେଧାବୀ ଛାତ୍ରଛାତ୍ରୀଙ୍କ ଅଧିଭାବକ, ସେମାନଙ୍କ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସିଆରସିସି, ବିଆରସିସି ପ୍ରମୁଖ ଉପସ୍ଥିତ ଥିଲେ। ଲିଙ୍ଗରାଜ ମଲ୍ଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ସ୍ୱର୍ଗତଃ ରାୟଙ୍କ ପୁତ୍ର ଶ୍ରୀମତ ରାୟ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ।

# ଅପରେସନ୍ ଚକ୍ର : ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ପୁରୀ,(ସବ୍ୟୁ) : ପୁରୀ ସହରରେ ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ଡକାୟତି ଯୋଜନା କରୁଥିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରିଛି କୁମ୍ଭାରପଡ଼ା ଥାନା ପୁଲିସ। ନବକଳେବର ରୋଡ୍‌ସ୍ଥିତ ଦେବକୀ ହସ୍ପିଟାଲ ପଛପଟେ ମାରଣାସ୍ତ୍ର ଧରି ଏମାନେ ଏକାଠି ହୋଇଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ଏହାପରେ ପୁଲିସ ଟିମ୍ ସେଠାରେ ପହଞ୍ଚି ୫ ଜଣଙ୍କୁ କାବୁ କରିଥିଲା। ଗିରଫ ଅଭିଯୁକ୍ତମାନେ




ହେଲେ ହରିଜନ ସାହିର ବାଟୁଆ ଓରଫ ବାପିନା ନାୟକ (୩୩), ବିଶ୍ୱେଶ୍ୱରୀ ଲେନ୍‌ର ଟିକୁ ଭୋଇ (୨୬), ବଡ଼ଶଙ୍ଖ ନିର୍ବାଣୀ ଲେନ୍‌ର ଜଗନ ଦଲେଇ (୨୮), ରାମଚଣ୍ଡୀ ସାହିର ଗଙ୍ଗାଧର ପ୍ରଧାନ (୩୨) ଏବଂ ତାଳବଣିଆ ଥାନା ଅନ୍ତର୍ଗତ ଟିକରପଡ଼ାର ସନ୍ତୋଷ ଦାସ (୩୪)। ପୁଲିସ ସେମାନଙ୍କ ନିକଟରୁ ଦୁଇଟି ଖଣ୍ଡା, ଦୁଇଟି ଛୁରି ଓ ଗୋଟିଏ ଲୁହା ରଡ୍ ଜବତ କରିଛି। ଏଥିସହ ଘଟଣାସ୍ଥଳରୁ ଦୁଇଟି ଖାଲି ବିଦେଶୀ ମଦ ବୋତଲ, ଗୋଟିଏ ଦିଆସିଲି ବାକ୍ସ, ଅଧା ଖାଲି ସିଗାରେଟ୍ ପ୍ୟାକେଟ୍ ଓ ଗୋଟିଏ ପଲିଥିନ୍ ମ୍ୟାଟ୍ ମଧ୍ୟ ଜବତ ହୋଇଛି। ଏହି ଘଟଣାରେ କୁମ୍ଭାରପଡ଼ା ଥାନାରେ କେସ୍ ନମ୍ବର ୫୩୫, ତାରିଖ ୧୪.୧୦.୨୦୨୬ରେ ବିଏନ୍‌ଏସ୍‌ର ଧାରା ୩୧୦(୪)/୩୧୦(୫) ଏବଂ ଆର୍ମସ୍ ଆକ୍ଟର ଧାରା ୨୫ ଅନୁଯାୟୀ ମାମଲା ରୁଜୁ ହୋଇଛି। ସମସ୍ତ ୫ ଅଭିଯୁକ୍ତଙ୍କୁ ଗିରଫ ପରେ ସେହି ଦିନ ଅଦାଲତକୁ ଚାଲାଣ କରାଯାଇଥିବା ପୁଲିସ ପକ୍ଷରୁ ପ୍ରକାଶ।

# ନବୀନଙ୍କ ବିପର୍ଯ୍ୟୟ ପରିଚାଳନା ମଡେଲ ଭାବେ ବିଶ୍ୱବିଦିତ : ବିଜେଡି

ଭୁବନେଶ୍ୱର, (ସବ୍ୟୁ) : ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ସମ୍ମୁଖରେ ଦୁଇଟି ଭିନ୍ନ ସମୟର ଏକ ସ୍ପଷ୍ଟ ଚିତ୍ର ଉପସ୍ଥାପନ କରୁଛି । ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ୨୪ ବର୍ଷର ରୂପାନ୍ତରକାରୀ ଶାସନ ଏବଂ ବିଜେପି ସରକାରଙ୍କ ୨୮ ମାସର ଅପାରଗତା ଅସହାୟତା ଓ ଜନବିରୋଧୀ ଶାସନର ଚିତ୍ର । ଏକ ପ୍ରେସ ବିବୃତ୍ତିରେ ମିଡ଼ିଆ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ, ବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱରେ ଓଡ଼ିଶା ପ୍ରତ୍ୟେକ କ୍ଷେତ୍ରରେ ପ୍ରଗତି ଲାଭ କରିଥିଲା । ରାଜ୍ୟର ଜିଏସଡିପି ୧୮ ଗୁଣ ବୃଦ୍ଧି ପାଇ ୨୦୦୦ରେ ୪୬,୫୭୬ କୋଟି ଟଙ୍କାରୁ ୨୦୨୪ରେ ୮,୬୧,୫୦୭ କୋଟି ଟଙ୍କାକୁ ବଢ଼ିଥିଲା । ସେହିପରି ମୁଣ୍ଡପିଛା ଆୟ ୧୬ ଗୁଣ ବୃଦ୍ଧି ପାଇ ୧୦,୨୧୧ ଟଙ୍କାରୁ ୧,୬୫,୩୦୩ ଟଙ୍କାକୁ ବଢ଼ିଥିଲା । ରାଜ୍ୟ ବଜେଟ୍ର ଆକାର ୨୪ ଗୁଣ ବୃଦ୍ଧି ପାଇ ୨୦୦୦ରେ ୧୦,୦୦୦ କୋଟି ଟଙ୍କାରୁ ୨୦୨୪ରେ ୨,୫୫,୦୦୦ କୋଟି ଟଙ୍କାକୁ ପହଞ୍ଚିଥିଲା । ଏହି ସମୟରେ ଓଡ଼ିଶା ଦେଶରେ ସବୁଠାରୁ କମ୍ ଋଣ ଭାର ରଖିଥିଲା, ଯାହା ମାତ୍ର ୭୮,୦୦୦ କୋଟି ଟଙ୍କା ଥିଲା ଏବଂ ନୀତି ଆୟୋଗ ଓ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ବାରମ୍ବାର ସର୍ବଶ୍ରେଷ୍ଠ ଆର୍ଥିକ ସୁପରିଚାଳନା ରାଜ୍ୟ ଭାବେ ସ୍ୱୀକୃତି ପାଇଥିଲା । ସେହିଭଳି କୃଷି କ୍ଷେତ୍ରରେ ସଫଳତା ପାଇଁ ୫ଥର କୃଷି କର୍ମଣ ପୁରସ୍କାର ମିଳିଥିଲା । ସାମାଜିକ କ୍ଷେତ୍ରରେ, ଶିଶୁ ମୃତ୍ୟୁ ହାର ଦେଶରେ ସର୍ବାଧିକ ହ୍ରାସ ପାଇ ୧୯୯୯-୨୦୦୦ରେ ୮୯.୫ରୁ ୨୦୧୯- ଓଡ଼ିଶା ବାରମ୍ବାର ବିପର୍ଯ୍ୟୟ ପରିଚାଳନା, ଜଳ ସଂରକ୍ଷଣ, ଏମଏସଏମଇ ବିକାଶ, ଖଣିଜ ବିକାଶ, ପିଡିଏସ ବଣ୍ଟନ ଏବଂ କ୍ରୀଡ଼ା ପ୍ରୋତ୍ସାହନରେ ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ମାନ୍ୟତା ପାଇଥିଲା । ଏହି ସଫଳତାଗୁଡ଼ିକ ବିଜେଡି ଅଧୀନରେ ଶୃଙ୍ଖଳିତ ଆର୍ଥିକ ପରିଚାଳନା, ଜନକଲ୍ୟାଣକାରୀ ନୀତି ଏବଂ ନିରବଚ୍ଛିନ୍ନ ରାଜନୈତିକ ସ୍ଥିରତାର ଫଳ ଥିଲା । ଡ. ମହାନ୍ତି କହିଛନ୍ତି ଯେ, ଏହାର ବିପରୀତରେ ବିଜେପି ସରକାର ମାତ୍ର ୨୮ ମାସରେ ନବୀନ ବାବୁଙ୍କ ୨୪ ବର୍ଷର କଠିନ ପରିଶ୍ରମର ଫଳଗୁଡ଼ିକୁ କ୍ରମାଗତ ଭାବେ ନଷ୍ଟ କରି ଓଡ଼ିଶାକୁ ବହୁବିଧ ସଙ୍କଟରେ ପକାଇଛି । ସଂଶୋଧିତ ଏମଏମଡିଆର ଆଇନ ଦ୍ୱାରା ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ରାଜସ୍ୱ କ୍ଷତି ଘଟାଇସାରିଛି ଏବଂ ଭବିଷ୍ୟତରେ ବାର୍ଷିକ ୧୨,୦୦୦ କୋଟି ଟଙ୍କାର କ୍ଷତି ଘଟାଇବ । ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ୨,୬୦୦ରୁ ଅଧିକ ତ୍ରୁଟି ରହିଛି । ମାତ୍ର ଅଠର ମାସରେ ମହିଳାଙ୍କ ବିରୁଦ୍ଧରେ ୪୮,୭୯୮ଟି ଅପରାଧ ମାମଲା ଦାଖଲ ହୋଇଛି ଏବଂ ଏନସିଆରବି ତଥ୍ୟ ଅନୁଯାୟୀ ଓଡ଼ିଶା ବର୍ତ୍ତମାନ ସାର୍ବଜନୀନ ସ୍ଥାନରେ ଯୌନ ନିର୍ଯ୍ୟାତନାରେ ପ୍ରଥମ, ହିଂସାତ୍ମକ ଅପରାଧରେ ପ୍ରଥମ ଏବଂ ମହିଳାଙ୍କ ବିରୁଦ୍ଧରେ ଅପରାଧରେ ଦ୍ୱିତୀୟ ସ୍ଥାନରେ ରହିଛି । ଜେଏସଡବ୍ଲୁ ଇଭି ଓ ବ୍ୟାଟେରି, ଆର୍ସେଲର ମିତ୍ତଲ ଷ୍ଟିଲ, ଏସ. ରାମ ଏନ. ରାମ ସେମିକଣ୍ଡକ୍ଟର, ୱାରୀ ସୋଲାର ଏବଂ ୱେଲ୍‌ସ୍ପନ୍ ପ୍ରକଳ୍ପ ସମେତ ଅନେକ ପ୍ରମୁଖ ଶିଳ୍ପ ପ୍ରକଳ୍ପ ରାଜ୍ୟ ଛାଡ଼ି ଚାଲିଯାଇଛନ୍ତି । ଓଡ଼ିଶାବାସୀ ସ୍ପଷ୍ଟ ଭାବେ ଦେଖିପାରୁଛନ୍ତି ଯେ, ବିଜେଡି ସରକାର ଦୁଇ ଦଶନ୍ଧି ଧରି ରାଜ୍ୟକୁ ଗଢ଼ିଥିଲା ଏବଂ ବିଜେପି ସରକାର ୨୮ ମାସ ସମୟରେ ଓଡ଼ିଶା ଲୋକଙ୍କ ଅଧିକାରକୁ ଖଣି ମାଲିକଙ୍କ ହାତକୁ ଟେକି ଦେଇଛନ୍ତି । ବିଜୁ ଜନତା ଦଳ ଓଡ଼ିଶାର ସ୍ୱାର୍ଥ ସୁରକ୍ଷା, ଆର୍ଥିକ ସତର୍କତା, ମହିଳାଙ୍କ ସୁରକ୍ଷା ଓ ମର୍ଯ୍ୟାଦା ସୁନିଶ୍ଚିତ କରିବା ଏବଂ ନବୀନ ପଟ୍ଟନାୟକଙ୍କ ସମାବେଶୀ ବିକାଶ ପଥକୁ ଫେରାଇ ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛି ।

# ଅରାଜକତା ସୀମା ଟପୁଛି : ନବୀନ

ଭୁବନେଶ୍ୱର, (ସବ୍ୟୁ) : ଅରାଜକତା ସୀମା ଟପିଛି। ସତ୍ୟବାଦୀ ବ୍ଲକ୍ ସରକାର କାର୍ଯ୍ୟାଳୟରେ ବିଜେପି କର୍ମୀମାନେ ଘଟାଇଥିବା ହିଂସାକାଣ୍ଡ ଓଡ଼ିଶାବାସୀଙ୍କୁ ବିଚଳିତ କରିଛି। ଏହାକୁ ଦୃଢ଼ତାର ସହ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିନ୍ଦା କରିଛନ୍ତି।

ନବୀନ ଉଲ୍ଲେଖ କରିଛନ୍ତି ଯେ ଏପରି ଅରାଜକତାକୁ ସରକାର କାହିଁକି ପ୍ରଶ୍ରୟ ଦେଉଛନ୍ତି। ସରକାରରେ ଅଛନ୍ତି ବୋଲି କ'ଣ ବିଜେପି କର୍ମୀମାନେ ସରକାରୀ କାର୍ଯ୍ୟାଳୟ ଭିତରେ ହିଂସା କରିବେ ଓ ଲୋକଙ୍କ ସମ୍ପତ୍ତି ଭଙ୍ଗାରୁଜା କରିବେ। ଏଭଳି କାର୍ଯ୍ୟ ପାଇଁ ଓଡ଼ିଶା ଏବେ ବିଶ୍ୱ ଦରବାରରେ ନିନ୍ଦିତ ହେଉଛି। ଏ ସରକାର ଆସିବା ପରେ ଭୁବନେଶ୍ୱର ବିଏମ୍‌ସି କାର୍ଯ୍ୟାଳୟଠୁ ନେଇ ପଟ୍ଟାମୁଣ୍ଡାଇ, ଆଠଗଡ଼ ଓ ଜଟଣୀ ସରକାରୀ କାର୍ଯ୍ୟାଳୟ ଭିତରେ ବିଜେପି କର୍ମୀମାନେ ଘଟାଇଥିବା କାଣ୍ଡକୁ ଓଡ଼ିଶାବାସୀ ଭୁଲିନାହାନ୍ତି। କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ। ଶାନ୍ତିପ୍ରିୟ ଓଡ଼ିଶାରେ ଅରାଜକତା ଓ ହିଂସାର ସ୍ଥାନ ନାହିଁ। ଓଡ଼ିଶାବାସୀ ଏହାର ଜବାବ ଦେବେ ବୋଲି ସେ କହିଛନ୍ତି।

## ପୂର୍ବତନ ବିଧାୟକଙ୍କ ଗିରଫ ଦାବିରେ ବିଜେପିର ଧାରଣା

ସାକ୍ଷୀଗୋପାଳ ,(ସବ୍ୟୁ):ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଭଙ୍ଗାରୁଜା ପରେ ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ଘଟଣା ସ୍ଥଳରେ ପହଞ୍ଚିଥିଲେ । ସତ୍ୟବାଦୀ ଥାନା ଅନ୍ତର୍ଗତ ବାଲି ସାହି ଗ୍ରାମର ବିଷ୍ଣୁ ଚରଣ ପାତ୍ର ସତ୍ୟବାଦୀ ଥାନାରେ ବୁଧବାର ରାତି ପ୍ରାୟ ୧୦ ଟା ସମୟରେ ସତ୍ୟବାଦୀ ଥାନାରେ ଏକ ଅଭିଯୋଗ କରିଛନ୍ତି, ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ସାମନ୍ତରାୟ ବ୍ଲକ କାର୍ଯ୍ୟାଳୟ ନିକଟରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ରଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ବିଭିନ୍ନ ଧମକ ଚମକ ଦେଇଥିଲେ । ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ସାମନ୍ତରାୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ତାଙ୍କ ଗିରଫ ଦାବୀ କରି ଶତାଧିକ ବିଜେପି କର୍ମୀ ସତ୍ୟବାଦୀ ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି । ସତ୍ୟବାଦୀ ଆଇ ଆଇ ସି ଅଭିଯୋଗର ତଦନ୍ତ ଆରମ୍ଭ ହୋଇଅଛି ବୋଲି ସୂଚନା ପ୍ରଦାନ କରିଥିଲେ ।

### କଟକ ନାଟ୍ୟୋତ୍ସବ-୨୦୨୬

# ଫାଇନାଲ ପର୍ଯ୍ୟାୟ ପୂର୍ବରୁ ନିୟମ ଉଲ୍ଲଙ୍ଘନ ,ପ୍ରଶାସନର ପଦକ୍ଷେପକୁ ଅପେକ୍ଷା

କଟକ,(ସବ୍ୟୁ) : କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ହେଉଥିବା କଟକ ନାଟ୍ୟୋତ୍ସବ-୨୦୨୬କୁ ନେଇ ଏବେ ବିବାଦ ଦେଖାଦେଇଛି। ପ୍ରତିଯୋଗିତାର ଫାଇନାଲ ରାଉଣ୍ଡ ପୂର୍ବରୁ ଦୁଇ ଜଣ ମେଂଟରଙ୍କ କାର୍ଯ୍ୟଶୈଳୀକୁ ନେଇ ବିବାଦ ସୃଷ୍ଟି ହୋଇଛି। କଟକ ଜିଲ୍ଲାର ୧୩ଟି କଲେଜକୁ ନେଇ ଆରମ୍ଭ ହୋଇଥିବା ଏହି ନାଟ୍ୟ ପ୍ରତିଯୋଗିତାରେ ୧୦ଟି କଲେଜର ନାଟ୍ୟ ଦଳ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଫାଇନାଲ ରାଉଣ୍ଡ ଚଳିତ ମାସ ଶେଷ ସପ୍ତାହରେ ଆୟୋଜନ ହେବ। ପ୍ରତ୍ୟେକ କଲେଜର ନାଟକକୁ ଅଧିକ ମାର୍ଜିତ କରିବା ପାଇଁ ଜଣେ ଲେଖାଏଁ ମେଂଟରଙ୍କୁ ଦାୟିତ୍ୱ ଦିଆଯାଇଛି। କେଉଁ ମେଂଟର କେଉଁ କଲେଜକୁ ଯିବେ, ତାହା ଗୁଳା ମାଧ୍ୟମରେ ସ୍ଥିର ହୋଇଛି। ମେଂଟରମାନେ ସେମାନଙ୍କ କଲେଜର ନାଟ୍ୟଦଳକୁ ନିର୍ଦ୍ଦେଶନା ଦେବେ। ଏ ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ଗୋପନ ରଖିବାକୁ ଜିଲା ପ୍ରଶାସନ ସର୍ତ୍ତ ରଖିଛି। ତେବେ ଶୈଳବାଳା ମହିଳା ସ୍ୱୟଂଚାଳିତ ମହାବିଦ୍ୟାଳୟର ଜନୈକ ମେଂଟରଙ୍କ କାର୍ଯ୍ୟ ସମସ୍ତ ସର୍ତ୍ତକୁ ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଛି। କାରଣ ଗତ ଶନିବାର ସେ ଶୈଳବାଳା ମହିଳା ମହାବିଦ୍ୟାଳୟକୁ ନଯାଇ ନାଟକରେ ଭାଗ ନେଇଥିବା ସମସ୍ତ ଛାତ୍ରୀମାନଙ୍କୁ ଅନ୍ନପୂର୍ଣ୍ଣା ରଙ୍ଗମଂଚକୁ ଆସି ଅଭ୍ୟାସ କରିବାକୁ ବାଧ୍ୟ କରିଥିଲେ। ଶୈଳବାଳା ମହିଳା ମହାବିଦ୍ୟାଳୟର ନିଜସ୍ୱ ଭବ୍ୟ ଅଡିଟୋରିୟମଥିଲା ବେଳେ ଛାତ୍ରୀମାନଙ୍କୁ ସେଠାକୁ ଡକାଇବା ପଛରେ କାରଣ କ'ଣ ଥିଲା ତାହା ତଦନ୍ତ ସାପେକ୍ଷ। ସୂଚନାଯୋଗ୍ୟ ଏବେ ସମସ୍ତ କଲେଜରେ ଛାତ୍ର ସଂସଦ ନିର୍ବାଚନ ଚାଲିଛି। ସବୁ କଲେଜରେ କ୍ଲାସ ଚାଲିଥିଲା ବେଳେ ନିର୍ବାଚନକୁ ନେଇ ଉଷ୍ମତା ରହିଛି। ମାତ୍ର କ୍ୟାମ୍ପସ ଅଶାନ୍ତ ରହିଛି ବୋଲି ମେଂଟର ଜଣଙ୍କ ବାହନା କରି ଅନ୍ୟତ୍ର ଅଭ୍ୟାସ ପାଇଁ କାହିଁକି ଛାତ୍ରୀମାନଙ୍କୁ ଡକାଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ଯେ ଶୈଳବାଳା କଲେଜର ଅନ୍ୟତମ ପ୍ରତିଦ୍ୱନ୍ଦୀ ରଘୁନାଥ ଜିଉ କଲେଜର ମେଂଟର ସେଠାରେ ଥିଲେ। ଅର୍ଥାତ ଦୁଇ ଜଣ ମେଂଟର ଗୋଟିଏ କଲେଜର ନାଟ୍ୟଦଳକୁ ନର୍ଦ୍ଦେଶନା ଦେବା ଆଶ୍ଚର୍ଯ୍ୟାନ୍ୱିତ କରିଛି। ଏହି ନାଟ୍ୟ ଉତ୍ସବକୁ ନେଇ ଜିଲ୍ଲାପ୍ରଶାସନର ସ୍ୱଚ୍ଛତା ଓ ଗୋପନୀୟତା ପ୍ରତି ଗଭୀର କୁଠାରାଘାତ ହୋଇଛି ଏବଂ ତାହା କରିଛନ୍ତି ପ୍ରଶାସନ ଦ୍ୱାରା ନିୟୋଜିତ ଦୁଇ ମେଂଟର। ଅନ୍ୟ ୯ଟି କଲେଜରେ କଣ ନିର୍ବାଚନ ଉଷ୍ମତା ଥିଲା ବେଳେ ଶୈଳବାଳାର ନାଟକର ରିହର୍ସଲ ଅନ୍ନପୂର୍ଣ୍ଣାରେ କାହିଁକି ହେଲା। ପ୍ରତିଦ୍ୱନ୍ଦି ରଘୁନାଥ ଜୀଉ କଲେଜର ମେଂଟର ସେଠି କଣ କରୁଥିଲେ। ଅନ୍ନପୂର୍ଣ୍ଣାରେ ରିହର୍ସଲ ପାଇଁ ଜିଲ୍ଲା ପ୍ରଶାସନର ଲିଖିତ ଅନୁମତି ଥିଲା କି। ଉଭୟ ରଘୁନାଥ ଜୀଉ ଓ ଶୈଳବାଳା ପରସ୍ପର ପ୍ରତୀଦ୍ୱନ୍ଦ୍ୱି। ରଘୁନାଥର ମେଂଟରଙ୍କ ଆଗରେ ଶୈଳବାଳାର ଇମ୍ପ୍ରୋଭାଇଯେସନ( ଅଭିନୟ ଶୈଳୀ) ମଧ୍ୟ ଲିକ୍ ହେଲା। ତେବେ ଗୋପନୀୟତା ରକ୍ଷା ପାଇଁ ଗୋଟିଏ କଲେଜର ଗୋଟିଏ ମେଂଟରର ଯେଉଁ ଗୁଳା ପଡ଼ିଥିଲା, ତାହା ଏଠି ରକ୍ଷା ହୋଇ ପାରିଲା ନାହିଁ। ଏଥିରୁ ଏହା ବୁଝା ପଡୁଛିଯେ ମେଂଟର ପରସ୍ପର ସହମତିରେ କାମ ଚଳାଇଛନ୍ତି । ଅପରପକ୍ଷେ ପ୍ରତିଦ୍ୱନ୍ଦ୍ୱିତାରେ ନିରୀହ କଲେଜ ଶିକ୍ଷାର୍ଥୀ ବଳି ପଡୁଛନ୍ତି ବୋଲି ସହରର ନାଟ୍ୟପ୍ରେମୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଅଭିଯୋଗର ସତ୍ୟତା ଯାଂଚ କରି ପ୍ରଶାସନ କି ପଦକ୍ଷେପ ଗ୍ରହଣ କରୁଛି ତାହା ସମୟ କହିବ।

# ଛାତ୍ର ସଂସଦ ନିର୍ବାଚନରେ ହିଂସା, ରାଜନୈତିକ ହସ୍ତକ୍ଷେପ

## ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ କଂଗ୍ରେସର ଦାବି

ଭୁବନେଶ୍ୱର,(ସବ୍ୟୁ): ଦୀର୍ଘ ୭ ବର୍ଷର ବ୍ୟବଧାନ ପରେ ଓଡ଼ିଶାରେ ହେବାକୁ ଯାଉଥିବା ଛାତ୍ର ସଂସଦ ନିର୍ବାଚନରେ ପକ୍ଷପାତିତାକୁ ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଗଭୀର ଉଦବେଗ ପ୍ରକାଶ କରିଛି । ସାମ୍ବାଦିକ ସମ୍ମିଳନୀରେ ଓଡିଶା ପ୍ରଦେଶ କଂଗ୍ରେସର ସାଧାରଣ ସମ୍ପାଦିକା ସୋନାଲି ସାହୁ ଅଭିଯୋଗ କରିଛନ୍ତି ଯେ, ଜେନ-ଜି ଯୁବପିଢ଼ିର ବଢୁଥିବା ରାଜନୈତିକ ସଚେତନତା ଏବଂ ସରକାରଙ୍କ କ୍ରମାଗତ ହ୍‌ରାସ ପାଉଥିବା ଲୋକପ୍ରିୟତା କୁ ନେଇ ସରକାର ଭୟଭୀତ । ତେଣୁ କଲେଜ ଓ ବିଶ୍ୱବିଦ୍ୟାଳୟରେ ରାଜନୈତିକ ହସ୍ତକ୍ଷେପ କରି ନିର୍ବାଚନକୁ ପ୍ରଭାବିତ କରିବାକୁ ଉଦ୍ୟମ ହେଉଛି । ଶାସକ ଦଳର ନେତା ଓ ବାହାର ଲୋକଙ୍କ କ୍ୟାମ୍ପସ ପ୍ରବେଶ, ପ୍ରଶାସନର ପକ୍ଷପାତିତା ଏବଂ ଅନେକ କଲେଜରେ ନିର୍ବାଚନ ବନ୍ଦ ହେବା ଘଟଣା କ୍ୟାମ୍ପସ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରୁଛି । ହିଂସା ଓ ଧମକକୁ ରୋକିବା ପାଇଁ ସେ ସରକାରଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ସେହିପରି ବରିଷ୍ଠ ମୁଖପାତ୍ର ଡ. ମନୀସା ଦାସ ପଟ୍ଟନାୟକ ନିର୍ବାଚନ ପୂର୍ବରୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଘଟିଥିବା ହିଂସାତ୍ମକ ଘଟଣା ନେଇ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି । ବିଶେଷ କରି ବାଙ୍କୀ ଓ ନର୍ଲା କଲେଜରେ ଉତ୍ତେଜନା ଓ ହିଂସା, ଯାଜପୁରର ବ୍ୟାସନଗର ସ୍ୱୟଂଶାସିତ କଲେଜରେ ବୋମାମାଡ଼ ଏବଂ ରେଭେନ୍ସା, ବ୍ରହ୍ମପୁର ଓ ରମାଦେବୀ ବିଶ୍ୱବିଦ୍ୟାଳୟକୁ ନେଇ ଉଠିଥିବା ନିର୍ବାଚନୀ ବିବାଦ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ କ୍ୟାମ୍ପସ୍ର ଗଣତାନ୍ତ୍ରିକ ପରିବେଶ ଉପରେ ପ୍ରଶ୍ନ ଉଠାଇଛି । ବ୍ୟାସନଗର କଲେଜରେ ବୋମାମାଡ଼ ପରେ ନିର୍ବାଚନ ସ୍ଥଗିତ ହେବା ଏହି ସଙ୍କଟର ଗମ୍ଭୀରତାକୁ ଦର୍ଶାଉଛି ।

# ସରିଲା ହ୍ୱାଏ ଆଇ ଷ୍ଟାଣ୍ଡ ଫର୍ ମିଟିଂ, ନିର୍ବାଚନ ଆଜି

ଜଟଣୀ, (ସବ୍ୟୁ) : ଛାତ୍ର ସଂସଦ ନିର୍ବାଚନ ନିମନ୍ତେ ଜଟଣୀ ମହାବିଦ୍ୟାଳୟରେ ନିର୍ବାଚନୀ ଉଷ୍ମତା ଅବ୍ୟାହତ ରହିବା ସହ ରାତି ପାହିଲେ ଅର୍ଥାତ୍ ଗୁରୁବାର ନିର୍ବାଚନ ଥିବାରୁ ଆଶାୟୀ ପ୍ରାର୍ଥୀମାନଙ୍କ ଅନ୍ଧାରି ପ୍ରଚାର ଜୋରଦାର ହୋଇଛି। ବିଜ୍ଞପ୍ତି ପ୍ରକାଶ ପାଇବା ପରଠାରୁ ନାମାଙ୍କନ ପତ୍ର ଦାଖଲ,ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା,ପ୍ରାର୍ଥୀପତ୍ର ପ୍ରତ୍ୟାହାର ଇତ୍ୟାଦି ସରିବା ପରେ ବୁଧବାର ଅର୍ଥାତ ୧୪ ତାରିଖ ଥିଲା ମୁଁ କାହିଁକି ନିର୍ବାଚନରେ ଛିଡା ହୋଇଛି। ଏଥିପାଇଁ କଲେଜ କର୍ତ୍ତୃପକ୍ଷ ଓ ରାଜନୈତିକ ଦଳ ମାନଙ୍କ ପକ୍ଷରୁ ପୃଥକ ପୃଥକ ଭାବେ ଆୟୋଜନ କରାଯାଇଥିଲା । ଏହି ଛାତ୍ର ସଂସଦ ନିର୍ବାଚନକୁ ଶୃଙ୍ଖଳିତ ଓ ହିଂସାକାଣ୍ଡକୁ ଏଡାଇବା ପାଇଁ ୨୦୦୬ ମସିହାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଯୁକ୍ତି ଅଧିକାରୀମାନେ ବିଶ୍ୱବିଦ୍ୟାଳୟ ଓ ବିଭିନ୍ନ ମହାବିଦ୍ୟାଳୟକୁ ଗସ୍ତ କରି ପ୍ରସ୍ତୁତି କରିଥିଲେ ଏକ ନିୟମ ଯାହା 'ଲିଙ୍ଗଡୋ କମିଶନ ନିୟମ' ଭାବେ ପ୍ରଣୀତ ହୋଇଥିଲା। ଏହି ନିୟମ ଧର୍ମକୁ ଆଖିଠାର ପରି ମନେ ହୁଏ ବୋଲି ଅନେକ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ମତ ଦିଅନ୍ତି। ଯେପରିକି ନିର୍ବାଚନରେ ପ୍ରାର୍ଥୀ ହେବା ନିମନ୍ତେ ବୟସସୀମା, ପ୍ରାର୍ଥୀଙ୍କ ଶ୍ରେଣୀରେ ଉପସ୍ଥାପନ ସଂଖ୍ୟା ୭୫ପ୍ରତିଶତର ଉର୍ଦ୍ଧ୍ୱ, ପ୍ରାର୍ଥୀ ନାମରେ କୌଣସି ଅପରାଧିକ ଅଭିଯୋଗ ନଥିବା, ପ୍ରାର୍ଥୀ ନିର୍ବାଚନ ପ୍ରଚାର ପାଇଁ ୫ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ କରିପାରିବେ ନାହିଁ, ପୋଷ୍ଟର ବ୍ୟାନର ଉପରେ କଟକଣା ଇତ୍ୟାଦି। ତେବେ ବିଜ୍ଞପ୍ତି ପ୍ରକାଶ ପାଇବା ପରଠାରୁ ଆଶାୟୀ ପ୍ରାର୍ଥୀମାନେ ନବାଗତଙ୍କୁ ସ୍ୱାଗତ କରିବା ବାହାନାରେ ବ୍ୟାନର ଓ



ହୋର୍ଡିଂ ଲଗାଇବା ସହ ମଦ ମାଂସ ସହ ବିଭିନ୍ନ ଉପହାର ମାଧ୍ୟମରେ ପ୍ରଲୋଭନ କରାଯାଉଥିବାର ଶୁଣିବାକୁ ମିଳୁଛି। ଅପରପକ୍ଷେ ବିଭିନ୍ନ ରାଜନୈତିକ ଦଳର ଅର୍ଥ ଓ ବାହୁବଳରେ ବଳିଆନ ହୋଇ ଛାତ୍ରନେତା ମାନେ ସେମାନଙ୍କ ହାତବାରିସ ହୋଇ ରହିଯାଉଥିବାର ଦେଖିବାକୁ ମିଳୁଛି।

### ଖୁଆ ପାହାଡ଼ରେ ସଦର ପୁଲିସର ଚଢ଼ାଉ

# ୪ଟି ହାଇୱା ଓ ପ୍ରୋକଲିନ ମେସିନ୍ ଜବତ, ୪ ଗିରଫ

ଖୋର୍ଦ୍ଧା, (ସବ୍ୟୁ) : ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଖୁଆ ପାହାଡ଼ରେ ବେଆଇନ ଭାବେ କଳାପଥର ଖନନ ଓ ପରିବହନ କରାଯାଉଥିବା ଅଭିଯୋଗରେ ପୁଲିସ ୪ଜଣଙ୍କୁ ଗିରଫ କରିଛି। ବୁଧବାର ସକାଳେ ଏହି ଚଢ଼ଉ ସମୟରେ କଳାପଥର ବୋଝେଇ ୪ଟି ହାଇୱା ଟ୍ରକ ସହ ଗୋଟିଏ ପ୍ରୋକଲିନ ମେସିନ ଜବତ କରାଯାଇଛି।ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲ୍ଲା ଚାମୁଣ୍ଡା ଗ୍ରାମର ସିମାଂଚଳ କର (୩୬), ବୌଦ୍ଧ ଜିଲ୍ଲା ତିରଡ଼ା ଗ୍ରାମର ଅଜିତ ସ୍ୱାଇଁ (୨୯), ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ମଳିପଡା ଗ୍ରାମର ସତ୍ୟନାରାୟଣ ମହାପାତ୍ର (୩୮) ଏବଂ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଦୁର୍ଗାପୁର ଗ୍ରାମର ପ୍ରକାଶ କୁମାର ଛୋଟରାୟ (୩୬)। ଖୁଆ ପାହାଡରେ ବେଆଇନ୍ ଭାବେ କଳାପଥର ଖନନ




ଚାଲିଥିବା ସମ୍ପର୍କରେ ପୁଲିସ ବିଶେଷ ସୂତ୍ରରୁ ସୂଚନା ପାଇଥିଲା। ସେମାନଙ୍କୁ ଧରିବା ଲାଗି ଏସ୍‌ପି ପରମାର ସ୍ମିଥ୍ ପର୍ଶୋତମ ଦାସଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ପଙ୍କଜ କୁମାର ମାଝୀଙ୍କ ତତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କ ନେତୃତ୍ୱରେ ସକାଳ ସମୟରେ ଖୋର୍ଦ୍ଧା ସଦର ଥାନା ପୁଲିସ୍ ର ଏକ ଟିମ ଘଟଣାସ୍ଥଳରେ ପହଁଚିଥିଲା। ଦୁଇଜଣ ସାକ୍ଷୀଙ୍କ ଉପସ୍ଥିତିରେ ପୁଲିସ ଚଢ଼ଉ କରିବା ସମୟରେ ପ୍ରୋକଲିନ ମେସିନ ସାହାଯ୍ୟରେ ପାହାଡ଼ରୁ କଳାପଥର ଖନନ କରାଯାଉଥିବା ଏବଂ ତାହାକୁ ହାଇୱା ଟ୍ରକ ରେ ବୋଝେଇ କରାଯାଉଥିଲା। ପୁଲିସକୁ ଦେଖି କେତେକ ବ୍ୟକ୍ତି ନିକଟସ୍ଥ ବୁଦାଳିଆ ଅଂଚଳକୁ ଦୌଡ଼ି ପଳାଇଥିଲେ। ଏହି ସମୟରେ ପୁଲିସ ୪ଟି ହାଇୱା ଟ୍ରକ୍ କୁ ଅଟକାଇ ଯାଞ୍ଚ କରିଥିଲା। ଏଥିମଧ୍ୟରୁ ଗୋଟିଏ ଟ୍ରକ୍ ରେ ପୂର୍ଣ୍ଣ ମାତ୍ରାରେ ଓ ଅନ୍ୟ ତିନୋଟିରେ ଆଂଶିକ ଭାବେ କଳାପଥର ବୋଝେଇ ହୋଇଥିଲା। ଖଣିଜ ପଦାର୍ଥ ପରିବହନ ପାଇଁ ଆବଶ୍ୟକ ଟ୍ରାନଜିଟ ପରମିଟ, ରୟାଲ୍ଟି ରସିଦ, ଚାଲାଣ କିମ୍ବା ଅନ୍ୟାନ୍ୟ ବୈଧ କାଗଜପତ୍ର ଦେଖାଇବାରେ ଗୋଟିଏ ଟ୍ରକ୍‌ର ଚାଳକ ବିଫଳ ହୋଇଥିବା ପୁଲିସ କହିଛି। ସେହିପରି ଘଟଣାସ୍ଥଳରେ କଳାପଥର ଖନନ ପାଇଁ ବୈଧ ଲିଜ, ଲାଇସେନ୍ସ କିମ୍ବା ଅନୁମତିପତ୍ର ନଥିବା ମଧ୍ୟ ତଦନ୍ତରୁ ଜଣାପଡ଼ିଥିବା ପୁଲିସ ପକ୍ଷରୁ କୁହାଯାଇଛି। ଜବତ ଯାନବାହନ ଓ ଖନନ ମେସିନକୁ ସାକ୍ଷୀଙ୍କ ଉପସ୍ଥିତିରେ ଜବତ କରାଯାଇ ଜବତ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏହି ଘଟଣାରେ ଅଭିଯୋଗକାରୀ ଓ ଅନ୍ୟ ସାକ୍ଷୀଙ୍କ ବୟାନ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବି.ଏନ.ଏସ.ଏସ)ର ଧାରା ୧୮୦ ଅନୁଯାୟୀ ରେକର୍ଡ କରାଯାଇଛି। ଏହା ସହିତ ଅଂଚଳରେ ବେଆଇନ ଖନନ ଓ ପଥର ପରିବହନ କାରବାରରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ସ୍ଥାନୀୟ ଭାବେ ତଦନ୍ତ କରାଯାଉଛି। ପୁଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଅଧିକ ଆର୍ଥିକ ଲାଭ ଉଦ୍ଦେଶ୍ୟରେ ସଂଗଠିତ ଭାବେ କଳାପଥର ଖନନ ଓ ପରିବହନ କରାଯାଉଥିବା ସନ୍ଦେହ କରାଯାଉଛି। ଖନନ ହୋଇଥିବା ପଥର ସ୍ଥାନୀୟ ଅଂଚଳ ରେ ବିକ୍ରି କରାଯାଉଥିବା ନେଇ ମଧ୍ୟ ତଦନ୍ତରେ ସୂଚନା ମିଳିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଖୋର୍ଦ୍ଧା ସଦର ଥାନାରେ କେସ ନମ୍ବର ୫୦୨/୨୬ରେ ମାମଲା ରୁଜୁ ହୋଇଛି। ଗିରଫ ୪ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା ତେବେ ଅଭିଯୁକ୍ତମାନଙ୍କୁ ୧୫ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସଦର ଥାନା ଅଧିକାରୀ ବାସୁଦେବ ଜୟସିଂହ ସୂଚନା ଦେଇଛନ୍ତି।

## ଆଜି କଲେଜ ଛାତ୍ର ସଂସଦ ନିର୍ବାଚନ, ଦମ୍ ଦେଖାଇଲେ ସବୁ ପ୍ରାର୍ଥୀ

# ଏମ୍‌ପିସିରେ ଏବିଭିପି ଓ ବିସିଜେଡି ମଧ୍ୟରେ କଡ଼ା ଟକ୍କର

### ଚିତ୍ରଡା କଲେଜର ଶତାଧିକ ଛାତ୍ରଛାତ୍ରୀ ଜଗା ଦର୍ଶନ ପାଇଁ ଯାଉଥିବାବେଳେ ପୋଲିସ ଅଟକାଇଲା

### ବିବି କଲେଜ ହ୍ୱାଇ ଆଇ ଷ୍ଟାଣ୍ଡ ଫର୍ ମିଂଟ୍ ବେଳେ ଅଚେତ୍ ହେଲେ ସଭାପତି ପ୍ରାର୍ଥୀ



ବାରିପଦା, (ସବ୍ୟୁ) : ରାତି ପାହିଲେ ଗୁରୁବାର ଛାତ୍ର ସଂସଦ ନିର୍ବାଚନ। ଆଜି କ୍ୟାମ୍ପସର ଶେଷ ଦିନ ପ୍ରଚାରରେ ତଥା ମୁଁ କାହିଁକି ପ୍ରାର୍ଥୀ ହୋଇଛି ସଭାରେ ସମସ୍ତ ପ୍ରାର୍ଥୀ ମାନେ ଭୋଟରଙ୍କୁ ନିଜ ଆଡକୁ ଆକୃଷ୍ଟ କରିବା ପାଇଁ ସମସ୍ତ ପ୍ରକାରର ଦମ୍ ଦେଖାଇଥିଲେ। କଲେଜ ଛାତ୍ର ସଂସଦ ନିର୍ବାଚନକୁ ନେଇ ଏବେ କ୍ୟାମ୍ପସ ଉଠୁଛି ପଡୁଛି ଏବଂ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ବିଭିନ୍ନ ଛାତ୍ର ସଂଗଠନ ମାନେ ନିଜ ପ୍ରାର୍ଥୀଙ୍କୁ ବିଜୟ କରିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରୁଛନ୍ତି । ଛାତ୍ର ସଂସଦ ନିର୍ବାଚନକୁ ନେଇ ବିଭିନ୍ନ କଲେଜରେ ବିଭିନ୍ନ ଘଟଣାମାନ ଦେଖିବାକୁ ମିଳିଥିଲା।

ମୟୂରଭଞ୍ଜ ଜିଲ୍ଲାର ଛାତ୍ର ସଂସଦ ନିର୍ବାଚନର କେନ୍ଦ୍ରବିନ୍ଦୁ ପାଲଟିଥିବା ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ କଲେଜ ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ତୀବ୍ର ପ୍ରତିଦ୍ୱନ୍ଦିତା ଦେଖିବାକୁ ମିଳିଛି । ଏବିଭିପି ଓ ବିଜୁ ଛାତ୍ର ଜନତା ଦଳ ମଧ୍ୟରେ କଡା ଟକ୍କର ହେଉଛି।

ସେହିପରି ଚିତ୍ରଡା କଲେଜ ନିର୍ବାଚନକୁ ନେଇ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ମଙ୍ଗଳବାର ରାତିରେ ଜଗାଦର୍ଶନ ପାଇଁ ଚିତ୍ରଡା କଲେଜର ଶହେରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବସରେ ଯାଉଥିବାବେଳେ ପୁଲିସ ବସ ଅଟକାଇବା ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ମୟୂରଭଞ୍ଜ ଜିଲ୍ଲାର ମୋରଡା ନିର୍ବାଚନ ମଣ୍ଡଳୀର ଚିତ୍ରଡା କଲେଜର ଛାତ୍ରଛାତ୍ରୀ ମାନେ ଜଗାଦର୍ଶନ ପାଇଁ ପୁରୀ ଯାଉଥିବାବେଳେ ମୋରଡା ପୋଲିସ ବେତନଟୀ ଥାନା ଅଧିନରେ ଥିବା ଦାନ୍ତିଆମୁହାଁ ଛକରେ ଦୁଇଟି ବସକୁ ଅଟକାଇ ବେତନଟୀ ଥାନାକୁ ନେଇ ଯାଞ୍ଚ କରିଥିଲେ। ଦୁଇଟି ବସରେ ଛାତ୍ରଛାତ୍ରୀମାନେ ସ୍ୱଇଚ୍ଛାରେ ପରିବାର ଲୋକଙ୍କ ଠାରୁ ଜଗନ୍ନାଥଙ୍କ ନିକଟରେ ପୂଜା କରିବା ପାଇଁ ଯାଉଥିଲେ ବୋଲି ପ୍ରକାଶ କରିଥିଲେ।

ଅପରପକ୍ଷରେ ମୋରଡା ପୋଲିସ ସୂଚନା ଅନୁଯାୟୀ କଲେଜ ନିର୍ବାଚନ ପାଇଁ କୋଡ ଅଫ୍ କଣ୍ଡକଟ ଲାଗୁ ହୋଇଥିବାବେଳେ ଛାତ୍ରଛାତ୍ରୀଙ୍କୁ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପୁରୀ ବୁଲାଇ ନେବା ବେଆଇନ୍ ତଥା କଲେଜ ଅଧକ୍ଷଙ୍କର ବିନା ଅନୁମୋତିରେ ଏହି ଘଟଣା ଘଟିଥିବାରୁ ନିର୍ବାଚନକୁ ପ୍ରଭାବିତ କରିବା ଆଶଙ୍କା ଥିବାରୁ ଛାତ୍ରଛାତ୍ରୀଙ୍କୁ ଘରକୁ ଫେରାଇ ଆଣି ଅଭିଭାବକଙ୍କୁ ହସ୍ତାନ୍ତର କରାଯାଇଥିଲା। ମାତ୍ର ଏ ସମୁଦାୟ ଘଟଣା ଚିତ୍ରଡା କଲେଜରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି । ସେହିପରି ବୁଧବାର ବାଇଗଣବାଡିଆ ସ୍ଥିତ ବାବା ବଳିଆ କଲେଜ ସମ୍ମୁଖରେ ପ୍ରବଳ ଉତ୍ତେଜନା ଦେଖିବାକୁ ମିଳିଥିଲା । କଲେଜ ନିର୍ବାଚନ ମାହଲ ଥିବାବେଳେ ଏବିଭିପିର ସଭାପତି ପ୍ରାର୍ଥୀ ଅନ୍ୟାନ୍ୟ କିଛି ପ୍ରାର୍ଥୀଙ୍କ ସହ ଏକ ଥାର୍ ଗାଡିରେ ଆସି ପହଞ୍ଚିଥିଲେ। ସଭାପତି ପ୍ରାର୍ଥୀ ଗାଡିରୁ ଓହ୍ଲାଇ କଲେଜ ଭିତରକୁ ଯିବା ବେଳେ ଉପସ୍ଥିତ କିଛି ଲୋକ ଗାଡି ପାଖକୁ ଆସି ପ୍ରବଳ ପାଟିତୁଣ୍ଡ କରିଥିବା ଦେଖିବାକୁ ମିଳିଥିଲା । ପ୍ରାର୍ଥୀ ଜଣଙ୍କ ଏଭଳି ପରିସ୍ଥିତିରେ ଭାଷଣ ଦେଉଥିବାବେଳେ ଅତ୍ୟଧିକ ମାନସିକ ଚାପ ଯୋଗୁଁ ମୁର୍ଚ୍ଛା ହୋଇପଡିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନା ନିଆଯାଇ ଚିକିତ୍ସା କରାଯାଇ ସୁସ୍ଥ ହେବା ପରେ ଛାଡି ଦିଆଯାଇଥିଲା । ଅପରପକ୍ଷରେ ଗୁରୁବାର ମତଦାନ ଓ ଗଣତି ହେବା ପରେ କେଉଁ ଛାତ୍ର ସଂଗଠନ ବିଭିନ୍ନ କଲେଜର ଛାତ୍ର ସଂସଦ ପଦବୀଙ୍କୁ ଦଖଲ କରିବ ତାହା ଜଣାପଡିବ।

## ରାସ୍ତାକୁ ମାଡ଼ିଗଲାଣି ବୁଦାବଣ, ସାଜିଛି ଦୁର୍ଘଟଣାର କାରଣ



ବୁଗୁଡ଼ା, (ସବ୍ୟୁ) : ସମ୍ପ୍ରତି ବୁଗୁଡା ଅଞ୍ଚଳରେ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା କେତେକ ସ୍ଥାନରେ ରାସ୍ତାକଡ଼ର ଗଛବୁଦା ଦୁର୍ଘଟଣାର କାରଣ ପାଲଟିଛି । ରାଜ୍ୟ ରାଜପଥ ହେଉ କି ଗ୍ରାମ୍ୟ ଉନ୍ନୟନ ରାସ୍ତା ସବୁଠି ବୁଦାବଣ ମାଡ଼ିଯାଇ ସମସ୍ୟା ସୃଷ୍ଟି କରୁଛି। ଉଭୟପାର୍ଶ୍ୱରୁ ଯାନବାହାନ ଚଳାଚଳ କରୁଥିବା ବେଳେ କେତେକ ଅଙ୍କାବଙ୍କା ରାସ୍ତାର ପାର୍ଶ୍ୱରେ ଥିବା ଲଟାବୁଦା ଯୋଗୁଁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣାମାନ ଘଟୁଥିବା ଜଣାପଡ଼ିଛି । ବୁଗୁଡା ଅଞ୍ଚଳରେ ରାସ୍ତାକଡସ୍ଥ ଲଟାବୁଦା ଏବେ ଚାଳକଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି ।

ସୂଚନା ଅନୁଯାୟୀ ଗ୍ରାମାଞ୍ଚଳର ଅଙ୍କାବଙ୍କା ରାସ୍ତା କଡ଼ରେ ଥିବା ବୁଦାବଣ ଗାଡ଼ିଚାଳକଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ଖାଲି ସେତିକି ନୁହଁ ରାସ୍ତାର ଉଭୟ ପାର୍ଶ୍ୱର ଗଛଲତା ମାଡ଼ିଥିବାରୁ ବାଇକ୍ ଚାଳକଙ୍କ ମଧ୍ୟରେ ଧକ୍କାହୋଇ ଗୁରୁତର ହେଉଛନ୍ତି। ଏହା ସହିତ ମୁଖ୍ୟ ସଡକର କେତେକ ସ୍ଥାନରେ ଉଭୟ ପାର୍ଶ୍ୱ ଓ ବୁଲାଣି ଗୁଡିକରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି । ରାସ୍ତାକଡ ସଫା ହେଉନଥିବାରୁ ଗାଡ଼ିଚାଳକ ଜାଣିପାରୁ ନଥିବାରୁ ଛୋଟବଡ଼ ଦୁର୍ଘଟଣା ଘଟିଚାଲିଛି। ଏନେଇ କିଛି ଗାଡ଼ିମାଲିକ ଏବଂ ସମାଜସେବୀ ରାସ୍ତାର ଉଭୟପାର୍ଶ୍ୱ ସଫାପାଇଁ ସ୍ୱର ଉଠାଇଥିଲେ ମଧ୍ୟ ରାସ୍ତାକଡ଼ ସଫା କରିବାର ନାଁ ଉଠୁନି । ପ୍ରଶାସନକୁ କିଛି ଲୋକ ଆପତ୍ତି କରିଥିଲେ ମଧ୍ୟ ସମାନ ଢଙ୍ଗରେ ଦିନ ଗଡ଼ାଇ ଚାଲିଥିବା ଲୋକେ କହିଛନ୍ତି । ସରକାରୀ ନିୟମ କହୁଛି ରାସ୍ତା ତିଆରି କରୁଥିବା ଠିକାଦାର କାର୍ଯ୍ୟର ଅବଧି ଅନୁଯାୟୀ ପ୍ରତିବର୍ଷ ରାସ୍ତାର ଉଭୟ ପାଶ୍ୱର୍ ସଫା କରିବା କଥା । ଏଥି ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯାଉଛି, କିନ୍ତୁ ତାହା ଏଠାରେ କରାଯାଉନାହିଁ । ଠିକାଦାର ଜାଣିଶୁଣି କିଛି କରୁନଥିବାବେଳେ ବିଭାଗ ଅଭିନୟ କରିଚାଲିଛି । ଏଥି ପ୍ରତି ଜିଲ୍ଲାପାଳ ଓ ଆଞ୍ଚଳିକ ପରିବହନ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି ।

## ବ୍ରହ୍ମପୁରରେ ସ୍ୱଚ୍ଛତା ଅଭିଯାନ: ସହରକୁ ସ୍ୱଚ୍ଛ ରଖିବା ଉପରେ ସଚେତନତା



ବ୍ରହ୍ମପୁର, (ସବ୍ୟୁ) : ସ୍ୱଚ୍ଛ ବ୍ରହ୍ମପୁର, ସୁସ୍ଥ ବ୍ରହ୍ମପୁର ଗଠନ ଲକ୍ଷ୍ୟରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଆଜି ଆଗା ସାହି ଛକ, ବଡ ବଜାର ଅଞ୍ଚଳର ଜନସାଧାରଣଙ୍କୁ ଆମେ ଆମ ପରିବେଶ ସ୍ୱଚ୍ଛତା ରକ୍ଷା ନିମନ୍ତେ ଏକ ଅଭିଯାନରେ ବିଧାୟକ କେ ଅନିଲ କୁମାର ଯୋଗ ଦେଇ ସଚେତନ କରିଥିଲେ । ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ-ମିଶନ ଜିରୋ ପ୍ଲାଷ୍ଟିକ୍ ଭିଜିବିଲିଟି’ ଏବଂ “ସ୍ୱଚ୍ଛତା ହିଁ ସେବା-୨୦୨୬’ ଅଭିଯାନ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସହରରେ ସ୍ୱଚ୍ଛତାର ପରିବେଶ ସୃଷ୍ଟି କରିବା, ପ୍ଲାଷ୍ଟିକ୍ ପ୍ରଦୂଷଣ ହ୍ରାସ କରିବା ଏବଂ ନାଗରିକଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ଦାୟିତ୍ୱବୋଧ ବୃଦ୍ଧି କରିବା । ବିଧାୟକ କେ ଅନିଲ କୁମାର ସ୍ୱଚ୍ଛତାର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ସହ ସ୍ୱଚ୍ଛ ସହର ଗଠନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ସ୍ୱଚ୍ଛତା କେବଳ ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ ବରଂ ଏହା ପ୍ରତ୍ୟେକ ନାଗରିକଙ୍କ ଦୈନନ୍ଦିନ ଜୀବନର ଅଭ୍ୟାସ ହେବା ଆବଶ୍ୟକ ବୋଲି ବାର୍ତ୍ତା ଦିଆଯାଇଥିଲା ।

ରାସ୍ତାଘାଟ, ଡ୍ରେନ୍, ବଜାର ଓ ସାର୍ବଜନୀନ ସ୍ଥାନରେ ଆବର୍ଜନା ନପକାଇବା, ଓଦା ଓ ଶୁଖିଲା ଆବର୍ଜନାକୁ ପୃଥକ ରଖିବା, ନିର୍ଦ୍ଧାରିତ ସ୍ଥାନରେ ଆବର୍ଜନା ପକାଇବା ଏବଂ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ବ୍ୟବହାର କମାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ମୋ ସହର, ମୋ ଦାୟିତ୍ୱ-ଆବର୍ଜନା ଏଣେତେଣେ ପକାଇବା ନାହିଁ, ପ୍ଲାଷ୍ଟିକ୍ ପ୍ରଦୂଷଣ ବଢ଼ାଇବା ନାହିଁ, ବ୍ରହ୍ମପୁରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ନିଜେ ଆଗେଇ ଆସିବା । ଏହି ସଂକଳ୍ପକୁ ନେଇ ପ୍ରତ୍ୟେକ ନାଗରିକ ଆଗକୁ ଆସିଲେ ହିଁ ଏକ ସ୍ୱଚ୍ଛ, ସୁସ୍ଥ ଓ ପ୍ଲାଷ୍ଟିକ ମୁକ୍ତ ବ୍ରହ୍ମପୁର ଗଠନ ସମ୍ଭବ ହୋଇପାରିବ। ସ୍ୱଚ୍ଛତା ଆମର ଅଭ୍ୟାସ ହେଉ, ପରିବେଶ ସୁରକ୍ଷା ଆମର ସଂକଳ୍ପ ହେଉ ଏବଂ ସ୍ୱଚ୍ଛ ବ୍ରହ୍ମପୁର ଆମର ପରିଚୟ ହେଉ ବୋଲି ନାରା ଦେଇଥିଲେ ।

## ଭଞ୍ଜଦୀପ ପତ୍ରିକାର ଷୋଡ଼ଶ ସଂଖ୍ୟା ମୁଖପତ୍ର ଉନ୍ମୋଚିତ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ବାରିପଦାସ୍ଥିତ ମାଅମ୍ବିକାଙ୍କ ମନ୍ଦିର ପରିସରରେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସାହିତ୍ୟ ସଂସଦର ମୁଖପତ୍ର ଭଞ୍ଜଦୀପର ଷୋଡ଼ଶ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି ।

ଏହି ଅବସରରେ ଅନୁଷ୍ଠାନର ସଭାପତି ଡଃ କୁମରମଣି ନାୟକ, ଉପଦେଷ୍ଟା ଡଃ ପୁଷ୍ପା ପାତ୍ର, ଡଃ ଅଳକା ମଞ୍ଜରୀ ଭୂୟାଁ, ବାସନ୍ତୀଲତା ମହାପାତ୍ର, ଗୀତାରାଣୀ ସାହୁ, କୈବଲ୍ୟ ପ୍ରସାଦ ମହାପାତ୍ର, ଭାସ୍ୱତୀ ପଣ୍ଡା, ଡଃ ମାଙ୍ଗଳିକା ମହାପାତ୍ର, ପାର୍ଥସାରଥି ମହାନ୍ତି, ଝୁମର ପାତ୍ର, ନିହାରିକା ପଟ୍ଟନାୟକ ଓ କୌଶିକ ଗିରି ପ୍ରମୁଖ ଉପସ୍ଥିତ ରହି ପତ୍ରିକାର ବିଷୟବସ୍ତୁ, ସାହିତ୍ୟିକ ମୂଲ୍ୟବୋଧ ଓ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାରପ୍ରସାର ସହ ନୂତନ ପ୍ରତିଭାଙ୍କୁ ସୁଯୋଗ ଦେବାରେ ଏଭଳି ସାହିତ୍ୟ ପତ୍ରିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଥିଲା । ଅନୁଷ୍ଠାନର ଉପଦେଷ୍ଟା ସୋମନାଥ ସିଂହ, ଡଃ ନିରୋଜ କୁମାର ପୋଥାଳ ଓ ଉପସଭାପତି ଭାସ୍କର ବାରିକଙ୍କ ସହଯୋଗରେ ପତ୍ରିକାର ସମ୍ପାଦନା କାର୍ଯ୍ୟ ସମ୍ପନ୍ନ ହୋଇଥିବା ଅନୁଷ୍ଠାନର ସମ୍ପାଦିକା ସୁଚରିତା ମହାନ୍ତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ପତ୍ରିକାର ଉନ୍ମୋଚନକୁ ସଫଳ କରିଥିବା ସମସ୍ତ ସାହିତ୍ୟ ପ୍ରେମୀ ଓ ଅତିଥିଙ୍କୁ ସେ ଧନ୍ୟବାଦ ଜଣାଇଥିଲେ ।

## ଧରାକୋଟରେ ନୂଆ ବିଡିଓ

ଧରାକୋଟ, (ସବ୍ୟୁ) : ଦୀର୍ଘ ଛଅ ମାସ ଧରି ଖାଲି ପଡିଥିବା ଧରାକୋଟ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦବୀ ପୂରଣ ହୋଇଛି । ଏଠାରେ କାର୍ଯ୍ୟରତ ବିଡିଓ ସଂଗ୍ରାମ କେଶରୀ ଜେନା ଗତ ଏପ୍ରିଲ ମାସରେ ଅବସର ଗ୍ରହଣ ପରେ ଶେରଗଡ ବିଡିଓ ତୃପ୍ତିମୟୀ ଜେନା ଧରାକୋଟର ଅତିରିକ୍ତ ଦାୟିତ୍ୱ ତୁଲାଇ ଆସୁଥିଲେ । ଫଳରେ ବ୍ଲକ ପ୍ରଶାସନ ଏକ ରକମ କୋମା ଅବସ୍ଥାକୁ ଚାଲି ଆସିଥିଲା । ସଂପ୍ରତି ମାଲକାନଗିରି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବରେ ଅବସ୍ଥାପିତ ଥିବା ଶ୍ରୀମତୀ ଲିପିନା ଦାସ ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକର ନୂତନ ବିଡିଓ ଭାବରେ ବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ଆଜି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଭାରପ୍ରାପ୍ତ ଏବିଡିଓ ସୁଶାନ୍ତ କୁମାର ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଜ୍ଞାନ ରଞ୍ଜନ ପ୍ରଧାନ, ସହକାରୀ ଯନ୍ତ୍ରୀ ପି. କେ ନାହାକ, ପିଏମ ସାହୁ, ପ୍ରମୋଦ କୁମାର ଶତପଥୀ, ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, ସିପି ଲମ୍ବୋଦର ଗୌଡ, ବିପିସି କୃଷ୍ଣକାନ୍ତ ପଣ୍ଡା, ଏପିଓ ନନ୍ଦିନୀ ଦାସ ପ୍ରମୁଖ ସାକ୍ଷାତ କରି ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ଧରାକୋଟ ପ୍ରେସ କ୍ଲବ ତରଫରୁ ନୂତନ ବିଡିଓଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ନିଜ ବକ୍ତବ୍ୟରେ ବ୍ଲକ ପ୍ରଶାସନକୁ କର୍ମତତ୍ପର କରାଯିବା ସହ ସରକାରୀ ଯୋଜନା ଗୁଡିକର ଲାଭ ଯେପରି ସାଧାରଣ ଲୋକ ପାଇବେ ସେଦିଗରେ ପ୍ରାଥମିକତା ଦିଆଯିବ ବୋଲି ପ୍ରକାଶ କରିଥିଲେ ।

## ବରିଷ୍ଠତା ଭିତ୍ତିରେ ଫାର୍ମାସି ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ ଦାବି କଲା ଓସ୍ୱା

କଟକ, (ସ୍ୱପ୍ର) : ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ କାର୍ଯ୍ୟରତ ସିନିୟର ଫାର୍ମାସି ଅଫିସର (ଲେଭଲ୍-୨) ମାନଙ୍କୁ ବରିଷ୍ଠତା ଭିତ୍ତିରେ ବିଭିନ୍ନ ୟୁନିଟରେ ଦାୟିତ୍ୱ ବଣ୍ଟନ କରିବାକୁ ଓଡ଼ିଶା ଫାର୍ମାସି ଅଫିସର୍ସ ସର୍ଭିସ୍ ଆସୋସିଏସନ୍ (ଓସ୍ୱା), ଏସସିବି ଶାଖା ପକ୍ଷରୁ ଦାବି କରାଯାଇଛି । ଏହି ମର୍ମରେ ସଂଘ ପକ୍ଷରୁ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ଅଧୀକ୍ଷକ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଫାର୍ମାସି କ୍ୟାଡରର ନିର୍ଦ୍ଧାରିତ କାର୍ଯ୍ୟଦାୟିତ୍ୱର କଡ଼ାକଡ଼ି ଅନୁପାଳନ ନିମନ୍ତେ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟ, ଓଡ଼ିଶାଙ୍କ ପତ୍ର ସଂଖ୍ୟା ୨୧୬୭୮, ତାରିଖ ୨୪.୦୯.୨୦୨୬ ଏବଂ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶନାମା ସଂଖ୍ୟା ୧୫୪୭୬/ ଏଚ୍, ତାରିଖ ୦୩.୦୬.୨୦୨୬ ଅନୁଯାୟୀ ପଦକ୍ଷେପ ନେବାକୁ ସଂଘ ଅନୁରୋଧ କରିଛି ।

ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ, ବରିଷ୍ଠତାକୁ ଆଧାର କରି ଯୋଗ୍ୟ ଅଧିକାରୀମାନଙ୍କୁ ବିଭିନ୍ନ ଓପିଡି ଓ ଆଇପିଡି ଡ୍ରଗ୍ ଡିସପେନ୍ସିଂ ସେଣ୍ଟର, ସେଣ୍ଟ୍ରାଲ୍ ଡ୍ରଗ୍ ଷ୍ଟୋରର ବିଭିନ୍ନ ବିଭାଗ ଏବଂ ଅପରେସନ୍ ଥିଏଟର ୟୁନିଟଗୁଡ଼ିକର ଦାୟିତ୍ୱ ବଣ୍ଟନ କରିବା ଉପରେ ସଂଘ ଗୁରୁତ୍ୱାରୋପ କରିଛି । ଏହାଦ୍ୱାରା କାର୍ଯ୍ୟଦାୟିତ୍ୱରେ ସ୍ୱଷ୍ଟତା ଆସିବା ସହ ଫାର୍ମାସି କ୍ୟାଡରର ସଠିକ୍ ଉପଯୋଗ, କାର୍ଯ୍ୟରେ ସମନ୍ୱୟ ଏବଂ ରୋଗୀ ସେବାର ଗୁଣବତ୍ତା ବୃଦ୍ଧି ପାଇପାରିବ ବୋଲି ସଂଘ ଆଶା ପ୍ରକାଶ କରିଛି । ସରକାରୀ ନିର୍ଦ୍ଦେଶାବଳୀକୁ ଅନୁପାଳନ କରି ବରିଷ୍ଠତା ଭିତ୍ତିରେ ଦାୟିତ୍ୱ ବଣ୍ଟନ ନିମନ୍ତେ ଏସସିବି କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ସଂଘ ଆଶାବ୍ୟକ୍ତ କରିଛି ।

### ଟ୍ରିମ୍‌ସରେ ଆଲୋଚନାଚକ୍ର

## ବିକଶିତ ଭାରତ ପାଇଁ ଯୁବପିଢି ନିଶା ଠାରୁ ଦୂରେଇ ରହନ୍ତୁ



କଟକ, (ସ୍ୱପ୍ର): ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିକଶିତ ଭାରତ ପାଇଁ ନିଶାମୁକ୍ତ ସମାଜ ସଚେନତାଧର୍ମୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ଅବସରରେ ନିଶାମୁକ୍ତ, ସୁସ୍ଥ ସମାଜ ଗଠନରେ ସେମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ମୁଖ୍ୟଅତିଥି ଭାବରେ ଯୋଗଦେଇ ତାମିଲନାଡୁ ପ୍ରଦେଶର ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ଡ. କାହ୍ନୁ ଚରଣ ମହାଲି ଶିକ୍ଷା ଓ ସଂସ୍କାର ଉପରେ ଗୁରୁତ୍ୱାରୋପ କରି ବିକଶିତ ଭାରତ ନିର୍ମାଣ ସଂକଳ୍ପ ସାକାର ଲାଗି ଯୁବପିଢୀ ସମସ୍ତ ପ୍ରକାର ନିଶା ସେବନ ଠାରୁ ଦୂରରେ ରହନ୍ତୁ ବୋଲି ମତ ଦେଇଥିଲେ । ସମ୍ମାନିତ ଅତିଥି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଗୋପାଳ କୃଷ୍ଣ ନାୟକ ନିଶା ସେବନର କୁପରିଣାମ ସଂପର୍କରେ ଆଲୋକପାତ ବିଦ୍ୟାର୍ଥୀମାନେ ଅଧ୍ୟୟନରେ ମନୋନିବେଶ କରି ସଫଳ ଭବିଷ୍ୟତ ଗଠନରେ ବ୍ରତୀ ହେବାକୁ ଦିଗଦର୍ଶନ ଦେଇଥିଲେ ।

ଅନ୍ୟତମ ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ନିଶା କିଭଳି ମଣିଷକୁ କୁପଥଗାମୀ କରିଦିଏ ତାହା ବର୍ଣ୍ଣନା କରିବା ସହ ନିଜର ଦକ୍ଷତା ପ୍ରତିପାଦନ କରିବା ପିତାମାତାଙ୍କ ଅଭିଳାଷ ପୂରଣ କରିବାକୁ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ ।

ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ ଏହାର ଆଭିମୁଖ୍ୟ ସଂପର୍କରେ ସୂଚନା ଦେବା ସହିତ ଚଳିତ ବର୍ଷର ବାର୍ତ୍ତା ମୋ ସ୍ୱାସ୍ଥ୍ୟ ମୋର ଗୋଠରବ ଉପରେ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ । ଏହି ଅବସରରେ ଆୟୋଜିତ ବିବିଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ସ୍ୱାଗତ ଅଭିଭାଷଣ ଓ ଟ୍ରିମ୍‌ସ କୃଷି ବିଦ୍ୟାଳୟ ଡିନ୍ ପ୍ରଫେସର ଡ. କୁମ୍ଭକର୍ଣ୍ଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।







## ମହିଳା ବିରୋଧୀ ଅସଦାଚରଣ : ରାହୁଲ ଗାନ୍ଧୀ ଓ ସାଂସଦଙ୍କ କୁଶ ପିତୁଳା ଦାହ କଲା ବିଜେପି ମହିଳା ମୋର୍ଚ୍ଚା




ବ୍ରହ୍ମପୁର, (ସବ୍ୟୁ) : କଂଗ୍ରେସ ଦଳର ମଣିପୁର ସାଂସଦ ଅଙ୍ଗୋମଚା ବିମଳ ଅକୋଇଜାମ ଜେଏନୟୁରେ ଛାତ୍ରୀଙ୍କ ପ୍ରତି ଅସଦାଚରାଣ ଅଭିଯୋଗରେ ଜେଏନୟୁର ଇଣ୍ଟରନାଲ କମିଟି ଦ୍ୱାରା ଦଣ୍ଡିତ ହୋଇଛନ୍ତି । ଦେଶରେ ମହିଳା ବିରୋଧୀ ଅସଦାଚରଣ ଘଟଣାକୁ ବିରୋଧ କରି ବ୍ରହ୍ମପୁର ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଏହାର ତ୍ରୀବ୍ର ବିରୋଦ୍ଧ ସହିତ ପ୍ରତିବାଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

ଏହି ଅବସରରେ ମଣିପୁରର ସାଂସଦଙ୍କ ସମେତ ବିରୋଧିଦଳ ନେତା ରାହୁଲ ଗାନ୍ଧୀ ସ୍ଥାନୀୟ କଂଗ୍ରେସ ଭବନ ସମୁଖରେ କୁଶପୁତ୍ତଳିକା ଦାହ କରାଯାଇଥିଲା। ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ଗାନ୍ଧୀ ନଗର ଛକ ଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି କଂଗ୍ରେସ କାର୍ଯ୍ୟାଳୟ ସମୁଖରେ ପହଞ୍ଚି ବିକ୍ଷୋଭ ଓ ପ୍ରତିବାଦ କରାଯାଇଥିଲା । ଏହି ବିକ୍ଷୋଭରେ ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ, ବରିଷ୍ଠ ନେତ୍ରୀ ସବିତା ସୁଆର, କର୍ପୋରେଟର ସବିତା ସାହୁ, ବନିତା ସାହୁ, ମନିତା ଦାଶ, ମମତା ରଣା, ମଧୁସ୍ମିତା ଠାକୁର, ବର୍ଷା ବିଦୁସ୍ମିତା, ନର୍ମଦା ମଣି, ଭାରତୀ, ପ୍ରେମଶିଳା ନନ୍ଦ, ସୁସ୍ମିତା ସାହୁଙ୍କ ସମେତ ଜିଲ୍ଲାର ଦଳୀୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ମହିଳାଙ୍କ ସମ୍ମାନ ଓ ସୁରକ୍ଷା ପ୍ରସଙ୍ଗରେ ପ୍ରତିବାଦ କରିଥିଲେ।

ମହିଳାଙ୍କ ପ୍ରତି ଅସମ୍ମାନଜନକ ଆଚରଣକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ ଓ ମହିଳାଙ୍କ ମର୍ଯ୍ୟାଦା ଓ ସୁରକ୍ଷା ରକ୍ଷା ପାଇଁ ସମସ୍ତେ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ । ମଣିପୁରର ଜଣେ ସାଂସଦ ଏଗାର ଜଣ ମହିଳା ଛାତ୍ରୀଙ୍କ ସହିତ ଦୁଷ୍କର୍ମ କରିଥିବା ଅଭିଯୋଗରେ ଜେ.ଏନ୍.ୟୁ ର ଇଣ୍ଟରନାଲ୍ କମିଟି ଦ୍ୱାରା ଦଣ୍ଡିତ ହୋଇଛନ୍ତି ଏବଂ ତାଙ୍କୁ ଚାକିରିରୁ ବରଖାସ୍ତ କରାଯାଇଥିବା ଘଟଣାକୁ ନିନ୍ଦା କରିଥିଲେ । କଂଗ୍ରେସ ପାର୍ଟି ମହିଳା ସୁରକ୍ଷା ଓ ସଶକ୍ତି କରଣ ବିଷୟରେ କଥା କହୁଥିବା ବେଳେ ଏଭଳି ବ୍ୟକ୍ତିମାନଙ୍କୁ ଦଳରେ ସୁରକ୍ଷା ଦେଉଛି ।

With Best Compliments From :
**Banalata Stone Crusher**
Dankari, Chadeidhara, Jajpur

With Best Compliments From :
**Gyanaranjan Mohapatra**
Dankari, Rahadpur, Jajpur

## ଶୋଚନୀୟ ହୋଇପଡିଛି କୋଟିକୋଟି ଟଙ୍କାର ରାସ୍ତା

# ସୂଚନା ଫଳକ ନାହିଁ, ବିଭାଗୀୟ ଯନ୍ତ୍ରୀ ଜାଣିନାହାଁନ୍ତି ବ୍ୟୟ ଅଟକଳ

ଓଡାପଡା, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ନିମିଧା ପଞ୍ଚାୟତ ଅଧୀନ ବାଲିସାହି ଗୋପାଳପୁର ରାସ୍ତାଟି ଢ଼େଙ୍କାନାଳ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ତଦାରଖରେ ନିର୍ମାଣ କରାଯାଇ ଅଛି ।ଏକ ବର୍ଷ ମଧ୍ୟରେ ନିର୍ମାଣ କରାଯାଇ ଥିବା ଏହି ରାସ୍ତାର ଅବସ୍ଥା ବର୍ତ୍ତମାନ ଶୋଚନୀୟ ହୋଇ ମରଣଯନ୍ତା ପାଲଟିଥିବା ଅଭିଯୋଗ ହୋଇଛି। ଜନସାଧାରଣଙ୍କ ଗମନାଗମନ ସୁବିଧା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରାଯାଇଛି । କିନ୍ତୁ ସେହି ରାସ୍ତାର ଲାଭ ଜନସାଧାରଣ ପାଆନ୍ତି ନାହିଁ। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଯନ୍ତ୍ରୀ ଓ ଠିକାଦାର ପୋଷୁଥିବା ଜଣାପଡିଛି । ଯେଉଁ ସବୁ ରାସ୍ତା ନିର୍ମାଣ କରାଯାଉଛି ତାର କୌଣସି ସୂଚନା ଫଳକ ଲଗା ଯାଉନଥିବାରୁ ରାସ୍ତାର ସବିଶେଷ ବିବରଣୀ ମିଳୁନାହିଁ । ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ସ୍ୱର୍ଣ୍ଣଲତା ଧଳ କହିଛନ୍ତି କି ସୂଚନା ଫଳକ ଚୋରି ହୋଇ ଯାଉଥିବାରୁ ଲଗା ଯାଇ ନଥିବା କହିବା ସହିତ କେତେ ଅଟକଳ ବ୍ୟୟ କରାଯାଇ ରାସ୍ତା ନିର୍ମାଣ କରାଯାଉଛି କହି ପାରିବି ନାହିଁ ବୋଲି କହିଛନ୍ତି ।



ଏ ସମ୍ପର୍କରେ ଗ୍ରାମ ଉନ୍ନୟନ ବିଭାଗ ଉପଖଣ୍ଡ ଅଧିକାରୀ ବିନୋଦ କୁନାର ସିଆଲୋ କହିଛନ୍ତି କି ରାସ୍ତା ନିର୍ମାଣର ବିଲ୍ କରାଯାଇ ନାହିଁ । ଖରାପ ହୋଇଥିବା ରାସ୍ତା ପୁନର୍ବାର କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି । ବ୍ରିଜ୍ ଦୁଇ ପଟରେ ସୁରକ୍ଷା କାନ୍ଥ ରହିବା କଥା କିନ୍ତୁ ଗୋଟିଏ ପଟରେ ସୁରକ୍ଷା କାନ୍ଥ ଥିବା ବେଳେ ଆଉ ଗୋଟିଏରେ ସୁରକ୍ଷା କାନ୍ଥ ନିର୍ମାଣ କରାଯାଇ ନଥିବା ଦେଖିବାକୁ ମିଳିଛି ।

ତେବେ ଏଠି ପ୍ରଶ୍ନ ଉଠୁଛି କି ରାସ୍ତା ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ କି ନାହିଁ ଯଦି ଥିଲେ କାର୍ଯ୍ୟ ନିମ୍ନ ମାନର ହେଲା କିପରି ବୋଲି ପ୍ରଶ୍ନ ଉଠିଛି। ଯନ୍ତ୍ରୀ ଓ ଠିକାଦାର ସରକାରଙ୍କର ସବୁ ନିୟମ କାନୁନକୁ ଫୁ କରି ଦେଇ ନିମ୍ନ ମାନର କାର୍ଯ୍ୟ କରିବା ଫଳରେ ରାସ୍ତା ଓ ଅନ୍ୟାନ୍ୟ କାର୍ଯ୍ୟ ଅଳ୍ପ ଦିନରେ ନଷ୍ଟ ହୋଇଯାଉଥିବା ଦେଖିବାକୁ ମିଳିଥାଏ। ଅନେକ କାର୍ଯ୍ୟ ଶେଷ ନହେବା ପୂର୍ବରୁ କିମ୍ବା ହସ୍ତାନ୍ତର ପୂର୍ବରୁ ନଷ୍ଟ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ସରକାରଙ୍କ କୋଟି କୋଟି ଟଙ୍କା ବରବାଦ ହେଉଥିବା ଅଭିଯୋଗ ହେଉଛି । ଏହାର ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବିମାନେ ଦାବି କରିଛନ୍ତି ।

## ସଡ଼କ ଦୁର୍ଘଟଣାରେ ଶାଳୀ ମୃତ, ଭିଣୋଇ ଗୁରୁତର

ତାଳଚେର, (ସବ୍ୟୁ) : ତାଳଚେର ଥାନା ଅନ୍ତର୍ଗତ ନଂ-୧୪୯ ଜାତୀୟ ରାଜପଥ ବାଇପାସ୍ ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଶାଳୀ ମୃତ୍ୟୁ ହୋଇଥିବା ବେଳେ ଭିଣୋଇ ଗୁରୁତର ଆହାତ ହୋଇ ମରଣ ସହିତ ସଂଗ୍ରାମ କରୁଥିବା ଘଟଣା ସାରା ଅଂଚଳରେ ଚହଳ ପକାଇ ଦେଇଛି । ଏହି ଜାତୀୟ ରାଜପଥ ସଂପ୍ରସାରଣ ଯୋଗୁଁ ଏନଏଚଆଇ ପକ୍ଷରୁ କାର୍ଯ୍ୟ କରୁଥିବା ଠିକାସଂସ୍ଥା ରାଜପଥକୁ ଏପରି କରି ରଖିଛି ଯେ, ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡ଼ିବାରେ ଲାଗିଛି ।

ସୂଚନା ମୁତାବକ ଆଜି ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଗଡ଼ପଳାଶୁଣୀ ଅଂଚଳର ବାଇକରେ ଭିଣୋଇ ଓ ଶାଳୀ ତାଳଚେର ଆଡ଼କୁ ଆସୁଥିବା ବେଳେ ବାଇପାସ ଛକ ନିକଟରେ ଓଡ଼ି୩୫ ଜି- ୧୦୬୮ ହାଇୱା ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଦୁହେଁ ଚକ ତଳେ ଚାପି ହୋଇ ଯାଇଥିଲେ । ସେମାନଙ୍କୁ ଉଦ୍ଧାର କରିବାପରେ ଭିଣୋଇଙ୍କର ଗୋଡ଼ କଟି ଯାଇଥିବା ବେଳେ ଶାଳୀଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଛି ।

ଘଟଣା ସ୍ଥଳରେ ପୋଲିସ୍ ପଂହଚି ଉଭୟଙ୍କୁ ତାଳଚେର ସରକାରୀ ମଣ୍ଡାପାଳ ଡ଼ାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ଗୁରୁତର ଅବସ୍ଥାରେ ଭିଣୋଇକୁ ଡ଼ାକ୍ତର ଅନ୍ୟତ୍ର ସ୍ଥାନାନ୍ତରିତ କରି ଦେଇଥିବା ଜଣାପଡ଼ିଛି । ତେବେ ବାରମ୍ବାର ଏହି ରାଜପଥରେ ଦୁର୍ଘଟଣା ପରେ ଦୁର୍ଘଟଣା ଘଟୁଥିଲେ ମଧ୍ୟ ଲୋକପ୍ରତିନିଧି ନା ପ୍ରଶାସନ ଏହାର କୌଣସି ସ୍ଥାୟୀ ସମାଧାନ କରୁଛନ୍ତି ତାକୁ ନେଇ ଅଂଚଳରେ ଚର୍ଚ୍ଚା ହେଉଥିବା ବେଳେ ପୂର୍ବରୁ ଜିଲ୍ଲାପାଳ କରିଥିବା "ନୋ' ଏଂଟ୍ରି କାହିଁକି ଯେ, ଏଠାରେ ଲାଗୁ କରାଯାଉ ନାହିଁ ଓ ଟ୍ରକ ଗୁଡ଼ିକରେ ହେଲପର ରଖାଯାଉ ନାହିଁ ତାକୁ ନେଇ ଉଠୁଛି ପ୍ରଶ୍ନ ?

## ୨୨ଗ୍ରାମ ଧଳା ଜହର ଜବତ : ଜଣେ ଗିରଫ

ତାଳଚେର, (ସବ୍ୟୁ) : ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ପକ୍ଷରୁ ସୁପରି ଟେଣ୍ଡେଟ ମଧୁସ୍ମିତା ବେହେରା ଅବକାରୀ ନିରୀକ୍ଷକ ଧିରେନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଇନ୍ସପେକଟର ହାତିଆ ବେହେରା, ଏସଆଇ ରଞ୍ଜିତ ପାତ୍ର, ସରୋଜ ସାହୁ, ପପୁନ ପ୍ରଧାନ, ଗୌରୀ ଓରାମ ତାଳଚେର ଥାନା ଅନ୍ତର୍ଗତ ରେମୁଁଆ ନୂଆସାହି ଠାରେ ଚାଉ କରି ସେହି ଅଂଚଳର ବ୍ରଜମୋହନ ପଟ୍ଟନାୟକ (୩୨) ଠାରୁ ୨୨ଗ୍ରାମ ଧଳାଜହର ଜବତ କରିବା ସହିତ ଏକ ଜୁପିଟର ନଂ- ଓଡ଼ି ୩୫ଏଫ-୬୩୫୩କୁ ଜବତ କରିଥିବା ଅବକାରୀ ପକ୍ଷରୁ ଜଣାପଡ଼ିଛି ।ଅଭିଯୁକ୍ତକୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି ।



## କଣିହାଁ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬'



କଣିହାଁ, (ସବ୍ୟୁ) : କଣିହାଁ ବ୍ଲକ ଅନ୍ତର୍ଗତ ଡେରେଙ୍ଗ ଭଣେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ "ସୁରଭି-୨୦୨୬' ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଉଦଯାପନି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ଅନୁଗୋଳଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ଯୋଗଦେଇ "ସମୃଦ୍ଧ ଭାଷା, ସମୃଦ୍ଧ ଓଡ଼ିଶା' ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ । ଆଧାର କରି ଆୟୋଜିତ ଏହି ମହୋତ୍ସବରେ କଣିହାଁ ବ୍ଲକର ୧୭ଟି କ୍ଲଷ୍ଟରରୁ ପ୍ରାୟ ୪୫୦ ଜଣ ଛାତ୍ରଛାତ୍ରୀ ଯୋଗଦେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଏହି ମହୋତ୍ସବରେ ବକ୍ତୃତା, ବିତର୍କ, ଚିତ୍ରାଙ୍କନ, ପିଏମ୍ ପୋଷଣ ଚିତ୍ରକଳା, ସଙ୍ଗୀତ ଓ ନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଏନଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟ ଅଜୟ ସିଂ ଯାଦବ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ତ୍ରିପୁରାରି ପ୍ରଧାନ, କଣିହାଁର ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରିୟରଞ୍ଜନ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ କୁମାର ସାହୁ, ଡେରଙ୍ଗ ସରପଞ୍ଚ ସଂଯୁକ୍ତା ବେହେରା ଏବଂ ଭଣେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୀମସେନ ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶୁଭାରମ୍ଭ ଦିବସରେ ମୁଖ୍ୟଅତିଥି ଭାବରେ କଣିହାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ସମ୍ମାନିତ ଅତିଥି ଭାବରେ ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନିଲ ପ୍ରଧାନ, ଡେରଙ୍ଗ ସମି ତିସଭ୍ୟ ସନ୍ତୋଷ ନାଏକ ପ୍ରମୁଖ ଯୋଗ ଦେଇ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଶିକ୍ଷକ ଲକ୍ଷ୍ମଣ କୁମାର ସାହୁ ଓ ସୁଦୀପ୍ତ କୁମାର ପଣ୍ଡା କରିଥିଲେ ।

## ବିଭିନ୍ନ ପ୍ରକଳ୍ପର ଭୂମିପୂଜନ ଓ ଶିଳାନ୍ୟାସ

କଣିହାଁ, (ସବ୍ୟୁ) : କଣିହାଁ ବ୍ଲକ ବାଲିପଶି ପଞ୍ଚାୟତରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଓ ପାଲଲହଡା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶୋକ ମହାନ୍ତି ବିଭିନ୍ନ ପ୍ରକଳ୍ପର ଭୂମିପୂଜନ ଓ ଶିଳାନ୍ୟାସ କରିଛନ୍ତି ।

ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ୩କୋଟି ୫୦ଲକ୍ଷ ଟଙ୍କାରେ କୁଆଧରା ଠାରୁ ତୁଳସୀପୁର ରାସ୍ତା ନିର୍ମାଣ, ୪ କୋଟି ୪୭ଲକ୍ଷ ଟଙ୍କା ବ୍ୟୟରେ କତରାପାଲି ଠାରୁ ପଳଶାବହାଲି ରାସ୍ତା ମଧ୍ୟରେ ବ୍ରିଜ ନିର୍ମାଣ, ୨କୋଟି ୩୬ ଲକ୍ଷ ଟଙ୍କା ବ୍ୟୟରେ ଲୁଧାଝରି ଠାରୁ ଲକ୍ଷ୍ମୀପୁର ରାସ୍ତା ମଧ୍ୟରେ ବ୍ରିଜ ନିର୍ମାଣ ଓ ୬ ଲକ୍ଷ ବ୍ୟୟରେ ପଳଶାବହାଲି ଶିବ ମନ୍ଦିର ପାଚେରୀ ନିର୍ମାଣ ଅଟେ । ଉକ୍ତ ବ୍ରିଜ୍ ଓ ରାସ୍ତା ନିର୍ମାଣ ଫଳରେ ଜନସାଧାରଣଙ୍କ ଯାତାୟତରେ ସୁଗମ ହୋଇପାରିବ ବୋଲି ସାଂସଦ ଓ ବିଧାୟକ କହିଥିଲେ ।

## ଖବର ପ୍ରକାଶନ ପରେ ବିଭାଗ ତତ୍ପର ହେଲା

# ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ବାଙ୍କିଡି-ଝାଡୁବେରେନୀ ରାସ୍ତା ନିର୍ମାଣର ଶିଳାନ୍ୟାସ

ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ପାଟଲା ପଞ୍ଚାୟତ ଅନ୍ତର୍ଗତ ବାଙ୍କିଡି ଗ୍ରାମ ଠାରୁ ଝାଡୁ ବେରେନୀ ପର୍ଯ୍ୟନ୍ତ ୪ କି. ମି ଦୀର୍ଘ ରାସ୍ତା ନବୀକରଣ ପାଇଁ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ର ନାରାୟଣ ପାଣି ଓ ହିନ୍ଦୋଳ ବିଧାୟିକା ସିମାରାଣି ନାୟକ ଭିତ୍ତି ପ୍ରସ୍ତର ଓ ଶିଳାନ୍ୟାସ କରିଛନ୍ତି ।



୨୦୨୬-୨୭ ଆର୍ଥିକ ବର୍ଷରେ ୩ କୋଟି ୯୮ ଲକ୍ଷ ୮୬ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଉକ୍ତ ରାସ୍ତା ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ବେଳେ ଉକ୍ତ ରାସ୍ତାର କେତେକାଂଶ କଂକ୍ରିଟ ଢଳାଇ ହେବା ପାଇଁ ଅଟକଳ ରହିଥିବା ବେଳେ କେତେକ ସ୍ଥାନରେ କଲ୍‌ଭଟ ଓ ସପୋର୍ଟ ପିଲାର ନିର୍ମାଣର ଅଟକଳ ରଖା ଯାଇଛି । ଦୀର୍ଘ ବର୍ଷ ଧରି ରାସ୍ତାର ଦୂରାବସ୍ଥା ନେଇ ଦୈନିକ ଖବର କାଗଜ ସମୟ, ଓଡିଶା ଏକ୍ସପ୍ରେସରେ ଖବର ପ୍ରକାଶନ ପରେ ବିଭାଗ ଲକ୍ଷରୁ ଏହାର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ପୁନର୍ବାର କେତେକ ଅସୁବିଧା ଯୋଗୁଁ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇବାରେ ବିଳମ୍ବ ହୋଇଥିଲା ।

ଅନୁଷ୍ଠିତ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୋନାଲି ସୁଚରିତା, କନିଷ୍ଠ ଯନ୍ତ୍ରୀ ସତ୍ୟ ପ୍ରକାଶ ସାମଲ ଓ ବିଜୟ କୁମାର ରାଉତଙ୍କ ସମେତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଓ୍ୱାର୍ଡ଼ ସଭ୍ୟ/ସଭ୍ୟା ଓ ଅଞ୍ଚଳର ବହୁ ଜନ ସାଧାରଣ ଉପସ୍ଥିତ ଥିଲେ ।

## ନିଷେଧାଞ୍ଚଳରେ ବିପଦପୂର୍ଣ୍ଣ ମାଛଧରା

ଗୋଡ଼ିବନ୍ଧ, (ସବ୍ୟୁ): ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ସମଲ ଥାନାର ମାତ୍ର ୧କିମି ବ୍ୟବଧାନର ମୁଖ୍ୟ ରାସ୍ତାରେ ଓଡିଶା ପାୱାର କନଷ୍ଟୋରିୟମର ୨୦ ମେଘାୱାଟ ବିଶିଷ୍ଟ ଜଳ ବିଦ୍ୟୁତ କେନ୍ଦ୍ର ରହିଛି । ଜଳ ବଦ୍ୟୁତ କେନ୍ଦ୍ରରୁ ନିର୍ଗତ ପ୍ରଖର ଜଳ ସ୍ରୋତରେୟା ପୂର୍ବରୁ ମାଛ ଧରାଳି ମାନେ ମାଛ ମାରୁଥିବା ବେଳେ ଅନେକ ସାଧାରଣଙ୍କ ମୃତ୍ୟୁ ହେବାର ନଜିର ରହିଛି । ଏହାକୁ ଆଖି ଆଗରେ ରଖି ଓପିସିଏଲ ପ୍ରତେକ ବର୍ଷ ଜନ ସାଧାରଣ ଓ ମାଛ ଧରାଳିଙ୍କ ସୁରକ୍ଷା ପାଇଁ ପୋଲିସ ଓ ରାଜସ୍ୱ ପ୍ରଶାସନକୁ ପତ୍ର ଲେଖାରେ ସୀମିତ ରହିଯାଇ ଦୋଷ ଘୋଡାଉଛି । ଚଳିତବର୍ଷ ମଧ୍ୟ ଓପିସିଏଲର ପତ୍ର ଲେଖି କଣିହାଁ ତହସିଲଦାର ଓ ସମଲ ପୋଲିସକୁ ଜଣାଇଛି, ମାତ୍ର ଗଣମାଧ୍ୟମକୁ ଓପିସିଏଲ ପ୍ରବନ୍ଧକ ରଞ୍ଜନ କୁମାର ପରିଡା ତଦନ୍ତରେ ସହଯୋଗ ନକରି ଭାଣ୍ଡିଆ କରିଛନ୍ତି । ସରକାରୀ ଅଧିକାରୀ ମାନେ ଲିଖିତ ଅଭିଯୋଗ ପାଇଲା ପରେ ମଧ୍ୟ ପୋଲିସ ଓ ରାଜସ୍ୱ ବିଭାଗର କାର୍ଯ୍ୟାନୁଷ୍ଠାନ ଶୂନ ବୋଲି କରିଥିବା ଜଣା ପଡିଛି । ସବୁଠୁ ଆଶ୍ଚର୍ଯ୍ୟ କଥା ଯେ, ଭିନ୍ନକ୍ଷମ ଭତ୍ତା ପାଇ ଜଣେ ମାଛ ମାରୁଥିବା ଓ ବଚସା କରୁଥିବା ଆଜି ଅଭିଯୋଗ ହେଇଛି । ବୃଦ୍ଧ ଓ ଅପ୍ରାପ୍ତ ବୟସ୍କ ମାଛ ଧରାଳି ମାଛ ମାରୁଥିବାର ମଧ୍ୟ ଦେଖିବାକୁ ମିଳୁଛି । ତେବେ ଏସବୁ ବିଷୟରେ ଗଣମାଧ୍ୟମ ନଜରକୁ ଆସିବା ପରେ ସମଲ ପୋଲିସ ଆଧିକାରୀଙ୍କୁ ଅବଗତ କରାଯାଇଛି ।

## ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏମଏସଏମଇ ସମ୍ବନ୍ଧୀୟ ଟାଉନ୍ ହଲ୍ ସମ୍ମିଳନୀ

ଢେଙ୍କାନାଳ, (ସବ୍ୟୁ) : ଭାରତୀୟ ରିଜର୍ଭ ବ୍ୟାଙ୍କର ଭୁବନେଶ୍ୱରସ୍ଥିତ ଆଂଚଳିକ କାର୍ଯ୍ୟାଳୟ ପକ୍ଷରୁ ଅକ୍ଟୋବର ୧୩, ୨୦୨୬ ରିଖରେ ଢେଙ୍କାନାଳ ସ୍ଥିତ ଏକ ହୋଟେଲଠାରେ ଏମଏସଏମଇ ସମ୍ବନ୍ଧୀୟ ସମସ୍ୟା ଗୁଡ଼ିକ ଉପରେ ଏକ ଟାଉନ୍ ହଲ୍ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏମଏସଏମଇ ଉଦ୍ୟୋଗୀମାନଙ୍କ ମଧ୍ୟରେ ବ୍ୟାଙ୍କିଙ୍ଗ ସୁବିଧା ଏବଂ ଅନ୍ୟାନ୍ୟ ସରକାରୀ ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବା, ବ୍ୟାଙ୍କରୁ ଋଣ ପାଇବାରେ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ବିଷୟରେ ମତାମତ ଗ୍ରହଣ କରିବା ଏବଂ ସମସ୍ତ ଅଂଶୀଦାରଙ୍କ ସହଯୋଗରେ ଏହି ସମସ୍ୟାଗୁଡ଼ିକର ସମାଧାନ କରିବା । ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱରର ମହାପ୍ରବନ୍ଧକ ଶୁଭ୍ରାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ତଥା ଓଡ଼ିଶା ଏସଏଲବିସି ଆବାହକ ପ୍ରଣବ କୁମାର ବିଶ୍ୱାସ, ଏସବିଆଇର ଉପ-ମହାପ୍ରବନ୍ଧକ ପ୍ରଭାତ କୁମାର, ସିଡିବିର ସହାୟକ-ମହାପ୍ରବନ୍ଧକ ଶାନ୍ତନୁ ନନ୍ଦ ଏବଂ ଢେଙ୍କାନାଳ ଜିଲ୍ଲା ଶିଳ୍ପ କେନ୍ଦ୍ରର ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରେମ ଚନ୍ଦ ମିଶ୍ର ଉପସ୍ଥିତ ଥିଲେ । ଏହା ସହିତ ଦଶଟି ପ୍ରମୁଖ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଏବଂ ଢେଙ୍କାନାଳ ଜିଲ୍ଲାର ଅଗ୍ରଣୀ ଜିଲ୍ଲା ପରିଚାଳକ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜିଲ୍ଲାର ଏମଏସଏମଇ ସଂଘ ଏବଂ ୮୦ରୁ ଅଧିକ ଏମଏସଏମଇ ଉଦ୍ୟୋଗୀ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ ।

## ସ୍ତ୍ରୀ ହତ୍ୟାକରୀକୁ ଆଜୀବନ କାରାଦଣ୍ଡ

ତାଳଚେର, (ସବ୍ୟୁ) : ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ମାମଲାରେ ଅଭିଯୁକ୍ତ ସ୍ୱାମୀକୁ ତାଳଚେର ଜିଲ୍ଲା ଦୌରାଜଜ୍ ମାନ୍ୟବର ସତ୍ୟନାରାୟଣ କର ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତ ସ୍ୱାମୀ ତାଳଚେର ଥାନା ଅନ୍ତର୍ଗତ ନରହରିପୁର ବଙ୍ଗାଳୀଟୈଲା ଗ୍ରାମର ଜୀବନ ବେହେରା ପାରିବାରିକ କଳହକୁ କେନ୍ଦ୍ରକରି ସ୍ତ୍ରୀ ହୀନ ବେହେରାକୁ ଟାଙ୍ଗିଆରେ ହାଣି ଗଣ୍ଡିମୁଣ୍ଡ ଅଲଗା କରି ଏକ ଜରିବସ୍ତାରେ ଭର୍ତି କରି ରଖିଥିଲା । ପୁତ୍ର ମହେଶ୍ୱର ବେହେରାଙ୍କ ଅଭିଯୋଗ ଅନୁଯାୟୀ ତାଳଚେର ଥାନାରେ ୦୪/୦୬/୨୦୨୧ରେ ଏକ କେସ୍ ରୁଜୁ କରାଯାଇ ଡ଼ିଆର କେସ୍ ନଂ-୧୦୨୫/୨୧ ଦଫା ୩୦୨/୨୦୧ ଆଧାରରେ ଚାର୍ଜସିଟ୍ ଦାଖଲ ହୋଇଥିଲା । ଅଦାଲତ ସମସ୍ତ ପ୍ରମାଣ ସାକ୍ଷୀଙ୍କର ବୟାନ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ଦେଇଛନ୍ତି । ଏହି ମକଦ୍ଦମାକୁ ସରକାରୀ ଓକିଲ ଗଦାଧର ମୁର୍ମୁ ଓ ଅର୍ଜୁନ ଭୂତିଆ ପରିଚାଳନା କରିଥିଲେ ।

## ପୋଖରୀରେ ବୁଡି ବୃଦ୍ଧ ମୃତ

ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍ଏସି ଓ ଥାନାର ୬ ନଂ ଓ୍ୱାର୍ଡ ସରଧାପୁର ଗ୍ରାମର ଗୌରାଙ୍ଗ ବେହେରା (୬୮) ନାମକ ବ୍ୟକ୍ତି ଆଜି ଦ୍ୱିପ୍ରହରରେ ଗ୍ରାମ ନିକଟସ୍ଥ ମଙ୍ଗଳା ମନ୍ଦିର ସାମ୍ନା ପୋଖରୀରେ ଗାଧଉଥିବା ବେଳେ ଅକସ୍ମାତ କୌଣସି କାରଣରୁ ପାଣିରେ ବୁଡି ଯାଇ ମୃତ୍ୟୁ ବରଣ କରିଥିବା ଜଣା ପଡ଼ିଛି । ପ୍ରକାଶ ଯେ ଗୌରାଙ୍ଗ ଦ୍ୱିପ୍ରହରରେ ପୋଖରୀକୁ ଗାଧୋଇବାକୁ ଆସି ବହୁ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ପୋଖରୀରେ ପଶି ବହୁ ଖୋଜା ଖୋଜି କରିଥିଲେ । ପରେ ଦମକଳ ବାହିନୀର ସହାୟତା ନିଆ ଯାଇଥିଲା । ପାଣି ମଧ୍ୟରୁ ଗୌରାଙ୍ଗଙ୍କ ମୃତ ଦେହ ଉଦ୍ଧାର କରା ଯାଇଥିଲା । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇ ଦେଇ ଏହି ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ନଂ ୧୯/୨୦୨୬ ରୁଜୁ କରି ଅଧୀକ ତଦନ୍ତ ଜାରୀ ରଖିଛି ।

## ନିଶାମୁକ୍ତ ଭାରତ ପାଇଁ ମୋଟର ସାଇକେଲ ଯାତ୍ରା

# କଟକରୁ ଗୁଜୁରାଟ ଯାଉଥିବା ଏକତା ଯାତ୍ରା ଦଳକୁ ସ୍ୱାଗତ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ପୋଲିସ ତରଫରୁ ଏକତାଯାତ୍ରା ଉପଲକ୍ଷେ କଟକରୁ ବାହାରିଥିବା ମୋଟରସାଇକେଲ ଟିମକୁ ଢେଙ୍କାନାଳ ପୋଲିସ ତରଫରୁ ସ୍ୱାଗତ କରାଯିବା ସହିତ ସେମାନଙ୍କର ଶୁଭକାମନା କରାଯାଇଛି ।

ବର୍ତ୍ତମାନ ସମୟରେ ନିଶା କବଳରୁ ଯୁବକମାନଙ୍କୁ ଦୂରେଇ ରଖିବା, ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାର ଲକ୍ଷ୍ୟ ନେଇ ୭ଜଣ ମୋଟରସାଇକେଲ ଆରୋହୀ ଏହି ଯାତ୍ରାରେ ସାମିଲ ହୋଇଛନ୍ତି ।



ସେମାନେ କଟକ ଦେଇ ଢେଙ୍କାନାଳ, ଅନୁଗୁଳ, ରାୟପୁର ଦେଇ ଗୁଜୁରାଟ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି । ପ୍ରାୟ ୧୮ ଶହ କିଲୋମିଟର ରାସ୍ତାକୁ ୧୩ ଦିନ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଚଳିତ ମାସ ଅକ୍ଟୋବର ୩୧ତାରିଖ ଦିନ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜୟନ୍ତୀ ଅବସରରେ ଏହି ଯାତ୍ରା ଶେଷ ହେବ ବୋଲି ଜଣାପଡିଛି ।

## 'କଳାକାର' ବୋଇତ ବନ୍ଦାଣ ଉତ୍ସବ ପ୍ରସ୍ତୁତି ବୈଠକ



ଅନୁଗୁଳ, (ସବ୍ୟୁ): ଅନୁଗୁଳର ଅଗ୍ରଣୀ ସେବା ଓ ସାଂସ୍କୃତିକ ଅନୁଷ୍ଠାନ "କଳାକାର'ର ସାଧାରଣ ବୈଠକ ସ୍ଥାନୀୟ କଳାକାର ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ସଙ୍ଗଠନର ସଭାପତି ବୀରେନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଗାମୀ ବୋଇତ ବନ୍ଦାଣ ଉତ୍ସବ ଆୟୋଜନ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା । ୪୧ ତମ ବୋଇତ ବନ୍ଦାଣ ମହୋତ୍ସବ ତଥା ରାଜ୍ୟସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ସ୍ଥାନୀୟ ସଭାଘରଠାରେ ଆସନ୍ତା ନଭେମ୍ବର ମାସ ୨୧ ତାରିଖରୁ ଚାରି ଦିନ ଧରି ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ଚିତ୍ରାଙ୍କନ, ରଙ୍ଗଭର, ଝୋଟି, ଏକକ ଓଡ଼ିଶୀନୃତ୍ୟ, ଏକକ ଲଘୁ ନୃତ୍ୟ, ଲଘୁ ଯନ୍ତ୍ରସଂଗୀତ (କି ବୋର୍ଡ ) ଶାସ୍ତ୍ରୀୟ ତାଳ ବାଦ୍ୟ (ତବଲା ), ଦଳଗତ ଲୋକନୃତ୍ୟ, ଲଘୁ କ= ସଙ୍ଗୀତ, ଏକକ ଅଭିନୟ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ । ୩ ବର୍ଷରୁ ୨୧ ବର୍ଷ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ବିଭିନ୍ନ ବର୍ଗରେ ଏହି ପ୍ରତିଯୋଗିତାରେ ଭାଗ ନେଇ ପାରିବେ ପ୍ରତ୍ୟେକ ବର୍ଷ ପରି ସ୍ମରଣିକା ପ୍ରକାଶ ପାଇବ । ତିନିଦିନ ଧରି ପ୍ରତିଯୋଗିତା ଓ ଶେଷଦିନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ବୋଇତ ବନ୍ଦାଣ ନୃତ୍ୟ ନଝଟିକା, ପୁରସ୍କାର ବିତରଣ, ପ୍ରତିଭା ସମ୍ମାନ ପ୍ରଦାନ ସହ ଏକ ହାସ୍ୟ ରସାତ୍ମକ ନାଟକ ପରିବେଷଣ କରାଯିବାକୁ ସ୍ଥିର ହୋଇଥିଲା । ଉପସଭାପତି ସଞ୍ଜିବ ନାଥ ଧନ୍ୟବାଦ ଦେଇଥିଲେ ବୈଠକରେ କାର୍ଯ୍ୟକାରୀ ସଭାପତି ଜୟନ୍ତ କୁମାର କର , ସାଧାରଣ ସଂପାଦକ ବିଦେଶୀ ନାଏକ, ଉପ ସଂପାଦକ ଦିପାଁସୁ ବରାଳ, ସାଂସ୍କୃତିକ ସଂପାଦକ ଅନିତା ସିଂହ ଦେଓ, ସହ ସାଂସ୍କୃତିକ ସଂପାଦକ ଶ୍ରଦ୍ଧ ସିଂହ, ସେବା ସଂପାଦକ ଅଜୟ କୁମାର ସାହୁ, ସହ ସେବା ସମ୍ପାଦକ ଅନିଲ କୁମାର ସ୍ୱାଇଁ, ଲୋକସମ୍ପର୍କ ସମ୍ପାଦକ ନିରୋଦ କୁମାର ସାହୁ, ସହ ଲୋକ ସମ୍ପର୍କ ସଂପାଦକ ସୁଜିତ କୁମାର ସାହୁ, କୋଷାଧକ୍ଷ ରୁଚିର କୁମାର ବରାଳ ମୁଖ୍ୟ ଉପଦେଷ୍ଟା ଭୂପେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ ।

## ସଭାପତି ପ୍ରାର୍ଥୀ ନିଖୋଜକୁ ନେଇ ବିକ୍ଷୋଭ

# ଓପିଏସ କଲେଜ ନିର୍ବାଚନ ବାତିଲ, ସାଇନ-ଏ-ଡାଏ ଘୋଷଣା

ଓଡାପଡା, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଓଡାପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟର ନିର୍ବାଚନକୁ ବାତିଲ କରାଯାଇଛି । ମହାବିଦ୍ୟାଳୟ ତରଫରୁ ଅନିର୍ଦ୍ଦିଷ୍ଟ କାଳପାଇଁ ସାଇନ ଏଡାଏ ଘୋଷଣା କରାଯାଇଛି । ଗତ କାଲି ଏବିଭିପି ପ୍ରାଥୀ ଟୁନା ରାଉତଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା ।

ଘଟଣାକୁ ନେଇ ଆଜି ଓଡାପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟ ସମ୍ମୁଖରେ ଆଜି ଏବିଭିପି ଛାତ୍ର ସଂସଦ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏପଟେ ଅପହରଣ ହୋଇଥିବା ଏବିଭିପି ପାର୍ଥି ଟୁନା ରାଉତଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହେଉଛି ଯେଉଁଥିରେ ସିଏ ନିଜେ ନିଜ ଇଚ୍ଛାରେ ଏକ ବାର୍ତ୍ତା ପ୍ରସାରଣ କରିଛନ୍ତି । ଚଳିତ ନିର୍ବାଚନରେ ଯେତେବେଳେ ମୁଁ ସଭାପତି ପଦରେ ପାର୍ଥିପତ୍ର ଦାଖଲ କଲି ସେତେବେଳେ ମୁଁ ଜାଣିଥିଲି ଯେ ଏହା କେବଳ ଛାତ୍ରଛାତ୍ରୀ ମାନଙ୍କ ଭିତରେ ସୀମିତ ହେବ କିନ୍ତୁ ପରେ ଜାଣିବାକୁ ପାଇଲି ଏଥିରେ ରାଜନୈତିକ ଦଳ ହସ୍ତକ୍ଷେପ କରୁଛନ୍ତି ।ସେଥିପାଇଁ ମୁଁ ପରିବାରର ଅନୁମତି ଓ ନିଜ ଇଚ୍ଛାରେ ନିର୍ବାଚନ ନଲଢିବା ନିଷ୍ପତି ନେଲି ଏବଂ ମୁଁ ମୋ ଜଣେ ସମ୍ପର୍କୀୟଙ୍କ ଘରେ ଅଛି ମୋର ଅପହରଣ ହେଇନି ।କିନ୍ତୁ ଘଟଣାକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ମହାବିଦ୍ୟାଳୟରେ ଅଶାନ୍ତ ମୟ ପରିବେଶ ସହିତ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାନେଇ ମହାବିଦ୍ୟାଳୟ ତରଫରୁ ପତ୍ର ସଂଖ୍ୟା ୪୫୭ /୨୦୨୬ରେ ନିର୍ବାଚନକୁ ବାତିଲ କରାଯିବାସହିତ ଅନ୍ୟାଦେଶ ପର୍ଯ୍ୟନ୍ତ ସାଇନଏ ଡାଏ ଘୋଷଣା କରାଯାଇଛି ।ଦିର୍ଘ ବର୍ଷ ପରେ ସରକାର ମହାବିଦ୍ୟାଳୟ ନିର୍ବାଚନ ଘୋଷଣା କରିଥିଲେ । ଯାହା ଫଳରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା ।

ସେହି ଅନୁଯାୟୀ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇ ଶେଷ ପର୍ଯ୍ୟାୟରେ ପହଞ୍ଚି ଆସନ୍ତା କାଲି ନିର୍ବାଚନ ଅନୁଷ୍ଠିତ ହୋଇଥାନ୍ତା । କିନ୍ତୁ ମହାବିଦ୍ୟାଳୟ ଅଧ୍ୟକ୍ଷା ନିର୍ବାଚନକୁ ବାତିଲ ଘୋଷଣା କରିବା ପରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଖବରପାଇ ହିନ୍ଦୋଳ ରୋଡ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଓ ମୋଟଙ୍ଗା ଆଇ ଆଇ ସି ଦିପକ କୁମାର ଲେଙ୍କା ଘଟଣାସ୍ଥଳରେ ପହଞ୍ଚି ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବା ପରେ ମହାବିଦ୍ୟାଳୟର ଅଧ୍ୟକ୍ଷା ନିର୍ବାଚନକୁ ବାତିଲ ଘୋଷଣା କରିଥିଲେ । ଯାହା ଫଳରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ନିର୍ବାଚନର ଯେଉଁ ମାହୋଲ ଥିଲା ତାହା ଧୂଳିସାତ ହୋଇ ଯାଇଛି ।

## ସମ୍ପାଦକୀୟ

# ବିଦେଶୀ ଅନୁଦାନ ସଂକ୍ରାନ୍ତୀୟ ବିଧେୟକ

ଗତ ମାର୍ଚ୍ଚ ୨୫(୨୦୨୬)ରେ ଲୋକସଭାରେ ବିଦେଶୀ ଅନୁଦାନ(ନିୟନ୍ତ୍ରଣ) ସଂଶୋଧନ ବିଧେୟକ (FCRA Amendment Bill) ଆଗତ କରାଯାଇଥିଲା ଏବଂ ପରବର୍ତ୍ତୀ ଅବସ୍ଥାରେ ଏହି ବିଧେୟକ ବା ବିଲ୍‌ଟି ଉପରେ ବିଚାରବିମର୍ଷ ପାଇଁ ଯୁଗ୍ମ ସଂସଦୀୟ କମିଟି (JPC) କୁ ଗତ ଅଗଷ୍ଟ ୧୨ (୨୦୨୬)ରେ ପଠାଯାଇଥିଲା । ତାହା ଯେ ଏକ ଗୁରୁତ୍ୱପୂର୍ଣ୍ଣ ବିଧେୟକ, ଏଥିରେ ସନ୍ଦେହ ନାହିଁ । ଅବଶ୍ୟ ଏହି ସଂଶୋଧନ ବିଧେୟକଟି ଆଇନରେ ପରିଣତ ହେଲେ ଏହାର ଉପାଦେୟତା ବିଷୟରେ ବୁଝାପଡ଼ିବ ।

ବିଗତ ୨୦୧୦ ମସିହାରେ ତତ୍‌କାଳୀନ କଂଗ୍ରେସ ଉପା ସରକାର ଏହି ବିଦେଶୀ ଅନୁଦାନ ସଂକ୍ରାନ୍ତୀୟ ଆଇନରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପତ୍ତିଗୁଡ଼ିକୁ ବାଜ୍ୟାପ୍ତି କରାଯିବାର କ୍ଷମତା ରାଜ୍ୟମାନଙ୍କ ଗୃହ ବିଭାଗର ସଚିବ ବା ପ୍ରମୁଖ ସଚିବଙ୍କ ଉପରେ ନ୍ୟସ୍ତ କରିଥିଲେ। ମାତ୍ର ସଂଶୋଧିତ ବ୍ୟବସ୍ଥାରେ ସେହି କ୍ଷମତା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ ରଖାଯାଇଛି । ଏହି ଯୁଗ୍ମ ସଂସଦୀୟ କମିଟିର ଅଧ୍ୟକ୍ଷ ବିଜେପିର ସାଂସଦ ସଂଜୟ ଜୟସୁଆଲ କହିଛନ୍ତି ଯେ ଏହି ଆଇନର ବିଭିନ୍ନ ଅନୁଚ୍ଛେଦରେ ଥିବା ବଡ଼ ବ୍ୟବସ୍ଥାଗୁଡ଼ିକ ଏହି ସଂଶୋଧନ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇ ନାହିଁ । ବିଗତ ଉପା ସରକାରଙ୍କ ଅମଳରେ ହୋଇଥିବା ଏ ସଂକ୍ରାନ୍ତୀୟ ଆଇନରେ ବିଦେଶାଗତ ଅର୍ଥର ଅନୁଦାନ କ୍ଷେତ୍ରରେ ଯଦି ବିଶୃଙ୍ଖଳା ଦେଖାଯାଉଥିଲା, ତାହାଲେ ଏନଜିଓ ବା ସ୍ୱେଚ୍ଛାସେବୀ ଅନୁଷ୍ଠାନସବୁର ସମ୍ପତ୍ତିଗୁଡ଼ିକ ରାଜ୍ୟର ଗୃହ ସଚିବ ବା ପ୍ରମୁଖ ସଚିବଙ୍କ ଉପରେ ନ୍ୟସ୍ତ କରାଯାଉଥିଲା। ମାତ୍ର ସେ ବ୍ୟବସ୍ଥାର ପରିବର୍ତ୍ତନ କରାଯାଇ ଏହି ବିଧେୟକରେ ହେବାକୁ ଥିବା କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ କରାଯିବା ସକାଶେ ବ୍ୟବସ୍ଥା କରାଯାଇଛି ବୋଲି ପ୍ରକାଶ କରି ସାଂସଦ ଶ୍ରୀ ଜୟସୁଆଲ କହିଥିଲେ ଯେ ଏ ସଂକ୍ରାନ୍ତରେ ସାଇରୋ ମାଲବାର ଚର୍ଚ୍ଚ, ରାମକୃଷ୍ଣ ମଠ ଓ ଇସ୍କନ ପ୍ରଭୃତିର ପ୍ରତିନିଧିମାନଙ୍କ ମତାମତ ଗ୍ରହଣ କରାଯାଇଛି । ଏହି କ୍ଷମତାଗୁଡ଼ିକ ସାବଧାନତାର ସହିତ ଶୁଣିବା ପରେ କମିଟି ପକ୍ଷରୁ ତାହା ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ।

**ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଯେଉଁ ଅଭିଯୋଗମାନ ସେତେବେଳେ ଏହି ସଂଶୋଧିତ ବିଧେୟକରେ କରାଯାଇଥିଲା, ସେଥିରେ ଉଲ୍ଲେଖ କରାଯାଇଥିଲା ଯେ ଏହି ଏଫ୍.ସି.ଆର୍.ଏ ବିଧେୟକଟି ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଅସୁବିଧାରେ ପକାଇବାକୁ ଉଦ୍ଦିଷ୍ଟ । କେତେକ ଖ୍ରୀଷ୍ଟ ଧର୍ମାବଲମ୍ବୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନ୍ୟାୟ ସଙ୍ଗତ ବିଦେଶ ଅନୁଦାନକୁ ତଦ୍ଦ୍ୱାରା ନିୟନ୍ତ୍ରିତ କରାଯିବା ଫଳରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ସୁରୁଖୁରୁରେ ସେମାନଙ୍କ ସମାଜମଙ୍ଗଳ ମୂଳକ କାର୍ଯ୍ୟ ବା ଶିକ୍ଷାନୁଷ୍ଠାନ ଚଳାଇ ପାରିବେ ନାହିଁ । ମାତ୍ର କେନ୍ଦ୍ର ସରକାରଙ୍କ ପକ୍ଷରୁ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏ ଏହି ବିଧେୟକଟି ଲୋକସଭାରେ ଆଗତ କରିବା ପରେ ବିରୋଧୀ ଦଳର ଏପରି ଆଶଙ୍କାକୁ ଅଗ୍ରାହ୍ୟ କରି ଦେଇଥିଲେ ।**

ଏହି ବିଧେୟକଟି ଲୋକସଭାରେ ଆଗତ କରାଯିବା ବେଳେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଏହି ବିଧେୟକର ସଂଶୋଧନ ପ୍ରସ୍ତାବ ଉପରେ ଖୁବ ଆପତ୍ତି କରାଯାଇଥିଲା । ଏହି ବିଧେୟକରେ ରଖାଯାଇଥିବା କେତେକ ବ୍ୟବସ୍ଥା ଖୁବ ଆପତ୍ତିଜନକ ବୋଲି ବିରୋଧୀଦଳଗୁଡ଼ିକ ଲୋକସଭାରେ ସ୍ୱର ଉତ୍ତୋଳନ କରିଥିଲେ । ଫଳରେ ବିଧେୟକଟିକୁ ମାର୍ଚ୍ଚ ୨୫ ତାରିଖରେ ଯୁଗ୍ମ ସଂସଦୀୟ କମିଟି (JPC) କୁ ପ୍ରେରଣ କରାଯାଇଥିଲା ।

ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଯେଉଁ ଅଭିଯୋଗମାନ ସେତେବେଳେ ଏହି ସଂଶୋଧିତ ବିଧେୟକରେ କରାଯାଇଥିଲା, ସେଥିରେ ଉଲ୍ଲେଖ କରାଯାଇଥିଲା ଯେ ଏହି ଏଫ୍.ସି.ଆର୍.ଏ ବିଧେୟକଟି ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଅସୁବିଧାରେ ପକାଇବାକୁ ଉଦ୍ଦିଷ୍ଟ । କେତେକ ଖ୍ରୀଷ୍ଟ ଧର୍ମାବଲମ୍ବୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନ୍ୟାୟ ସଙ୍ଗତ ବିଦେଶ ଅନୁଦାନକୁ ତଦ୍ଦ୍ୱାରା ନିୟନ୍ତ୍ରିତ କରାଯିବା ଫଳରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ସୁରୁଖୁରୁରେ ସେମାନଙ୍କ ସମାଜମଙ୍ଗଳ ମୂଳକ କାର୍ଯ୍ୟ ବା ଶିକ୍ଷାନୁଷ୍ଠାନ ଚଳାଇ ପାରିବେ ନାହିଁ । ମାତ୍ର କେନ୍ଦ୍ର ସରକାରଙ୍କ ପକ୍ଷରୁ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏ ଏହି ବିଧେୟକଟି ଲୋକସଭାରେ ଆଗତ କରିବା ପରେ ବିରୋଧୀ ଦଳର ଏପରି ଆଶଙ୍କାକୁ ଅଗ୍ରାହ୍ୟ କରି ଦେଇଥିଲେ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ଆଜିର ଅନୁଚିନ୍ତା

# ଭୟ: ଏକ ଆରୋପିତ ମାନସିକତା



**ରତ୍ନାକର ରାଉତ**

ଭୟ ମଣିଷ ମନରେ ଥରେ ବସିଗଲେ ତାହା ମଣିଷକୁ ସମ୍ପୂର୍ଣ୍ଣ ଦୁର୍ବଳ, ବେସାହାରା, ବିଭ୍ରାନ୍ତ କରିଦିଏ । ଫଳରେ ତା'ଠାରେ ବିଚାର ଶୂନ୍ୟତା ଦେଖାଦିଏ । ସେ ନାନାଦି ଦ୍ୱନ୍ଦ୍ୱର ଶିକାର ହୁଏ ଏବଂ କୌଣସି ନିଷ୍ପତ୍ତି ଠିକ୍ ଭାବରେ ନେଇପାରେ ନାହିଁ । କେଉଁଟା ଠିକ୍, କେଉଁଟା ଭୁଲ ଜାଣି ନ ପାରି ଅନେକ ସମୟରେ ଭୁଲ ନିଷ୍ପତ୍ତି ନେଇ ନିଜ ପାଇଁ ବିପଦକୁ ଡାକି ଆଣେ । ଭିନ୍ନ ଭିନ୍ନ ଲୋକଙ୍କଠାରେ ଭିନ୍ନ ଭିନ୍ନ ପ୍ରକାର ଭୟ ଦେଖାଦିଏ ।

ଭୟ ଏକ ସହଜାତ ପ୍ରବୃତ୍ତି ନୁହେଁ । ଯେଉଁମାନେ ଦାବି କରନ୍ତି ଭୟ ଅନ୍ୟାନ୍ୟ ସବୁ ଗୁଣ ଭଳି ମଣିଷ ଜନ୍ମରୁ ତା ସହିତ ଥାଏ, ତାହା ସମ୍ପୂର୍ଣ୍ଣ ଭ୍ରମାତ୍ମକ । ମଣିଷ ଶିଶୁ ଯେତେ ଯେତେ ବଡ଼ ହୁଏ, ସେ ସଂସାର ସଂସ୍ପର୍ଶରେ ଆସି ଭୟର ଶିକାର ହୁଏ । କ୍ରମେ କ୍ରମେ ଭୟ ତା ମନ ଭିତରେ କାୟା ବିସ୍ତାର କରେ ଏବଂ ଭୟକୁ ସେ ଜୟ କରିବା ପରିବର୍ତ୍ତେ ଭୟ ତାକୁ ଜୟ କରିନିଏ । ଅତଏବ, ମାନସିକ ସ୍ତରରେ ଭୟର ଚାପରେ ସେ ଦୁର୍ବଳ ହୁଏ ଏବଂ ନିଜର ଆତ୍ମବିଶ୍ୱାସ ହରେଇ ଏକ ଭୟାଳୁ, ଆତ୍ମବଳହୀନ ବ୍ୟକ୍ତିତ୍ୱରେ ପରିଣତ ହୁଏ ଓ ସାରା ଜୀବନ ଏହାର ପରିଣାମ ଭୋଗେ । ତେଣୁ ମଣିଷ ମନରେ ଭୟ ଏକ ମାନସିକ ଅବସ୍ଥା ଓ ସେହି ମାନସିକ ପ୍ରକ୍ରିୟାରୁ ନାନାଦି ଉପସର୍ଗ ମଣିଷଠି ଦେଖାଦିଏ । ଯିଏ ଭୟକୁ ପରାହତ କରିପାରେ, ତା'ର ଆତ୍ମଶକ୍ତି ଅତି ପ୍ରବଳ ହେବା କାରଣରୁ ସେ ଅସମ୍ଭବକୁ ସମ୍ଭବ କରିପାରେ ଏବଂ ଅମିତ ସାହସର ଅଧିକାରୀ ହୋଇଥାଏ । ଏହି ପ୍ରସଙ୍ଗରେ ଏକଦା ନେଲସନ ମାଣ୍ଡେଲା କହିଥିଲେ, "I learned that courage was not the absence of fear, but the triumph over it." ଅର୍ଥାତ, ମୁଁ ଶିଖିଲି ଯେ ସାହସ ମାନେ ଭୟର ଅନୁପସ୍ଥିତି ନୁହେଁ, ଭୟ ଉପରେ ବିଜୟ ।

ସାଧାରଣତଃ ଡର ଓ ଭୟ ଉଭୟକୁ ସମାନ ବୋଲି ଲୋକେ ଭାବିଥାନ୍ତି । ମାତ୍ର ଦୁଇଟି ଶବ୍ଦ ସମଗୋତ୍ରୀୟ ଲାଗୁଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ସୂକ୍ଷ୍ମ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଡର, ସବୁବେଳେ ବାହ୍ୟିକ ଓ କ୍ଷଣିକ । ଏହା ସାମ୍ନାରେ ଥିବା ବିପଦକୁ ଦେଖି ମନ ଭିତରେ ସୃଷ୍ଟି ହେଉଥିବା ତତ୍‌କ୍ଷଣାତ ପ୍ରତିକ୍ରିୟା । ସାଧାରଣତଃ ଏହା ମଣିଷ ଶରୀରର ଏକ ସହଜ ପ୍ରବୃତ୍ତ । ଯେପରି ହଠାତ୍ ସାମ୍ନାକୁ ସାପଟିଏ ଆସିଗଲେ ତାକୁ ଦେଖି ହଠାତ ଡରିଯିବା । ଏପରିକି କିଛି ଲୋକ ଅଛନ୍ତି ଯେଉଁମାନେ ଝିଟିପିଟି, ଅସରପା, ବୁଲାକୁକୁର, ବୁଲାଷଣ୍ଢ ଆଦି ଦେଖି ଡରିଥାନ୍ତି । ଅନ୍ଧାର, ମଶାଣି, ନଇ, ସମୁଦ୍ର, ପାଣି, ନିଆଁ ଆଦି ଦେଖି ଡରିବା ଲୋକଙ୍କ ସଂଖ୍ୟା ମଧ୍ୟ କମ ନୁହେଁ । ମାତ୍ର ଯେଉଁ ମୁହୂର୍ତ୍ତରେ ସେହି ଡରର ଆଧାର ସାମ୍ନାରୁ ଅନ୍ତର୍ହିତ ହୋଇଯାଏ ଅବା ମଣିଷ ତା'ଠାରୁ ଦୂରେଇ ଆସେ, ତତ୍‌କ୍ଷଣାତ୍ ବିପଦର ଆଶଂକା ଟଳିଗଲେ ଡର ଚାଲିଯାଏ । କିନ୍ତୁ ଛୋଟ ଶିଶୁ ଏ ସବୁକୁ ଆଦୌ ଡରି ନ ଥାଏ, କାରଣ ସେ ସବୁ କ'ଣ, ସେ ସଂପର୍କରେ ତା'ର ଆଦୌ ଜ୍ଞାନ ନ ଥାଏ । ଏଣୁ ଜାଣିବାର କୌତୁହଳ ଥାଏ । ସେଥିନିମନ୍ତେ ସେ ସେସବୁକୁ ଛୁଇଁ, ଧରି, ଦେଖି, ତା' ଭିତରକୁ ପଶି ତାକୁ ଜାଣିବାକୁ ଚେଷ୍ଟାକରେ । ପରିଣତି ସଂପର୍କରେ ସଚେତନତା ଅବା ଆଶଂକା ନ ଥିବା ଦୃଷ୍ଟିରୁ, ସେ କୌଣସି ସେପରି ଜିନିଷକୁ ଡରି ନ ଥାଏ । ମାତ୍ର ଆସ୍ତେ ଆସ୍ତେ ଯେତେବେଳେ ତାକୁ ସେ ସବୁ ଜିନିଷରୁ ବାରମ୍ବାର ଆକଟ କରାଯାଏ ଏବଂ ପରିଣତି ସଂପର୍କରେ ଆଲୋଚନା କରାଯାଏ, ସେଥିରୁ ତା ମନରେ ଡରର ଚାରା ରୋପିତ ହୋଇଥାଏ । ଫଳତଃ ଯେତେଯେତେ ସେ ଅଧିକରୁ ଅଧିକ ସଂସାର ସହିତ ଜଡ଼ିତ ହୁଏ, ସେତେ ଅଧିକ ତା' ମନରେ ସେହି ଡରର ରୋପିତ ଚାରା ପଲ୍ଲବିତ ହୋଇ ବେଳେବେଳେ ମହାଦ୍ରୁମରେ ପରିଣତ ହୋଇଯାଏ ଏବଂ ସେହି ବ୍ୟକ୍ତିର ସମସ୍ତ ସତ୍ତାକୁ ଆକ୍ରାନ୍ତ କରିଦିଏ । ମାତ୍ର ଭୟ ହେଉଛି ସଂପୂର୍ଣ୍ଣ ଆଭ୍ୟନ୍ତରୀଣ ଓ ଦୀର୍ଘସ୍ଥାୟୀ । ମନ ଭିତରେ ଆସ୍ଥାନ ଜମେଇ ବସିରହିଥିବା ଆଶଙ୍କା ହେଉଛି ଭୟ । ବିପଦ ସମ୍ମୁଖରେ ନ ଥିଲେ ମଧ୍ୟ ଭୟ ରହିଥାଏ । ଅନାଗତ ଭବିଷ୍ୟତରେ ବିପଦର ଆଶଂକା କରି ମଣିଷ ଭୟରେ କାତର ଓ ଜଡ଼ସଡ଼ ହୋଇଯାଏ । ସବୁବେଳେ ଏକ ଅନିଶ୍ଚିତ ଆଶଂକା ତାକୁ ବିବ୍ରତ କରୁଥାଏ, ଯାହାର ଉତ୍ସ ହେଉଛି ଭୟ । ଏହା ବସ୍ତୁତଃ ମନର କଳ୍ପନା ଓ ନକାରାତ୍ମକ ଅନୁଭବରୁ ସୃଷ୍ଟି, ଯେପରି କୌଣସି କାରଣରୁ ପିତାମାତା ଅସନ୍ତୁଷ୍ଟ ହେବାର ଭୟ, ଶିକ୍ଷକଙ୍କୁ ଭୟ, ପରୀକ୍ଷାରେ ଭଲ ନ ହେବାର ଭୟ, ଚାକିରିରେ ଅସୁବିଧା ହେବାର ଭୟ, ପରାଜୟର ଭୟ, ଉପରିସ୍ଥ ଅଧିକାରୀଙ୍କ ଭୟ, କିଏ ପ୍ରତିଶୋଧ ନେବାର ଭୟ, ରୋଗର ଭୟ, ସମ୍ମାନ ହାନିର ଭୟ, ସମ୍ପର୍କହାନିର ଭୟ, ବ୍ୟବସାୟ ଅବା ଫସଲ କ୍ଷତିର ଭୟ, ସଂପର୍କୀୟଙ୍କୁ ହରେଇବାର ଭୟ, ଅସଫଳତାର ଭୟ, ସର୍ବୋପରି ମୃତ୍ୟୁର ଭୟ । ଅତି ସଂକ୍ଷେପରେ କହିବାକୁ ଗଲେ, ଡର ଆଖିରେ ଦେଖି ହୁଏ, କିନ୍ତୁ ଭୟ ମନକୁ କାବୁକରି ବସି ରହିଥାଏ । ଡର ଆସନ୍ନ ବିପଦରୁ ଶରୀରକୁ ରକ୍ଷା କରେ, ଯେପରି ଦଉଡ଼ି ପଳେଇବା, ବିପଦର ଆଶଙ୍କା ଥିବା ସ୍ଥାନ ଛାଡ଼ି ଦୂରକୁ ଚାଲିଯିବା । ଅନ୍ୟପକ୍ଷରେ ଭୟ ମନକୁ ବାନ୍ଧି ରଖେ, କୌଣସି ଠିକ୍ ନିର୍ଣ୍ଣୟ ନେବାକୁ ଦିଏ ନାହିଁ । ଡରକୁ ସାମ୍ନା କରିହୁଏ, ପରନ୍ତୁ ଭୟକୁ ଆତ୍ମଜ୍ଞାନ ହିଁ ଜୟ କରିପାରେ ।

ମଣିଷର ସହଜାତ ପ୍ରବୃତ୍ତି ଯାହାକୁ ମଣିଷର ମୌଳିକ ପ୍ରବୃତ୍ତି ଅବା ଗୁଣ କୁହାଯଏ, ତାହା ହେଉଛି ପ୍ରେମ, ସ୍ନେହ, ଭଲ ପାଇବା, କୌତୁହଳ ଓ ବିଶ୍ୱାସ । ମନୋବୈଜ୍ଞାନିକମାନେ କହନ୍ତି, ମଣିଷ ପାଖରେ ଜନ୍ମଗତ ଭାବେ କେବଳ ଦୁଇଟି ଭୟ ଥାଏ । ତାହା ହେଲା– ଉଚ୍ଚ ଶବ୍ଦର ଭୟ ଓ ତଳେ ପଡ଼ିଯିବାର ଭୟ । ଏହା ବ୍ୟତୀତ ଅନ୍ୟ ସମସ୍ତ ଭୟ ଶିଶୁ ଅବସ୍ଥାରୁ ଶିଖାଯାଇଥାଏ ଏବଂ ବାରମ୍ବାର ସେ ସଂପର୍କରେ କହି ସେହି ଭୟର ବୀଜକୁ ତା ଭିତରେ ରୋପଣ କରାଯାଇଥାଏ ।

ମଣିଷ ସଂସାରରେ ଜନ୍ମ ହୁଏ ପ୍ରେମ, ଭଲପାଇବା ଓ ବିଶ୍ୱାସକୁ ସାଥିରେ ନିଜର ପୁଞ୍ଜି କରି । ଭୟ ନେଇ ସେ ଜନ୍ମ ହୁଏ ନାହିଁ । ଯେତେବେଳେ ସେ ମାତୃଗର୍ଭରୁ ଏ ପୃଥିବୀକୁ ଆସେ, ତାକୁ ଭୟ କ'ଣ ଜଣା ନ ଥାଏ । ସେ ନିଆଁକୁ ଆଙ୍ଗୁଳି ବଢ଼େଇ ପରୀକ୍ଷାକରେ, ପାଣିରେ ଡେଇଁପଡ଼େ ବିନା ସଂକୋଚରେ, ସାପକୁ ଖେଳଣା ଭାବି ତା' ସହିତ ଖେଳେ, ସେତେବେଳେ ତା' ପାଇଁ ଏ ସବୁ ଜିନିଷ ନୂଆ, ତା କୌତୁହଳର ବସ୍ତୁ । ମାତ୍ର ଜନ୍ମ ହେବାର କିଛି ମାସ ମଧ୍ୟରେ ପରିସ୍ଥିତି ବଦଳିଯାଏ । ସେହି ଶିଶୁ ଡରିବା ଶିଖେ, ଶିଖେ ନାହିଁ ତାକୁ ସୁରକ୍ଷା ଆଳରେ ଶିଖେଇ ଦିଆଯାଏ । ନାନାଦି ବସ୍ତୁ ପାଇଁ ତା ମନରେ ଡର ସଂଚାର କରି ଦିଆଯାଏ । ଏଠାରେ ପ୍ରଶ୍ନ ଉଠେ, ତାକୁ କିଏ ଡର ଶିଖାଏ ? ମୁଖ୍ୟତଃ ପରିବାର, ସମାଜ ଓ ପରିବେଶ ଏଥିପାଇଁ ଦାୟୀ ।

**ମନୋବୈଜ୍ଞାନିକମାନେ କହନ୍ତି, ମଣିଷ ପାଖରେ ଜନ୍ମଗତ ଭାବେ କେବଳ ଦୁଇଟି ଭୟ ଥାଏ । ତାହା ହେଲା– ଉଚ୍ଚ ଶବ୍ଦର ଭୟ ଓ ତଳେ ପଡ଼ିଯିବାର ଭୟ । ଏହା ବ୍ୟତୀତ ଅନ୍ୟ ସମସ୍ତ ଭୟ ଶିଶୁ ଅବସ୍ଥାରୁ ଶିଖାଯାଇଥାଏ ଏବଂ ବାରମ୍ବାର ସେ ସଂପର୍କରେ କହି ସେହି ଭୟର ବୀଜକୁ ତା ଭିତରେ ରୋପଣ କରାଯାଇଥାଏ ।**

ପାଠଶାଳାର ଭୂମିକାରେ ଅବତୀର୍ଣ୍ଣ ହୁଏ ପରିବାରର ଶିଶୁ। ନିଜ ଘରେ ଶିଶୁ ମନରେ ପ୍ରଥମେ ଭୟର ଚାରା ରୋପଣ କରାଯାଏ । ଶିଶୁ ନ ଖାଇଲେ ଅବା କାନ୍ଦିଲେ ମାଆ ତାକୁ ନାନାଦି ଜିନିଷ ଦେଖେଇ, ବିଭିନ୍ନ କଥା କହି ତା ମନରେ ଭୟ ସୃଷ୍ଟି କରେ । ସେ ଦୁଷ୍ଟାମି କଲେ, ମାଆ କହେ ଶୋଇପଡ଼ ଭୂତ ଆସିବ । ଭୂତର କାଳ୍ପନିକ ତଥା ଭୟାନକ ସ୍ୱରୂପ ଶିଶୁକୁ ବର୍ଣ୍ଣନା କରି ଶୁଣାଯାଏ । କେବେ କେବେ ଛୋଟ ଶିଶୁକୁ ପୋଲିସର ଭୟ, ବାଘ, ସିଂହର ଭୟ, ବାୟାର ଭୟ ଆଦି ଦେଖାଯାଏ । ମାଆ ଭାବେ ଛୁଆ ଶାନ୍ତ ହୋଇଗଲା । କିନ୍ତୁ ପ୍ରକୃତରେ ଶିଶୁର କୋମଳ ମସ୍ତିଷ୍କ ଓ ମନରେ ଏହା ଭିତରେ ଏକ ଅଦୃଶ୍ୟ ଭୂତର ବୀଜ ପୋତି ଦିଆଯାଏ ।

ସେ ଭୂତ, ଯେତେ ଚେଷ୍ଟା କଲେ ମଧ୍ୟ, ଅତି କୋମଳ ବୟସରୁ ଯାହା ତା' ମନରେ ବଦ୍ଧମୂଳ ଅବସ୍ଥାରେ ଥାଏ, ଆଜୀବନ ତା ପିଛା ଛାଡ଼େନି । ବେଳେବେଳେ ପିତା ମାତା ନିଜ ପିଲାଙ୍କୁ ଅନ୍ୟ ପିଲାଙ୍କ ସହିତ ତୁଳନା କରନ୍ତି । କହନ୍ତି, ତୋ ଦ୍ୱାରା କିଛି ହେବନି, ଦେଖ, ଅମୁକ ବାବୁଙ୍କ ପୁଅ, ସମୁକ ବାବୁଙ୍କ ଝିଅ, ସେମାନଙ୍କୁ ଦେଖ, ସେମାନେ କିପରି କୃତିତ୍ୱ ହାସଲ କରି ବାପା ମାଆଙ୍କ ନାଆଁ ରଖୁଛନ୍ତି, ତୋ ଦେଇ କିଛି ହେବନି, ତୁ କିଛି କରିପାରିବୁନି, ଶେଷରେ ଫେଲ୍ ହେବୁ, ପରିବାରର ବୋଝ ହୋଇ ନାଆଁ ପକେଇବୁ, ତୋ ପାଇଁ ଆମେ କାହାକୁ ମୁହଁ ଦେଖେଇ ପାରିବୁନି ଇତ୍ୟାଦି ଇତ୍ୟାଦି ।

ଏହା ଫଳରେ ପିଲାଟିର ନିଜ ଉପରୁ ବିଶ୍ୱାସ ଓ ଆସ୍ଥା ତୁଟିଯାଏ । ସେ ନିରୁତ୍ସାହିତ ହୁଏ । ଯିଏ ତା ପାଇଁ ମୁଖ୍ୟ ସାହାରା ଓ ପ୍ରେରଣାର ଉତ୍ସ ହେବା କଥା, ସେମାନେ ତାକୁ ଜଘନ୍ୟ ଭାବେ ଆକ୍ଷେପ କରି ତାର ମନୋବଳ ଭାଙ୍ଗିଦେଇ ତାକୁ ବେସାହାରା କରି ହତାଶା ମଧ୍ୟକୁ ଠେଲି ଦିଅନ୍ତି । ତେଣୁ ତା'ପରେ ସେ ପାଠ ପଢ଼ି ପରୀକ୍ଷା ଦେବାକୁ, ପ୍ରତିଯୋଗିତାରେ ଭାଗ ନେବାକୁ ଭୟ କରେ । ତା' ଭିତରୁ ଆତ୍ମବିଶ୍ୱାସ ମରିଯାଏ । ସେ ହୀନମନ୍ୟତାର ଶିକାର ହୁଏ । ଯାହାକି ଭିତରେ ଭିତରେ ଦାନାବାନ୍ଧି ଭବିଷ୍ୟତରେ ତା' ପାଇଁ ପରିଚିତି ସଂକଟ, ଆତ୍ମବିଶ୍ୱାସହୀନତା ଓ ଅବସାଦ ସୃଷ୍ଟିକରେ ।

ଠିକ୍ ପରିବାର ଭଳି ସମାଜ ମଧ୍ୟ ଭୟର ଏକ କାରଖାନା । ପରିବାର ପରେ ସମାଜ ଏହି ଭୟକୁ ସଙ୍ଗଠିତ ରୂପଦିଏ । ଆମର ପ୍ରଚଳିତ ସମାଜ ବ୍ୟବସ୍ଥା ଭୟର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ହୋଇଛି ବୋଲି ମନେହୁଏ । ମୁଷ୍ଟିମେୟ ଲୋକେ ସମାଜରେ ତାଙ୍କ ନ୍ୟସ୍ତ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ନାନାଦି ଅଯୁକ୍ତିକର, ଅବୈଜ୍ଞାନିକ, ଅଗ୍ରହଣୀୟ ତଥା ଅନ୍ଧବିଶ୍ୱାସରେ ଭରପୂର କୁପ୍ରଥା, ନାନାଦି ଅସମ୍ବିଧାନିକ ପରଂପରାର ଭାଷ୍ୟକାର ସାଜିଥାନ୍ତି ଏବଂ ସବୁଠୁ ବିଚିତ୍ର କଥା ହେଲା, ଏହିଭଳି ସାମାଜିକ ବ୍ୟବସ୍ଥାକୁ ସମସ୍ତେ ବିନା କିଛି ପ୍ରଶ୍ନରେ, ବିନା କିଛି ବିରୋଧାଭାସରେ ମଥାପାତି ଗ୍ରହଣ କରିନିଅନ୍ତି ଏବଂ କିଛି ଚାଟୁକାର ମଧ୍ୟ ସେହି ସବୁ କୁପ୍ରଥା ଓ କୁସଂସ୍କାରର ସ୍ୱତଃସ୍ଫୁର୍ତ୍ତ ପ୍ରବକ୍ତା ସାଜନ୍ତି ।

ବିଶେଷ କରି ଧାର୍ମିକ ପରମ୍ପରାରେ କୁହାଯାଏ, ଯାହା ଯାହା ନୀତି ନିୟମ ଓ ପଦ୍ଧତି ପ୍ରଚଳିତ ସେ ସବୁ ଅବିକଳ ସେମିତି ନ କଲେ ନରକ ରେ ପଡ଼ିବ । ଶିକ୍ଷା ବ୍ୟବସ୍ଥାରେ ପରୀକ୍ଷା ହିଁ ସର୍ବଶେଷ ମାପକାଠି । ପରୀକ୍ଷାରେ ଫେଲ୍ ହେଲେ ଜୀବନ ସରିଗଲା । ଚାକିରି କ୍ଷେତ୍ରରେ କର୍ତ୍ତୃପକ୍ଷ ବା ବସ୍ ହିଁ ସର୍ବେସର୍ବା । ତାଙ୍କ କଥା ନ ମାନିଲେ ଚାକିରି ଯିବା ଥୟ । ସମାଜରେ ପ୍ରଚଳିତ ଘୁଣଖିଆ ବ୍ୟବସ୍ଥା ବିରୋଧରେ ପ୍ରତିବାଦ କି ପ୍ରଶ୍ନ କଲେ, ବିଶୃଂଖଳିତ, ସମାଜବିରୋଧୀ ତତ୍ତ୍ୱର ଆଖ୍ୟା ମିଳିବ ଓ ସମାଜରୁ ବହିଷ୍କାର ହେବ । ନ୍ୟାୟିକ ବ୍ୟବସ୍ଥାକୁ ପ୍ରଶ୍ନ କଲେ ଅପରାଧୀ, ଶାସନ ବ୍ୟବସ୍ଥାକୁ ପ୍ରଶ୍ନ କଲେ ରାଷ୍ଟ୍ରଦ୍ରୋହୀ କୁହାଯିବ । ଏମିତି ମଣିଷକୁ ଧୀରେ ଧୀରେ ଭୟର ଶିକୁଳିରେ ଛନ୍ଦି ଦିଆଯାଏ । ଫଳତଃ ସେ ପ୍ରତ୍ୟେକ ଜିନିଷକୁ ସାମ୍ନା ନ କରି ଡରିବାକୁ ଆରମ୍ଭ କରେ । କୌଣସି ନୂଆ କାମ କରିବାକୁ ଡରେ, ସତ କହିବାକୁ ଡରେ, ଭିଡ଼ରେ ଛିଡ଼ାହୋଇ ନିଜର ମତ ରଖିବାକୁ ଡରେ । ଅତଏବ, ଭୟ ସଂସାରରେ ମଣିଷର ସବୁଠାରୁ ବଡ଼ ଶତ୍ରୁ ଭାବେ ଉଭା ହୁଏ । (କ୍ରମଶଃ)

**(ଲେଖକ ଜଣେ ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଧିକାରୀ ଓ ଲେଖକ ଭାବେ ସୁପରିଚିତ)**

# ସ୍ୱପ୍ନଦର୍ଶୀ କଲାମ



**ନନ୍ଦିତା ବାରିକ**

"Dream, dream, dream. Dreams transform into thoughts and thoughts result in action.", ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କ ଏହି ପ୍ରସିଦ୍ଧ ଉକ୍ତିର ମର୍ମ ହେଉଛି– ସ୍ୱପ୍ନ ଚିନ୍ତାକୁ ଜନ୍ମ ଦିଏ, ଚିନ୍ତା କର୍ମରେ ପରିଣତ ହୁଏ । ତାଙ୍କ ପାଇଁ ସ୍ୱପ୍ନ କେବଳ କଳ୍ପନା ନଥିଲା ଏହା ଥିଲା ଅଧ୍ୟବସାୟ, ଆତ୍ମବିଶ୍ୱାସ ଓ ରାଷ୍ଟ୍ରନିର୍ମାଣର ପ୍ରେରଣା । ସେଥିପାଇଁ ଡକ୍ଟର କଲାମ କେବଳ ଜଣେ ପ୍ରଖ୍ୟାତ ବୈଜ୍ଞାନିକ କିମ୍ବା ଭାରତର ଜନପ୍ରିୟ ରାଷ୍ଟ୍ରପତି ନଥିଲେ ସେ ଥିଲେ ଆଧୁନିକ ଭାରତର ଜଣେ ଦୂରଦର୍ଶୀ ସ୍ୱପ୍ନଦ୍ରଷ୍ଟା ।

ସ୍ୱପ୍ନ ତାହା ନୁହେଁ, ଯାହା ଆମେ ନିଦ୍ରାରେ ଦେଖୁ । ସ୍ୱପ୍ନ ହେଉଛି ତାହା, ଯାହା ଆମକୁ ଶୋଇବାକୁ ଦିଏ ନାହିଁ । ଡକ୍ଟର କଲାମଙ୍କ ଏହି ଉକ୍ତି ତାଙ୍କ ଜୀବନଦର୍ଶନର ସାରମର୍ମ । ତାଙ୍କ ପାଇଁ ସ୍ୱପ୍ନ ଥିଲା ଅଧ୍ୟବସାୟ, ଜ୍ଞାନାର୍ଜନ ଓ ରାଷ୍ଟ୍ରନିର୍ମାଣର ପ୍ରେରଣା । ସେ ବ୍ୟକ୍ତିଗତ ସଫଳତାରେ ସୀମିତ ନରହି ଏକ ଜ୍ଞାନସମୃଦ୍ଧ, ଶକ୍ତିଶାଳୀ ଓ ଆତ୍ମନିର୍ଭର ଭାରତ ଗଠନର ସ୍ୱପ୍ନ ଦେଖିଥିଲେ ଏବଂ ତାହାର ସାକାର ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିଲେ । ତାମିଲନାଡୁର ରାମେଶ୍ୱରମର ଏକ ସାଧାରଣ ପରିବାରରେ ୧୫ ଅକ୍ଟୋବର ୧୯୩୧ରେ ଜନ୍ମଗ୍ରହଣ କରିଥିବା କଲାମ ବାଲ୍ୟକାଳରୁ ଆର୍ଥିକ ଅନଟନ ସହ ସଂଘର୍ଷ କରିଥିଲେ । ପରିବାରକୁ ସହାୟତା କରିବା ପାଇଁ ସେ ଖବରକାଗଜ ବିତରଣ କରୁଥିଲେ । ମାତ୍ର ଦାରିଦ୍ର୍ୟ ତାଙ୍କ ସ୍ୱପ୍ନକୁ ଦମନ କରିପାରିନଥିଲା । ଆକାଶରେ ଉଡୁଥିବା ପକ୍ଷୀଙ୍କୁ ଦେଖି ତାଙ୍କ ମନରେ ଜାଗିଥିଲା ଉଡ଼ାଣର ଆକାଂକ୍ଷା, ଯାହା ପରବର୍ତ୍ତୀ ସମୟରେ ତାଙ୍କୁ ମହାକାଶ ବିଜ୍ଞାନର ଦିଗନ୍ତକୁ ଅଗ୍ରସର କରାଇଥିଲା ।

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍‌ରୋ) ଏବଂ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ)ରେ ଡକ୍ଟର କଲାମଙ୍କ ଅବଦାନ ଅତୁଳନୀୟ । ଭାରତର ପ୍ରଥମ ସ୍ୱଦେଶୀ ଉପଗ୍ରହ ଉତକ୍ଷେପଣ ଯାନ (ଏସ୍‌ଏଲ୍‌ଭି–୩)ର ସଫଳତା ପଛରେ ତାଙ୍କର ମୁଖ୍ୟ ଭୂମିକା ଥିଲା ।



ଏହାପରେ ସେ ଭାରତର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ । ତାଙ୍କରି ତତ୍ତ୍ୱାବଧାନରେ ଅଗ୍ନି, ପୃଥ୍ୱୀ, ତ୍ରିଶୂଳ, ଆକାଶ ଏବଂ ନାଗ ଭଳି ଶକ୍ତିଶାଳୀ କ୍ଷେପଣାସ୍ତ୍ରଗୁଡ଼ିକର ବିକାଶ ହୋଇଥିଲା, ଯାହା ଭାରତକୁ ବିଶ୍ୱର ପ୍ରତିରକ୍ଷା ମାନଚିତ୍ରରେ ଏକ ମହାଶକ୍ତି ଭାବେ ଉଭା କରିଥିଲା । ୧୯୯୮ ମସିହାର ପୋଖରାନ୍–୨ ପରମାଣୁ ପରୀକ୍ଷଣର ସେ ଥିଲେ ମୁଖ୍ୟ ସୂତ୍ରଧର । ଭାରତକୁ ସୁରକ୍ଷିତ ଏବଂ ଶକ୍ତିଶାଳୀ ଦେଖିବାର ସ୍ୱପ୍ନ ସେ ବୈଜ୍ଞାନିକ ରୂପରେ ପୂରଣ କରିଥିଲେ ।

ଡକ୍ଟର କଲାମଙ୍କ ସ୍ୱପ୍ନ କେବଳ ସାମରିକ ଶକ୍ତି ମଧ୍ୟରେ ସୀମିତ ନଥିଲା । ସେ ଭାରତକୁ ଏକ ବିକଶିତ ରାଷ୍ଟ୍ର ଭାବେ ଦେଖିବାକୁ ଚାହୁଁଥିଲେ । ତାଙ୍କର Wings of Fire ଆତ୍ମଜୀବନୀ ସଂଘର୍ଷ, ଶିକ୍ଷା, ସ୍ୱପ୍ନ ଓ ବୈଜ୍ଞାନିକ ସାଧନାର ଏକ ପ୍ରେରଣାଦାୟୀ ଦଲିଲ । ତାଙ୍କର ପ୍ରସିଦ୍ଧ ପୁସ୍ତକ 'ଇଣ୍ଡିଆ ୨୦୨୦: ଏ ଭିଜନ ଫର୍ ଦି ନ୍ୟୁ ମିଲେନିଅମ୍'ରେ ସେ ଏକ ସ୍ପଷ୍ଟ ରୋଡମ୍ୟାପ୍ ପ୍ରଦାନ କରିଥିଲେ । ସେ ବିଶ୍ୱାସ କରୁଥିଲେ ଯେ ବିକାଶର ପଞ୍ଚମୁଖୀ ସ୍ତମ୍ଭ ହେଉଛି: କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମିର ବିକାଶ (ବିଦ୍ୟୁତ, ପରିବହନ ଓ ଜଳ ସଂରକ୍ଷଣ), ଓ କ୍ରିଟିକାଲ୍ ଟେକ୍ନୋଲୋଜିରେ ଆତ୍ମନିର୍ଭରଶୀଳତା । ସେ ଏକ ଏଭଳି ଭାରତର ସ୍ୱପ୍ନ ଦେଖିଥିଲେ ଯେଉଁଠାରେ ସହର ଓ ଗ୍ରାମ ମଧ୍ୟରେ ଥିବା ପ୍ରଭେଦ ଦୂର ହେବ, ଯାହାକୁ ସେ PURA (Providing Urban Amenities in Rural Areas) ମଡେଲ ବୋଲି ନାମିତ କରିଥିଲେ ।

ଏକ ସ୍ୱପ୍ନଦର୍ଶୀ ଭାବେ କଲାମ ଜାଣିଥିଲେ ଯେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅନ୍ଧ ଅନୁକରଣଦ୍ୱାରା ଯଦି ପ୍ରକୃତିର ଧ୍ୱଂସ ହୁଏ, ତେବେ ସେହି ବିକାଶ ଅର୍ଥହୀନ । ସେ ସବୁବେଳେ ପରିବେଶ ସୁରକ୍ଷା ଓ ଜଳବାୟୁ ନ୍ୟାୟ ସପକ୍ଷରେ କହିଥିଲେ । ସେ ଯୁବପିଢ଼ିଙ୍କୁ ନିଜ ଜୀବନକାଳ ମଧ୍ୟରେ ଅତିକମରେ ପାଞ୍ଚଟି ଗଛ ଲଗାଇବାକୁ ଏବଂ ତାର ଯତ୍ନ ନେବାକୁ ଶପଥ କରାଉଥିଲେ ।

୨୦୧୫ ମସିହା ଜୁଲାଇ ୨୭ ତାରିଖରେ, ଆଇଆଇଏମ୍ ଶିଲଂରେ ଛାତ୍ରମାନଙ୍କୁ ଆମ ପୃଥିବୀକୁ କିଭଳି ବାସଉପଯୋଗୀ କରିବା ବିଷୟରେ ବକ୍ତୃତା ଦେଉଥିବା ସମୟରେ ହିଁ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । କର୍ତ୍ତବ୍ୟରତ ଅବସ୍ଥାରେ ଏବଂ ନିଜର ପ୍ରିୟ ଛାତ୍ରମାନଙ୍କ ଗହଣରେ ଜୀବନର ଅବସାନ ହେବା ଜଣେ ମହାନ ସ୍ୱପ୍ନଦ୍ରଷ୍ଟାଙ୍କ ପାଇଁ ଏକ ସାର୍ଥକ ବିଦାୟ । ସେ ଆଜି ଆମ ଗହଣରେ ନାହାନ୍ତି ସତ, କିନ୍ତୁ ତାଙ୍କର ସ୍ୱପ୍ନ, ତାଙ୍କର ତ୍ୟାଗ ଓ ଆଦର୍ଶ ଆଜି ମଧ୍ୟ କୋଟି କୋଟି ଭାରତୀୟଙ୍କ ପାଇଁ ଆଲୋକ ବର୍ତ୍ତିକା ସଦୃଶ । ସ୍ୱପ୍ନଦର୍ଶୀ କଲାମଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ସେତେବେଳେ ହେବ, ଯେତେବେଳେ ଆମେ ସମସ୍ତେ ମିଶି ତାଙ୍କର ସ୍ୱପ୍ନର ଏକ ସମୃଦ୍ଧ, ସଶକ୍ତ ଓ ବିକଶିତ ଭାରତ ଗଠନ ଦିଗରେ କାର୍ଯ୍ୟ କରିବା ।

**୨୦୧୫ ମସିହା ଜୁଲାଇ ୨୭ ତାରିଖରେ, ଆଇଆଇଏମ୍ ଶିଲଂରେ ଛାତ୍ରମାନଙ୍କୁ ଆମ ପୃଥିବୀକୁ କିଭଳି ବାସଉପଯୋଗୀ କରିବା ବିଷୟରେ ବକ୍ତୃତା ଦେଉଥିବା ସମୟରେ ହିଁ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । କର୍ତ୍ତବ୍ୟରତ ଅବସ୍ଥାରେ ଏବଂ ନିଜର ପ୍ରିୟ ଛାତ୍ରମାନଙ୍କ ଗହଣରେ ଜୀବନର ଅବସାନ ହେବା ଜଣେ ମହାନ ସ୍ୱପ୍ନଦ୍ରଷ୍ଟାଙ୍କ ପାଇଁ ଏକ ସାର୍ଥକ ବିଦାୟ । ସେ ଆଜି ଆମ ଗହଣରେ ନାହାନ୍ତି ସତ, କିନ୍ତୁ ତାଙ୍କର ସ୍ୱପ୍ନ, ତାଙ୍କର ତ୍ୟାଗ ଓ ଆଦର୍ଶ ଆଜି ମଧ୍ୟ କୋଟି କୋଟି ଭାରତୀୟଙ୍କ ପାଇଁ ଆଲୋକ ବର୍ତ୍ତିକା ସଦୃଶ ।**

**ସହକାରୀ ଶିକ୍ଷୟିତ୍ରୀ,
ସରକାରୀ ଉଚ୍ଚ ବିଦ୍ୟାଳୟ,
ଗାଇସିଲଟ, ବରଗଡ଼
ମୋ: ୭୮୯୪୧୪୪୪୦୪**

# ମୋକିମ୍‌ଙ୍କ ଷୋଳପୁଅ ମା’ ଘଟ ପରିଦର୍ଶନ

କଟକ, (ସ୍ୱପ୍ର): ଓଡ଼ିଶା ଜନତା କଂଗ୍ରେସ ପାର୍ଟି ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ କଟକର ବିଭିନ୍ନ ଷୋଳପୁଅ ମା’ ମଣ୍ଡପ ବୁଲି ଘଟ ଦର୍ଶନ କରିବା ସହ ମା’ଙ୍କ ଆଶୀର୍ବାଦ ଲାଭ କରିଛନ୍ତି । ଏହି ଅବସରରେ ଶ୍ରୀ ମୋକିମ୍ କଟକ ସହରର ପୁରାତନ ଭାଇଚାରା ଓ ଐତିହ୍ୟକୁ ମନେ ପକାଇ କହିଥିଲେ ଯେ, କଟକ ହେଉଛି ଭାଇଚାରାର ସହର । ଏଠାରେ ସବୁ ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟର ଲୋକେ ଏକାଠି ହୋଇ ସମସ୍ତ ପର୍ବପର୍ବାଣି ପାଳନ କରିଥାନ୍ତି । ଷୋଳପୁଅ ମା’ଙ୍କ ପୂଜାର୍ଚ୍ଚନା ଏହି ମାଟିର ପବିତ୍ର ପରମ୍ପରାକୁ ଆହୁରି ସମୃଦ୍ଧ କରେ । ମା’ଙ୍କ ନିକଟରେ ସେ ସମଗ୍ର ରାଜ୍ୟବାସୀ ତଥା କଟକବାସୀଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ ।



ପରିଦର୍ଶନ କାଳରେ ସେ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ସେମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ । ପୂଜା କମିଟି ପକ୍ଷରୁ ଶ୍ରୀ ମୋକିମ୍‌ଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଓଜେସି କଟକ ସହର ସଭାପତି ଗିରିବାଳା ବେହେରା, ଓଜେସି ବ୍ଲକ ସଭାପତି ରାକେଶ ମହାରଣା ଓ ସୁରଜିତ ସାହୁ, ଜି ଭାସ୍କର ରାଓ, ସେକ ଗୁଲାମ ମୋଇଦ୍ଦିନ, ଅନିତ ବେହେରା, ଶିଳା ସାହା, ସ୍ୱାଗତିକା ମହାପାତ୍ର, ଲକ୍ଷ୍ମୀପ୍ରିୟା ତୋଳା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ସଙ୍ଗୀତ ଓ ଉତ୍ସବମୁଖର ପରିବେଶ ସହ ଦଶହରା ପାଳନ କରିବ ନେକ୍ସସ୍ ଏସ୍‌ପ୍ଲାନେଡ୍

ଭୁବନେଶ୍ୱର, (ସବ୍ୟୁ) : ଏହି ଦଶହରା ଅବସରରେ, ସହରର ଅଗ୍ରଣୀ ଲାଇଫଷ୍ଟାଇଲ୍ ଏବଂ ସପିଂ ଗନ୍ତବ୍ୟସ୍ଥଳ ‘ନେକ୍ସସ୍ ଏସପ୍ଲାନେଡ୍ ଭୁବନେଶ୍ୱରରେ ଏକ ସପ୍ତାହ ବ୍ୟାପୀ ଉତ୍ସବ ମାଧ୍ୟମରେ ପର୍ବପର୍ବାଣୀର ରୂପ, ସ୍ୱର ଏବଂ ପରମ୍ପରାକୁ ଏକତ୍ରିତ କରୁଛି। ଅକ୍ଟୋବର ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ‘ଦଶହରା ଉତ୍ସବ ୨୦୨୬: ଆଲୋକ ଓ ବିଜୟର ଉତ୍ସବରେ ଲୋକକଳା ପ୍ରଦର୍ଶନ, ପାରମ୍ପାରିକ ଓଡ଼ିଆ କଳା, ସଙ୍ଗୀତ, ନୃତ୍ୟ ଏବଂ ସମସ୍ତ ବୟସର ଦର୍ଶକଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ମଲରେ ଦୁର୍ଗା ଓ ଶକ୍ତିଙ୍କ ଦ୍ୱାରା ଅନୁପ୍ରାଣିତ ଏକ ସ୍ୱତନ୍ତ୍ର ସାଜସଜ୍ଜା ବା ଆଟ୍ରିୟମ୍ ଇନଷ୍ଟଲେସନ୍, ଆଲୋକିତ ପଥ, ଫଟୋ ଉଠାଇବା ପାଇଁ ସ୍ୱତନ୍ତ୍ର ସ୍ଥାନ ଏବଂ ‘ଭାରତରେ ନବରାତ୍ରିର ଯାତ୍ରା ପ୍ରଦର୍ଶିତ ହେବ, ଯେଉଁଥିରେ ଆସାମ, ପଶ୍ଚିମବଙ୍ଗ, ତ୍ରିପୁରା ଏବଂ ଓଡ଼ିଶାର ପରମ୍ପରାକୁ ଦେଖିବାକୁ ମିଳିବ। ଦର୍ଶକମାନେ ଓଡ଼ିଶାର ପାରମ୍ପାରିକ ହସ୍ତଶିଳ୍ପ ଯେପରିକି ମୃତିକା ଶିଳ୍ପ, ତାଳପତ୍ର ଖୋଦେଇ, ଟେରାକୋଟା, ପଟ୍ଟଚିତ୍ର ଏବଂ ପିପିଲି ହସ୍ତକଳା କାର୍ଯ୍ୟର ପ୍ରଦର୍ଶନ ମଧ୍ୟ ଦେଖିପାରିବେ। ଉତ୍ସବର ମଜାକୁ ଦ୍ୱିଗୁଣିତ କରିବା ପାଇଁ, ୧୬ ରୁ ୨୦ ପର୍ଯ୍ୟନ୍ତ ମଲର ଲନ୍ ଅଂଚଳରେ ‘ଡାଣ୍ଡିଆ ନାଇଟ୍ସ ଆୟୋଜିତ ହେବ, ଯେଉଁଥିରେ ଚିତାକର୍ଷକ ସଙ୍ଗୀତ ଓ ପାରମ୍ପାରିକ ନୃତ୍ୟର ଆୟୋଜନ କରାଯିବ।

## ଆଦ୍ୟାଶ୍ରୀ ପତ୍ରିକା ପୂଜା ସଂଖ୍ୟା ଉନ୍ମୋଚିତ

# ଆମ ଭାଷାର ସୁରକ୍ଷା ଏବେ ଜରୁରୀ : ଦେବୀ ପ୍ରସନ୍ନ

ଭୁବନେଶ୍ୱର(ସବ୍ୟୁ): ଦିଲ୍ଲୀ-ଉତ୍କଳ ଅସ୍ମିତା ଫାଉଣ୍ଡେସନ ପକ୍ଷରୁ ଡାକ୍ତର ଅନିତା ପଣ୍ଡାଙ୍କ ସଂପାଦନାରେ ପ୍ରକାଶିତ ଆଦ୍ୟାଶ୍ରୀ ପତ୍ରିକାର ଉନ୍ମୋଚନ ଉତ୍ସବ ବୁଦ୍ଧ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି । ଏଥିସହ ଡାକ୍ତର ପଣ୍ଡାଙ୍କ ରଚିତ ନନ୍ଦିନୀଙ୍କ ନୀଳ ଖାତାରୁ ଓ କାଳଜୟୀ କୁନ୍ତଳା କୁମାରୀ ପୁସ୍ତକ ଦୁଇଟି ଲୋକାର୍ପିତ ହୋଇଥିଲା ।

ସମୟର ମୁଖ୍ୟ ସମ୍ପାଦକ ତଥା ବିଶିଷ୍ଟ ସାହିତ୍ୟିକ ଗୁରୁକଲ୍ୟାଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଉଦଘାଟକ ଭାବେ ଯୋଗ ଦେଇ ବିଶିଷ୍ଟ ଭାଷାବିତ ଡଃ ଦେବୀ ପ୍ରସନ୍ନ ପଟ୍ଟନାୟକ ଆମ ଭାଷାର ସୁରକ୍ଷା ଜରୁରୀ ଓ ଏଥିପ୍ରତି ଲେଖକ/ଲେଖିକାମାନେ ସଚେତକ ରହିବାକୁ ସେ ଅନୁରୋଧ କରିଥିଲେ । ମୁଖ୍ୟ ଅତିଥି ବିଶିଷ୍ଟ ଶିକ୍ଷାବିତ ଓ ସାହିତ୍ୟିକ ଭଗବାନ ପ୍ରକାଶ କହିଲେ ଯେ ଭାଷାର ସୁରକ୍ଷା ସହିତ ଦେଶର ସୁରକ୍ଷା ପାଇଁ ସମସ୍ତେ ଯତ୍ନବାନ ହେବା ଉଚିତ । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ କହିଲେ, ନିଜର ଭାଷା ଓ ସାହିତ୍ୟ ପ୍ରତି ଓଡ଼ିଆମାନେ ସଚେତନ ହୁଅନ୍ତୁ । ଏବର ସରକାର ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବାରୁ ସେ ଆନନ୍ଦ ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ସୁଲେଖିକା ଡ. ବାସନ୍ତୀ ମହାନ୍ତି ଯୋଗ ଦେଇ ଉନ୍ମୋଚିତ ପୁସ୍ତକ ଉପରେ ସମ୍ୟକ ଆଲୋଚନା କରିଥିଲେ ।

ଏହି ଉତ୍ସବରେ ଆଦ୍ୟାଶ୍ରୀ ପୂଜା ସଂଖ୍ୟା ପକ୍ଷରୁ ବିଶିଷ୍ଟ କବି ନିଳାଦ୍ରୀ ଭୂଷଣ ହରିଚନ୍ଦନ, ସମ୍ଭକାର ନିରଞ୍ଜନ ସାହୁ, ସମାଜସେବୀ ଲୋକନାଥ ଦାସ ଓ ସାଧୁଚରଣ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା । ଏଥିରେ ଅଧ୍ୟକ୍ଷତା କରି ଶ୍ରୀ ମହାପାତ୍ର ଓଡ଼ିଆ ସାହିତ୍ୟ ଦୁର୍ଦ୍ଦଶା ମଧ୍ୟରେ ଗତି କରୁଛି ବୋଲି ପ୍ରକାଶ କରିଥିଲେ । ପୂର୍ବରୁ ପ୍ରଧାପିକା ମନୋରମା ମହାପାତ୍ର ବିଶ୍ୱାଳ, କବି ଅମରେଶ ପଟ୍ଟନାୟକ, ଅଧାପକ ପ୍ରଫୁଲ୍ଲ କୁମାର ମହାନ୍ତି, କବି ରକ୍ଷକ ନାୟକ ପ୍ରଭୃତି ସୁଚରିତ କବିତାମାନ ପାଠ କରିଥିଲେ ।

# ନବନିଯୁକ୍ତ ରାଜ୍ୟପାଳ ପଦବୀର ମର୍ଯ୍ୟାଦା ରଖନ୍ତୁ: କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶାର ନବନିଯୁକ୍ତ ରାଜ୍ୟପାଳ ବ୍ରଜମୋହନ ରାମ ଶପଥ ନେବା ପୂର୍ବରୁ ଦେଇଥିବା ବିବାଦୀୟ ମନ୍ତବ୍ୟ ପାଇଁ ଓଡ଼ିଶା କଂଗ୍ରେସ ଦ୍ୱାରା ସମାଲୋଚିତ ହୋଇଛନ୍ତି । ପିଟିଆଇକୁ ଏକ ସାକ୍ଷାତକାରରେ ଶ୍ରୀ ରାମ ‘ଅତୀତରେ ଝାଡ଼ଖଣ୍ଡ ପରି ଓଡ଼ିଶାରେ ମଧ୍ୟ ବିଜେପି ଏସସି ମୋର୍ଚ୍ଚା ପାଇଁ କାମ କରିବେ’ ବୋଲି କହିଥିବା ନେଇ ଗଣମାଧ୍ୟମ ରିପୋର୍ଟ ଉପରେ ବୁଧବାର ସାମ୍ବାଦିକଙ୍କୁ ସମ୍ବୋଧନ କରି ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଥିଲେ, ରାଜ୍ୟପାଳ ପରି ମର୍ଯ୍ୟାଦାପୂର୍ଣ୍ଣ ପଦବି ପାଇବା ପରେ ଓଡ଼ିଶାରେ ବିଜେପିର ଭୋଟ ବଢ଼ାଇବା ପାଇଁ କାମ କରିବେ ବୋଲି କହିବା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ । ଏହା ବିଜେପିର ଅସଲ ଚରିତ୍ରକୁ ସ୍ପଷ୍ଟ କରୁଛି । ସେ କହିଥିଲେ, ବିଜେପି ସରକାର ଦେଶର ଗୋଟିଏ ପରେ ଗୋଟିଏ ସାମ୍ବିଧାନିକ ସଂସ୍ଥାକୁ ଦଳର କବଜା କରିଚାଲିଛନ୍ତି । ତେବେ, ୧୫୨ରୁ ୧୬୨ ଓ ୨୧୩, ୩୫୬ ପରି ସମ୍ପର୍କିତ ଧାରାଗୁଡ଼ିକ ପଢ଼ି ନିଜ ଦାୟିତ୍ୱବୋଧ ବିଷୟରେ ସଚେତନ ହେବା ବଦଳରେ ଏପରି ନିମ୍ନ ସ୍ତରର ମନ୍ତବ୍ୟ ଦେବା




ଏତେ ଉଚ୍ଚ ପଦବୀରେ ଯୋଗ ଦେବାକୁ ଯାଉଥିବା ପୂର୍ବରୁ କେହି ଏପରି ଖୋଲାଖୋଲି ଦଳୀୟ ରାଜନୀତି କରିନଥିଲେ । ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହେବା ପରେ ସେ ସମ୍ବିଧାନର ଧାରା ନିନ୍ଦନୀୟ । ଏପରି ବ୍ୟକ୍ତିଙ୍କୁ କେନ୍ଦ୍ର ତୁରନ୍ତ ପ୍ରତ୍ୟାହାର କରନ୍ତୁ କିମ୍ବା ହାଇକୋର୍ଟ ମୁଖ୍ୟ ବିଚାରପତି ତାଙ୍କୁ ଶପଥ କରାଇବାରେ ନିଜର ଆପତ୍ତି ଦର୍ଶାନ୍ତୁ ବୋଲି ଶ୍ରୀ ଦାସ ଦାବି କରିଛନ୍ତି ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଷ୍ଟୁଡେଣ୍ଟ୍ କାଉନସିଲ୍ ଗଠିତ

କଟକ, (ସ୍ୱପ୍ର): ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଏକ ଷ୍ଟୁଡେଣ୍ଟ୍ କାଉନସିଲ୍ ଗଠନ ହୋଇଛି । ଏଥିପାଇଁ ସିଧାସଳଖ ନିର୍ବାଚନ ନହୋଇ ଶ୍ରେଣୀ ପ୍ରତିନିଧିମାନଙ୍କ ମତଦାନ ଆଧାରରେ ସମ୍ପନ୍ନ ହୋଇଛି । ଚଳିତ ଶିକ୍ଷାବର୍ଷ ପାଇଁ ଉକ୍ତ ଷ୍ଟୁଡେଣ୍ଟ୍ କାଉନସିଲ୍ ସଭାପତି ଭାବରେ ରିତେଶ ନାୟକ, ଉପ-ସଭାପତି ସୋହମ ପ୍ରକାଶ ବରାଳ, ସାଧାରଣ ସମ୍ପାଦିକା ସାଇପ୍ରଜ୍ଞା ବାରିକ, ଯୁଗ୍ମ ସମ୍ପାଦିକା ରଚନା କୁମାରୀ, କ୍ରୀଡ଼ା ସମ୍ପାଦକ ଯଶୋବନ୍ତ ନାରାୟଣ ଭୋସାଗର ଏବଂ ସାଂସ୍କୃତିକ ସମ୍ପାଦକ ଭାବରେ ମଙ୍ଗିସା ମୁର୍ମୁ ଶ୍ରେଣୀ ପ୍ରତିନିଧିମାନଙ୍କ ମତଦାନ ଦ୍ୱାରା ନିର୍ବାଚିତ ହୋଇଛନ୍ତି । ଏଥିସହ ଗଭର୍ଣ୍ଣିଂ ବଡି ସଦସ୍ୟ ଭାବରେ ଜଗମୋହନ ଡାଲମିଆ, ସ୍ୱସ୍ତି ସଂହିତା ଜେନା, ଜି. ନୁପୁର ତମନ୍ନା ଏବଂ ମନିଷା ମହାନ୍ତି ଚୟନ ହୋଇଛନ୍ତି ।

## ଦ କ୍ରାଉନ୍, ଭୁବନେଶ୍ୱର - ଆଇଏଚସିଏଲ୍ ସିଲେକସନ୍ସ ତରଫରୁ

# ନବରାତ୍ରୀ ଅବସରରେ ଦାଣ୍ଡିଆ ନାଇଟ୍ସର ଆୟୋଜନ

ଭୁବନେଶ୍ୱର, (ସବ୍ୟୁ) : ନବରାତ୍ରୀର ଉତ୍ସବମୁଖର ପରିବେଶକୁ ଆଦର କରି, ଦ କ୍ରାଉନ୍, ଭୁବନେଶ୍ୱର - ଆଇଏଚସିଏଲ୍ ସିଲେକ୍ସନ୍ସ ଅତିଥି ଏବଂ ସହରବାସୀଙ୍କୁ ଭକ୍ତି, ଆନନ୍ଦ ଏବଂ ଏକତାର ଏହି ପର୍ବକୁ ଏକ ସ୍ୱତନ୍ତ୍ର ଉତ୍ସବୀୟ ଅନୁଭୂତି ସହ ପାଳନ କରିବାକୁ ଆୟୋଜନ କରିଛି। ପାରମ୍ପରିକ ସ୍ୱାଦ, ବର୍ଣ୍ଣାଢ୍ୟ ସାଜସଜ୍ଜା ଏବଂ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ସମନ୍ୱୟରେ ହୋଟେଲ୍ ଏକ ସ୍ମରଣୀୟ ଉତ୍ସବ ପାଳନର ପ୍ରତିଶ୍ରୁତି ଦେଉଛି। ଏହି ଅବସରରେ ହୋଟେଲ୍ ପକ୍ଷରୁ ଏକ ବିଶେଷ ନବରାତ୍ରୀ ମେନୁ ଉପଲବ୍ଧ କରାଯିବ, ଯେଉଁଥିରେ ଉପବାସ ଉପଯୋଗୀ ବ୍ୟଞ୍ଜନ ଓ ପାରମ୍ପରିକ ଉତ୍ସବୀୟ ଖାଦ୍ୟର ସୁସ୍ୱାଦୁ ସମ୍ଭାର ରହିବ। ପ୍ରାମାଣିକ ଉପାଦାନରେ ପ୍ରସ୍ତୁତ ଏହି ବ୍ୟଞ୍ଜନଗୁଡ଼ିକ ନବରାତ୍ରୀର ପରମ୍ପରାକୁ ସମ୍ମାନ



ଜଣାଇବା ସହ ଏକ ଅନନ୍ୟ ରସନାତ୍ମକ ଅନୁଭୂତି ପ୍ରଦାନ କରିବ। ଉତ୍ସବକୁ ଆହୁରି ଆକର୍ଷଣୀୟ କରିବା ପାଇଁ ୧୮ ଓ ୧୯ ଅକ୍ଟୋବରରେ ଡାଣ୍ଡିଆ ନାଇଟ୍ସ ଆୟୋଜିତ ହେବ। ସଙ୍ଗୀତ, ନୃତ୍ୟ ଓ ଉତ୍ସବୀୟ ଉଲ୍ଲାସରେ ଭରପୂର ଏହି ସନ୍ଧ୍ୟାରେ ଅତିଥିମାନେ ଉତ୍ସାହପୂର୍ଣ୍ଣ ଗର୍ବା ଏବଂ ଦାଣ୍ଡିଆ ପରିବେଷଣ, ବର୍ଣ୍ଣାଢ୍ୟ ସାଜସଜ୍ଜା ଓ ଜୀବନ୍ତ ପରିବେଶର ଆନନ୍ଦ ଉପଭୋଗ କରିପାରିବେ, ଯାହା ନବରାତ୍ରୀର ପ୍ରକୃତ ଉତ୍ସବୀୟ ଭାବନାକୁ ପ୍ରତିଫଳିତ କରିବ। ଏହି ଅବସରରେ ରଞ୍ଜନ କୁମାର ଦାସ, ଜେନେରାଲ୍ ମ୍ୟାନେଜର, ଦ କ୍ରାଉନ୍, ଭୁବନେଶ୍ୱର - ଆଇଏଚସିଏଲ୍ ସିଲେକ୍ସନ୍ସ କହିଛନ୍ତି, “ଓଡ଼ିଶାର ପ୍ରେରଣାପ୍ରାପ୍ତ ଡିଜାଇନ୍, ସବୁଜ ପରିବେଶ ଓ ଆନ୍ତରିକ ବ୍ୟକ୍ତିଗତ ସେବା ପାଇଁ ପରିଚିତ ଦ କ୍ରାଉନ୍ ସର୍ବଦା ସ୍ଥାନୀୟ ସଂସ୍କୃତି ଓ ଆଧୁନିକ ଆତିଥ୍ୟର ସମନ୍ୱୟରେ ଅର୍ଥପୂର୍ଣ୍ଣ ଅନୁଭୂତି ସୃଷ୍ଟି କରିଆସୁଛି। ଆମେ ଅତିଥିମାନଙ୍କୁ ଏହି ନବରାତ୍ରୀର ଉତ୍ସବୀୟ ପରିବେଶକୁ ଉପଭୋଗ କରିବା, ପାରମ୍ପରିକ ସ୍ୱାଦର ଆନନ୍ଦ ନେବା ଏବଂ ଆମର ଭବ୍ୟ ଡାଣ୍ଡିଆ ନାଇଟ୍ସରେ ଯୋଗଦେଇ ଉତ୍ସବର ଆନନ୍ଦକୁ ଦ୍ୱିଗୁଣିତ କରିବାକୁ ଆମନ୍ତ୍ରଣ ଜଣାଉଛୁ।

# ଗିଫ୍ଟ ସ୍ୱୟଂଶାସିତ କଲେଜରେ ବିପିୟୁଟି ହାକାଥନ୍-୨୦୨୬

ଭୁବନେଶ୍ୱର, (ସବ୍ୟୁ): ଗିଫ୍ଟ ସ୍ୱୟଂଶାସିତ କଲେଜରେ ଅକ୍ଟୋବର ୧୦ ଓ ୧୧ ତାରିଖରେ ବିପିୟୁଟି ଦ୍ୱାରା ପରିଚାଳିତ ହାକାଥନ୍-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩୨୬ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଗଠିତ ୬୧ଟି ଦଳ ଅଂଶଗ୍ରହଣ କରିଥିଲେ । ଓଡ଼ିଶାର ବିପିୟୁଟି ପ୍ରମୁଖ ଉଦ୍‌ଭାବନର ଏକ ଅଂଶ ଭାବରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ସୃଜନଶୀଳତା, ବୈଷୟିକ ଦକ୍ଷତା ଏବଂ ବାସ୍ତବ ଜୀବନର ସମସ୍ୟା ପାଇଁ ଅଭିନବ ସମାଧାନ ପ୍ରଦର୍ଶନ କରିବାର ଏକ ମଞ୍ଚ ଯୋଗାଇ ଦେଇଥିଲେ । ଏହି ହାକାଥନ୍‌ରେ ଥିବା ୧୦ଟି ସମସ୍ୟା ବିଷୟବସ୍ତୁ ମଧ୍ୟରୁ ଭାରତ ପାଇଁ ସ୍ଥାୟୀ ସୁବିଧା ପିଏସ୍-୦୪ ବିଷୟବସ୍ତୁଟି ଗିଫ୍ଟ ଅଟୋନୋମସ୍‌କୁ ପ୍ରଦାନ କରାଯାଇଥିଲା । ମୂଲ୍ୟାଙ୍କନ ପ୍ରକ୍ରିୟାରେ କଗ୍‌ନିଜାଣ୍ଟ ସଲ୍ୟୁସନର ଅମରେନ୍ଦ୍ର ସାମଲ ଓ ସ୍ୱତନ୍ତ୍ର ପ୍ରଧାନ ଏବଂ ଏନ୍‌ଆଇଟି ରାଉରକେଲାର ପ୍ରଫେସର ମନୋରଂଜନ ସାହୁଙ୍କୁ ନେଇ ଗଠିତ ଜୁରି ଦ୍ୱାରା ପରିଚାଳିତ ହୋଇଥିଲା । ଅଧ୍ୟକ୍ଷ ଡ଼ଃ ଚିତରଞ୍ଜନ ମହାନ୍ତି ଓ ଉପାଧ୍ୟକ୍ଷ ଡ଼ଃ ଡ଼ି. ମୋହନ ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ଡ଼ଃ. ସୁଜିତ୍ କୁମାର ପଣ୍ଡା, ଡ଼ଃ. ସତ୍ୟ ରଞ୍ଜନ ପଟ୍ଟନାୟକ, ଡ଼ଃ. ସୌମେନ୍ଦ୍ର ରାଉତ, ସ୍ନିଗ୍ଧାରାଣୀ ପଣ୍ଡା, ପ୍ରତୀକ ପ୍ରସାଦ ମହାପାତ୍ର ଏବଂ ଅଭିନାଶ ମିଶ୍ରଙ୍କ ନିଷ୍ଠାପର ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।




## ବିଏମ୍‌ସି ୫୬ ନମ୍ବର ୱାର୍ଡରେ ଓଜେସିର ସାଂଗଠନିକ ବୈଠକ

# ଜନସମସ୍ୟାକୁ ଗୁରୁତ୍ୱ ଦେଇ ବ୍ୟାପକ ସାଂଗଠନିକ କାର୍ଯ୍ୟ କରିବା ପାଇଁ ସଂକଳ୍ପ

ଭୁବନେଶ୍ୱର, (ସବ୍ୟୁ) : ଆଗାମୀ ପୌର ନିର୍ବାଚନକୁ ଗୁରୁତ୍ୱ ଦେଇ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ସାଂଗଠନିକ କାର୍ଯ୍ୟକ୍ରମକୁ ଜୋରଦାର କରାଯାଉଛି । ବିଏମସିର ବିଭିନ୍ନ ୱାର୍ଡରେ ସାଂଗଠନିକ ବୈଠକ ଆୟୋଜନ କରାଯାଇ ଦଳୀୟ କର୍ମକର୍ତ୍ତା ଓ ସ୍ଥାନୀୟ ୱାର୍ଡବାସିନ୍ଦାଙ୍କ ସହ ଅନେକ ପର୍ଯ୍ୟାୟରେ ଆଲୋଚନା କରି ବିଭିନ୍ନ କାର୍ଯ୍ୟକମ ହାତକୁ ନିଆଯାଉଛି । ଏହିକ୍ରମରେ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ବିଏମସିର ୫୬ ନମ୍ବର ୱାର୍ଡରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଅଛି । ଏହି ବୈଠକରେ ଓଜେସି ଭୁବନେଶ୍ୱର ଜିଲ୍ଲା ସଭାପତି ବଦ୍ରି ନାରାୟଣ ମହାନ୍ତି ସଭାପତିତ୍ୱ କରିଥିଲେ ଏବଂ ସ୍ଥାନୀୟ ଦଳୀୟ କର୍ମକର୍ତ୍ତା, ଯୁବକ, ମହିଳା ଓ ସାଧାରଣ ଲୋକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ୫୬ ନମ୍ବର ୱାର୍ଡ ଅଞ୍ଚଳର ବିଭିନ୍ନ ସମସ୍ୟା, ନାଗରିକ ସୁବିଧା ଓ ଜନସାଧାରଣଙ୍କ ପ୍ରାଥମିକ ଲକ୍ଷ୍ୟ । ଭୁବନେଶ୍ୱରବାସୀ ପିଇବା ପାଣି ଭଳି ମୌଳିକ



ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା । ଶ୍ରୀ ମହାନ୍ତି କହିଥିଲେ ଯେ, ଓଜେସି କେବଳ ନିର୍ବାଚନ ସମୟର ଦଳ ନୁହେଁ, ସାଧାରଣ ଲୋକଙ୍କ ସହ ସବୁବେଳେ ରହି ସେମାନଙ୍କ ସମସ୍ୟା ଓ ଅଧିକାରର ସ୍ୱର ହେବା ଦଳର ସୁବିଧାରୁ ମଧ୍ୟ ବଞ୍ଚିତ । ରାସ୍ତାଘାଟ ଠାରୁ ଆରମ୍ଭ କରି ନାଳନର୍ଦ୍ଦମା ଓ ବର୍ଜ୍ୟବସ୍ତୁ ପରିଚାଳନାରେ ବିଏମସି କର୍ତ୍ତୃପକ୍ଷ ଓ ସ୍ଥାନୀୟ ନେତୃତ୍ୱ ବିଫଳ ହୋଇଥିବା ସେ କହିଥିଲେ । ଭୁବନେଶ୍ୱରର ପ୍ରତ୍ୟେକ ୱାର୍ଡରେ ଦଳର ସଂଗଠନକୁ ମଜବୁତ କରିବା ସହ ଲୋକଙ୍କ ସହ ସିଧାସଳଖ ଯୋଡ଼ି ହୋଇ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ସାଂଗଠନିକ ବୈଠକରେ ଦଳ ପକ୍ଷରୁ ଉପସଭାପତି ନଜିବୁର ରେହମାନ ଖାନ, ମହିଳା ଜନତା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନା, ମିଡିଆ ସେଲ୍ ଅଧ୍ୟକ୍ଷ ପ୍ରଶାନ୍ତ ଶତପଥୀ, ମହିଳା ନେତ୍ରୀ ପ୍ରଭାତୀ ପଟ୍ଟନାୟକ, ଯୁବନେତା ଆଦିତ୍ୟ ମିଶ୍ର, ଆଦିତ୍ୟ ଗିରି ପ୍ରମୁଖ ଯୋଗଦେଇ ୱାର୍ଡବାସୀଙ୍କର ବହୁବିଧ ସମସ୍ୟା ଏବଂ ତାର ନିରାକରଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଆଗାମୀ ଦିନରେ ୫୬ନମ୍ବର ୱାର୍ଡରେ ଓଜେସିର ସାଂଗଠନିକ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହିତ ୱାର୍ଡବାସୀଙ୍କର ପ୍ରତ୍ୟେକ ସମସ୍ୟାକୁ ନିଜର ସମସ୍ୟା ଭାବରେ ନେଇ ତା'ର ପ୍ରତିକାର ପାଇଁ ସମସ୍ତ ପ୍ରକାର କାର୍ଯ୍ୟ ହାତକୁ ନିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲା ।

# ଅନାଥ ଆଶ୍ରମରେ ଡିଏଭି ଏସ୍‌ସିବି

## ଖାଦ୍ୟ ଓ ପାଠ୍ୟୋପକରଣ ବଣ୍ଟନ

କଟକ, (ସ୍ୱପ୍ର) : ଦଶହରା ପର୍ବର ଖୁସିକୁ ଅନ୍ୟମାନଙ୍କ ସହ ବାଣ୍ଟିବା ଉଦ୍ଦେଶ୍ୟରେ ଡିଏଭି ଏସସିବି ମେଡିକାଲ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଚୌଦ୍ୱାର ସ୍ଥିତ ସ୍ୱପ୍ନ ମହଲ, ଭରସା ଓ ଜନନୀ ନାମକ ତିନୋଟି ବୃଦ୍ଧାଶ୍ରମ ଏବଂ ଅନାଥାଶ୍ରମ ପରିଦର୍ଶନ କରି ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ପୁଡ଼ିଆ ବଣ୍ଟନ କରିଥିବା ବେଳେ ଅନାଥ ଶିଶୁମାନଙ୍କୁ ଖାତା, କଲମ ଓ ବସ୍ତ୍ର ଆଦି ପ୍ରଦାନ କରିଛନ୍ତି । ବିଦ୍ୟାଳୟର ଅଧ୍ୟକ୍ଷଡ. ନିରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ମହତ ଅଭିଯାନର ଉଦ୍ଦେଶ୍ୟ ହେଉଛି ଅନାଥ ଶିଶୁ ଓ ବୃଦ୍ଧାଶ୍ରମରେ ରହୁଥିବା




ବୟୋଜ୍ୟେଷ୍ଠ ବ୍ୟକ୍ତି ମାନଙ୍କ ସହ ପୂଜାର ଖୁସି ବାଣ୍ଟିବା । ଉପହାର ଓ ସ୍ନେହର ସମ୍ଭାର ନେଇ ସେମାନଙ୍କ ନିକଟରେ ପହଞ୍ଚିବାର ଏହି ଉଦ୍ୟମ କେବଳ ଏକ ସେବା କାର୍ଯ୍ୟ ନୁହେଁ ବରଂ ମାନବିକତାର ମଧୁର ସ୍ପନ୍ଦନକୁ ଅନୁଭବ କରିବାର ଏକ ଭାବପୂର୍ଣ୍ଣ ପ୍ରୟାସ । ଉପହାରର ଚମକ ଠାରୁ ଆତ୍ମୀୟତାର ଉଷ୍ମତା ଅଧିକ ମୂଲ୍ୟବାନ । ଅସହାୟଙ୍କ ମୁହଁରେ ହସଫୁଟାଇବା, ଏକାକୀ ହୃଦୟରେ ଆପଣା ପଣର ଅନୁଭବ ଭରିଦେବା ଏବଂ ଜୀବନର ସାୟାହ୍ନରେ ଥିବା ବୟୋଜ୍ୟେଷ୍ଠଙ୍କ ମନରେ ଆନନ୍ଦ ସୃଷ୍ଟି କରିବା-ଏହି ଅଭିଯାନର ଅନ୍ତର୍ନିହିତ ମହତ୍ତ୍ୱ । ଏହି ଉଦ୍ୟମ ଛାତ୍ରଛାତ୍ରୀମାନଙ୍କ ମନରେ ସେବା ମନୋଭାବ ଭରିଦେବା ସହିତ ଉତ୍ତମ ନାଗରିକ ଗଢିବାରେ ସହାୟକ ହୋଇଛି । ଏହା ସହିତ ଛାତ୍ରଛାତ୍ରୀମାନେ ବୃଦ୍ଧାଶ୍ରମରେ ବୃକ୍ଷ ରୋପଣ କରିଥିଲେ । ଏହି ସମାଜସେବା ପାଇଁ ଅଧ୍ୟକ୍ଷ ଡଃ ସ୍ୱାଇଁ ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକଶିକ୍ଷୟିତ୍ରୀ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଆଇଆଇଏମ୍ ସମ୍ବଲପୁରରେ ଯୁବ ସଙ୍ଗମ ଫେଜ୍-୭ର ଶୁଭାରମ୍ଭ

## ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଜାଣିବେ ହିମାଚଳର ୪୭ ଯୁବ ପ୍ରତିନିଧି

ସମ୍ବଲପୁର, (ସବ୍ୟୁ) : ଦୁଇ ରାଜ୍ୟ ମଧ୍ୟରେ ସାଂସ୍କୃତିକ ଆଦାନପ୍ରଦାନ, ଭାବଗତ ଏକତା ଓ ଜାତୀୟ ସଂହତିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଭାରତୀୟ ପ୍ରବନ୍ଧନ ସଂସ୍ଥାନ (ଆଇଆଇଏମ୍), ସମ୍ବଲପୁରରେ ବୁଧବାର ଯୁବ ସଙ୍ଗମର ସପ୍ତମ ପର୍ଯ୍ୟାୟ (ଫେଜ୍-୭)ର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଆଇଆଇଏମ୍‌ର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୈସୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ବିଶିଷ୍ଟ ସମ୍ବଲପୁରୀ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ‘ଏକ ଭାରତ, ଶ୍ରେଷ୍ଠ ଭାରତ’ ଅଭିଯାନ ଅଧୀନରେ ଓଡ଼ିଶା ଗସ୍ତରେ ଆସିଥିବା ହିମାଚଳ ପ୍ରଦେଶର ୧୨ଟି ଜିଲ୍ଲାର ୪୭ଜଣିଆ ଯୁବ ପ୍ରତିନିଧି ଦଳକୁ ଏହି ଅବସରରେ ସ୍ୱାଗତ କରାଯାଇଥିଲା । ପାଞ୍ଚଦିନିଆ ଏହି ଗସ୍ତରେ ଯୁବ ପ୍ରତିନିଧି ମାନେ ଓଡ଼ିଶାର ଐତିହ୍ୟ, ସଂସ୍କୃତି, ଶିକ୍ଷାନୁଷ୍ଠାନ, ପର୍ଯ୍ୟଟନସ୍ଥଳୀ ଓ ସାମାଜିକ ଜୀବନ ସହ ପରିଚିତ ହେବେ। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଏହି ପଦକ୍ଷେପ ୧୮ ରୁ




୩୦ ବର୍ଷ ବୟସର ଯୁବପିଢ଼ିଙ୍କ ମଧ୍ୟରେ ଆନ୍ତଃରାଜ୍ୟ ସମ୍ପର୍କ ଓ ସାଂସ୍କୃତିକ ବୁଝାମଣା ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେଇଥାଏ । ଏହି ପର୍ଯ୍ୟାୟରେ ଓଡ଼ିଶା ଓ ହିମାଚଳ ପ୍ରଦେଶକୁ ଯୋଡ଼ାଯାଇଥିବାବେଳେ ଆଇଆଇଏମ୍ ସମ୍ବଲପୁର ଏବଂ ଏନ୍‌ଆଇଟି ହମିରପୁର ନୋଡାଲ୍ ଅନୁଷ୍ଠାନ ଭାବେ ଦାୟିତ୍ୱ ତୁଲାଉଛନ୍ତି । ଏହି ଗସ୍ତ କାର୍ଯ୍ୟକ୍ରମରେ ହୀରାକୁଦ ବନ୍ଧ, ଜଳବିଦ୍ୟୁତ୍ କେନ୍ଦ୍ର, ସଫାରି, ହସ୍ତତନ୍ତ ବୁଣାକାର ଗ୍ରାମ ସମେତ ଭୁବନେଶ୍ୱର, ପୁରୀର ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟମନ୍ଦିର ଓ ସମୁଦ୍ରକୂଳ ପରିଦର୍ଶନ ସାମିଲ ରହିଛି। ଏହାଦ୍ୱାରା ଅତିଥି ଯୁବକମାନେ ଓଡ଼ିଶାର ଐତିହାସିକ ଗୌରବ, ଆଧ୍ୟାତ୍ମିକ ପରମ୍ପରା, କଳା ଓ ଜୀବନଶୈଳୀକୁ ନିକଟରୁ ଅନୁଭବ କରିବାର ସୁଯୋଗ ପାଇବେ। କାର୍ଯ୍ୟକ୍ରମରେ ପ୍ରଫେସର ରାମକୃଷ୍ଣ ପାଢ଼ୀ ସମ୍ବଲପୁରର ଐତିହ୍ୟ ଓ ସାଂସ୍କୃତିକ ବିଶେଷତା ଉପରେ ଆଲୋକପାତ କରିଥିଲେ। ଏଥିସହ ମହିମା ଧର୍ମର ସନ୍ଥ ଭୀମ ଭୋଇ, ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ, ଜଗନ୍ନାଥ ସଂସ୍କୃତି, ବାଲିଯାତ୍ରା ଓ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ର ଉଲ୍ଲେଖ କରି ଓଡ଼ିଶାର ସମୃଦ୍ଧ ପରମ୍ପରା ଓ ଆଧୁନିକ ବିକାଶର ଚିତ୍ର ଉପସ୍ଥାପନ କରିଥିଲେ । ମୁଖ୍ୟ ଅତିଥି ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଳ କହିଥିଲେ ଯେ ସଙ୍ଗୀତ ଓ ହୃଦୟର ଭାଷା ପାଇଁ ଅନୁବାଦର ଆବଶ୍ୟକତା ନାହିଁ। ଏହି ସାର୍ବଜନୀନ ଭାଷା ହିଁ ସମ୍ବଲପୁରୀ ସଙ୍ଗୀତକୁ ବିଶ୍ୱଦରବାରରେ ସ୍ୱତନ୍ତ୍ର ପରିଚୟ ଦେଇଛି । ଏହି ଅବସରରେ ସେ ବିଶ୍ୱବିଖ୍ୟାତ ସମ୍ବଲପୁରୀ ଗୀତ ‘ରଙ୍ଗବତୀ’ର ଏକ ପଙ୍କ୍ତି ନିଜ ସୁମଧୁର କଣ୍ଠରେ ଗାଇ ଉପସ୍ଥିତ ଅତିଥି ଓ ଯୁବ ପ୍ରତିନିଧିମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଶେଷରେ ଆଇଆଇଏମ୍ ସମ୍ବଲପୁରର ପ୍ରଶାସନିକ ଅଧିକାରୀ ଅମୃତ ପି. ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଯାତ୍ରୀ ଆୟ ଓ ଟିକେଟ୍ ବୁକିଂରେ ପୂର୍ବତଟ ରେଳପଥର ଉଲ୍ଲେଖନୀୟ ଅଭିବୃଦ୍ଧି

ଭୁବନେଶ୍ୱର, (ସବ୍ୟୁ) : ପୂର୍ବ ତଟ ରେଳପଥ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଛଅ ମାସରେ ଯାତ୍ରୀ ଆୟ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଗତ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ଯାତ୍ରୀ ଆୟରେ ୧୮.୦୧% ବୃଦ୍ଧି ରେକର୍ଡ କରାଯାଇଛି। ଏଥିସହିତ, ଏପ୍ରିଲ୍‌ରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ ଯାତ୍ରୀ ଟିକେଟ୍ ବୁକିଂରେ ୧.୭୬% ଅଭିବୃଦ୍ଧି ହୋଇଛି, ଯାହା ରେଳ ଯାତ୍ରା ପ୍ରତି ଯାତ୍ରୀମାନଙ୍କର ନିରନ୍ତର ଆଗ୍ରହକୁ ପ୍ରତିଫଳିତ କରୁଛି। ସେପ୍ଟେମ୍ବର ୨୦୨୬ ଶେଷ ସୁଦ୍ଧା ପୂର୍ବ ତଟ ରେଳପଥର ଯାତ୍ରୀ ଆୟ ୧,୦୭୯.୩୦ କୋଟି ଟଙ୍କାରେ ପହଞ୍ଚିଛି। ଗତବର୍ଷ ସମାନ ଅବଧିରେ ଏହି ଆୟ ୯୧୪.୬୨ କୋଟି ଟଙ୍କା ଥିଲା। ଯାତ୍ରୀ ଆୟରେ ହୋଇଥିବା ଏହି ବୃଦ୍ଧି ରେଳପଥର ଯାତ୍ରୀ ପରିବହନ ସେବାର ଉନ୍ନତ ପ୍ରଦର୍ଶନକୁ ସୂଚିତ କରୁଛି। ଯାତ୍ରୀ ଟିକେଟ୍ ବୁକିଂ ବୃଦ୍ଧି ତୁଳନାରେ ଯାତ୍ରୀ ଆୟରେ ଅଧିକ ଅଭିବୃଦ୍ଧି ହୋଇଥିବାରୁ ଯାତ୍ରୀ ପିଛା ହାରାହାରି ଆୟ ବୃଦ୍ଧି ପାଇଥିବା ଜଣାପଡ଼ିଛି। ଯାତ୍ରୀ ପିଛା ହାରାହାରି ଆୟ ପ୍ରାୟ ୨୪୦ ଟଙ୍କାରୁ ବୃଦ୍ଧି ପାଇ ୨୭୮ ଟଙ୍କାରେ ପହଞ୍ଚିଛି, ଯାହା ପ୍ରାୟ ୧୬% ଅଭିବୃଦ୍ଧିକୁ ଦର୍ଶାଉଛି। ଏହି ଅଭିବୃଦ୍ଧିରେ ବନ୍ଦେ ଭାରତ ଓ ଅମୃତ ଭାରତ ଭଳି ଏସି ଏବଂ ପ୍ରିମିୟମ୍ ଟ୍ରେନ୍‌ଗୁଡ଼ିକରେ ଯାତ୍ରୀଙ୍କ ଅଧିକ ଚାହିଦା, ନୂତନ ଟ୍ରେନ୍ ସେବା ଆରମ୍ଭ,




ଚଳାଚଳ କରୁଥିବା ଟ୍ରେନ୍‌ଗୁଡ଼ିକର ସମ୍ପ୍ରସାରଣ ଏବଂ ଗୁରୁତ୍ୱପୂର୍ଣ୍ଣ ମାର୍ଗରେ ଟ୍ରେନ୍‌ଗୁଡ଼ିକରେ ଅତିରିକ୍ତ କୋଚ୍ ସଂଯୋଗ ଭଳି ପଦକ୍ଷେପ ସହାୟକ ହୋଇଛି। ପର୍ବପର୍ବାଣି ଓ ଛୁଟିଦିନରେ ଅତିରିକ୍ତ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ମଧ୍ୟ ଅଧିକ ଯାତ୍ରୀ ଚାହିଦା ପୂରଣ କରିବାରେ ସହାୟତା କରିଛି। ପର୍ଯ୍ୟଟନ ଓ ତୀର୍ଥଯାତ୍ରା ମାର୍ଗଗୁଡ଼ିକରେ ନିରନ୍ତର ଯାତ୍ରୀ ଚାହିଦା ସହିତ ଡିଜିଟାଲ୍ ଟିକେଟ୍ ବୁକିଂ ସୁବିଧାର ବ୍ୟାପକ ବ୍ୟବହାର ମଧ୍ୟ ଏହି ସଫଳତାରେ ଅବଦାନ ରଖିଛି। ଯାତ୍ରୀ ଆୟ ବୃଦ୍ଧିରେ ପୂର୍ବ ତଟ ରେଳପଥର ସମସ୍ତ ମଣ୍ଡଳ ଅବଦାନ ରଖିଛନ୍ତି। ଖୋର୍ଦ୍ଧା ରୋଡ୍ ମଣ୍ଡଳ ୭୪୪.୯୬ କୋଟି ଟଙ୍କାର ଯାତ୍ରୀ ଆୟ କରି ଗତବର୍ଷ ତୁଳନାରେ ୧୮.୬୮% ଅଭିବୃଦ୍ଧି ହାସଲ କରିଛି। ସେହିପରି ସମ୍ବଲପୁର ମଣ୍ଡଳ ୧୩୩.୭୬ କୋଟି ଟଙ୍କା ଆୟ ସହିତ ୧୨.୭୮% ଅଭିବୃଦ୍ଧି ରେକର୍ଡ କରିଥିବାବେଳେ ରାୟଗଡ଼ା ମଣ୍ଡଳ ୫୩.୧୦ କୋଟି ଟଙ୍କା ଆୟ କରି ୨୪.୪୧% ଅଭିବୃଦ୍ଧି ହାସଲ କରିଛି। ଏହି ସମନ୍ୱିତ ତଥ୍ୟରେ ୨୦୨୬ ଏପ୍ରିଲ୍ ଓ ମେ ମାସର ତତ୍କାଳୀନ ୱାଲଟିୟର ମଣ୍ଡଳର ପ୍ରଦର୍ଶନ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ସେପ୍ଟେମ୍ବର ୨୦୨୬ ଶେଷ ସୁଦ୍ଧା ପୂର୍ବ ତଟ ରେଳପଥରେ ମୋଟ ୩୮.୭୭ ମିଲିଅନ ଯାତ୍ରୀ ଟିକେଟ୍ ବୁକିଂ ହୋଇଛି। ଗତବର୍ଷ ସମାନ ଅବଧିରେ ଏହି ସଂଖ୍ୟା ୩୮.୧୦ ମିଲିଅନ ଥିଲା, ଯାହା ୧.୭୬% ଅଭିବୃଦ୍ଧିକୁ ଦର୍ଶାଉଛି। ଟିକେଟ୍ ଯାଞ୍ଚ କାର୍ଯ୍ୟକ୍ରମ ମଧ୍ୟ ରେଳପଥର ରାଜସ୍ୱ ବୃଦ୍ଧିରେ ସହାୟକ ହୋଇଛି। ୩୦ ସେପ୍ଟେମ୍ବର ୨୦୨୬ ସୁଦ୍ଧା ପୂର୍ବ ତଟ ରେଳପଥ ଟିକେଟ୍ ବିନା ଯାତ୍ରା ଏବଂ ଅନିୟମିତ ଯାତ୍ରା ସମ୍ପର୍କିତ ୫.୧୫ ଲକ୍ଷ ମାମଲା ଚିହ୍ନଟ କରି ୩୬.୨୧ କୋଟି ଟଙ୍କା ଆଦାୟ କରିଛି। ଗତବର୍ଷ ସମାନ ଅବଧି ତୁଳନାରେ ଟିକେଟ୍ ଯାଞ୍ଚରୁ ଆୟରେ ୨୭.୨୮% ବୃଦ୍ଧି ହୋଇଛି। ଏହା ନିୟମିତ ଓ ଲକ୍ଷ୍ୟଭିତ୍ତିକ ଟିକେଟ୍ ଯାଞ୍ଚ ଅଭିଯାନ ମାଧ୍ୟମରେ ରାଜସ୍ୱ ଆଦାୟରେ ଉନ୍ନତିକୁ ପ୍ରତିଫଳିତ କରୁଛି। ଯାତ୍ରୀ ଆୟରେ ଏହି ସାମଗ୍ରିକ ଅଭିବୃଦ୍ଧି ରେଳ ଯାତ୍ରା ପ୍ରତି ଯାତ୍ରୀଙ୍କ ନିରନ୍ତର ଚାହିଦା, ବିଭିନ୍ନ ପ୍ରକାରର ଟ୍ରେନ୍ ସେବାର ଉପଲବ୍ଧତା, ଗୁରୁତ୍ୱପୂର୍ଣ୍ଣ ମାର୍ଗରେ ଯାତ୍ରୀ ପରିବହନ କ୍ଷମତା ବୃଦ୍ଧି ଏବଂ ରାଜସ୍ୱ ଆଦାୟକୁ ସୁଦୃଢ଼ କରିବା ପାଇଁ ନିରନ୍ତର ପ୍ରୟାସର ପରିଣାମ। ଯାତ୍ରୀମାନଙ୍କୁ ସୁବିଧାଜନକ ରେଳ ସେବା ଯୋଗାଇବା, ଟିକେଟ୍ ଯାଞ୍ଚ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ସାମଗ୍ରିକ ଯାତ୍ରା ଅନୁଭୂତିରେ ଉନ୍ନତି ଆଣିବା ଦିଗରେ ପୂର୍ବ ତଟ ରେଳପଥ ନିରନ୍ତର ପ୍ରୟାସ ଜାରି ରଖିଛି।

# ଆଜି ଲଦାଖରେ ୩୩୫୦ କୋଟିର ୫ ବିକାଶ ପ୍ରକଳ୍ପ ଉଦ୍‌ଘାଟନ

## ବିମାନବନ୍ଦର, ସାମରିକ ସଡ଼କ, ଜଳବିଦ୍ୟୁତ୍, ଐତିହ୍ୟ ସଂରକ୍ଷଣ ଓ ଜଳ ସୁରକ୍ଷାକୁ ଗୁରୁତ୍ୱ



**ନୂଆଦିଲ୍ଲୀ:** ଲଦାଖର ବିକାଶକୁ ନୂଆ ଗତି ଦେବା ଲକ୍ଷ୍ୟରେ ପ୍ରାୟ ୩୩୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୫ଟି ପ୍ରମୁଖ ପ୍ରକଳ୍ପକୁ ଆସନ୍ତା ୧୫ ତାରିଖରେ ଉଦ୍‌ଘାଟନ ଓ ଦେଶ ଉଦ୍ଦେଶ୍ୟରେ ସମର୍ପଣ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ ଭିଡିଓ ସମ୍ମିଳନୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ହେବ। ଏହାଦ୍ୱାରା ଅଞ୍ଚଳର ଯୋଗାଯୋଗ, ଶକ୍ତି ଭିତ୍ତିଭୂମି, ଐତିହ୍ୟ ସଂରକ୍ଷଣ ଓ ଜଳ ସୁରକ୍ଷା କ୍ଷେତ୍ରରେ ଉନ୍ନତି ଆସିବ ବୋଲି ଆଶା କରାଯାଉଛି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଲେହର କୁଶୋକ ବକୁଳା ରିମ୍ପୋଚେ ବିମାନବନ୍ଦରର ନୂତନ ଯାତ୍ରୀ ଟର୍ମିନାଲ ଭବନ ରହିଛି। ୬୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଭବନର କ୍ଷେତ୍ରଫଳ ୨୩,୮୦୦ ବର୍ଗମିଟର। ଏହା ବର୍ଷକୁ ୩୫ ଲକ୍ଷ ଯାତ୍ରୀଙ୍କ ଯାତାୟାତ ପରିଚାଳନା କରିପାରିବ। ଶକ୍ତି ସଞ୍ଚୟ ଓ ପରିବେଶ ଉପରେ ପ୍ରଭାବ ହ୍ରାସ କରିବା ପାଇଁ ଏଥିରେ ଭୂତାପୀୟ ଶକ୍ତି ବ୍ୟବହାରର ବ୍ୟବସ୍ଥା ରହିଛି। ଆଧୁନିକ ଯାତ୍ରୀ ସୁବିଧା ସହ ଲଦାଖର ସାଂସ୍କୃତିକ ପରିଚୟକୁ ମଧ୍ୟ ଏହାର ନିର୍ମାଣରେ ସ୍ଥାନ ଦିଆଯାଇଛି। ସେହିପରି ୨୯୮ କିଲୋମିଟର ଦୀର୍ଘ ନିମ୍ମୁ-ପଦୁମ-ଦର୍ଚା ସଡ଼କକୁ ଦେଶ ଉଦ୍ଦେଶ୍ୟରେ ସମର୍ପଣ କରିବେ ପ୍ରଧାନମନ୍ତ୍ରୀ। ସୀମା ସଡ଼କ ସଂଗଠନ ଦ୍ୱାରା ନିର୍ମିତ ଏହି ସଡ଼କ ଲେହର ନିମ୍ମୁକୁ ହିମାଚଳ ପ୍ରଦେଶର ଦର୍ଚା ସହ ଯୋଡ଼ିଛି। ଏହା ଦୁର୍ଗମ ଜାନ୍ସକାର ଉପତ୍ୟକା ଓ ଉଚ୍ଚ ପାର୍ବତ୍ୟ ଶିଙ୍କୁନ୍ ଲା ଦେଇ ଯାଇଛି। ଏହି ରାସ୍ତା ଶ୍ରୀନଗର-ଲେହ ଓ ମନାଲି-ଲେହ ରାଜପଥର ବିକଳ୍ପ ଯୋଗାଯୋଗ ପଥ ଭାବେ କାର୍ଯ୍ୟ କରିବ। ଏହାଦ୍ୱାରା ସଶସ୍ତ୍ର ବାହିନୀର ଯାତାୟାତ ଓ ରସଦ ଯୋଗାଣ ସୁଦୃଢ଼ ହେବା ସହ ଜାନ୍ସକାର ଅଞ୍ଚଳର ବାସିନ୍ଦାଙ୍କୁ ଚିକିତ୍ସା, ଶିକ୍ଷା, ବଜାର ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା ପାଇବାରେ ସୁବିଧା ହେବ। ଶକ୍ତି କ୍ଷେତ୍ରରେ ଲଦାଖର ସାମର୍ଥ୍ୟକୁ ଉପଯୋଗ କରିବା ପାଇଁ ୯ ମେଗାୱାଟ୍ କ୍ଷମତାବିଶିଷ୍ଟ ହାନୁ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ୬୬ କେଭି ଦ୍ୱି-ସର୍କିଟ୍ ଦାହ-ହାନୁ-ଖାଲି ବିଦ୍ୟୁତ୍ ପରିବହନ ଲାଇନ୍‌କୁ ମଧ୍ୟ ଉଦ୍ଘାଟନ କରାଯିବ। ଏହାଦ୍ୱାରା ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହ ଜଳବିଦ୍ୟୁତ୍ ସମ୍ପଦର ଉପଯୋଗ ବଢ଼ିବ। ଲଦାଖର ପ୍ରାଚୀନ ପ୍ରତ୍ନତାତ୍ତ୍ୱିକ ଐତିହ୍ୟର ସୁରକ୍ଷା ପାଇଁ ଲେହର ସିନ୍ଧୁ ଘାଟଠାରେ ଦେଶର ପ୍ରଥମ ଶିଳାଚିତ୍ର ସଂରକ୍ଷଣ ପାର୍କ ଉଦ୍‌ଘାଟିତ ହେବ। ଏହି ଅଞ୍ଚଳର ବିଭିନ୍ନ ପ୍ରାଗୈତିହାସିକ ଶିଳାଚିତ୍ରରେ ବନ୍ୟଜନ୍ତୁ, ମାନବ ଆକୃତି ଓ ପ୍ରତୀକାତ୍ମକ ଚିତ୍ର ରହିଛି। ଏଗୁଡ଼ିକ ହଜାର ହଜାର ବର୍ଷର ମାନବ ଇତିହାସ ଓ ସଭ୍ୟତା ସମ୍ପର୍କରେ ତଥ୍ୟ ଦିଏ। ଏହି ପାର୍କ ଶିଳାଚିତ୍ରଗୁଡ଼ିକର ସଂରକ୍ଷଣ ସହ ଜନସଚେତନତା ଓ ଦାୟିତ୍ୱପୂର୍ଣ୍ଣ ଐତିହ୍ୟ ପର୍ଯ୍ୟଟନକୁ ଉତ୍ସାହିତ କରିବ। ଏହାବ୍ୟତୀତ 'ହିମ ସରୋବର' ପ୍ରକଳ୍ପ ଅଧୀନରେ ୪୦ଟି ଗାଁରେ ବିକଶିତ ୪୦ଟି ଜଳାଶୟକୁ ମଧ୍ୟ ଉଦ୍ଘାଟନ କରାଯିବ। ଲଦାଖର ଭୌଗୋଳିକ ଓ ଜଳବାୟୁଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ଜଳ ସଂରକ୍ଷଣ ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ତୁଷାର ତରଳିବା ଓ ହିମବାହରୁ ଜଳ ମିଳୁଥିଲେ ମଧ୍ୟ ବୁଣାବୁଣି ସମୟରେ ଚାଷୀଙ୍କୁ ଜଳାଭାବର ସମ୍ମୁଖୀନ ହେବାକୁ ପଡ଼େ। ଉପଲବ୍ଧ ଜଳକୁ ସଂରକ୍ଷଣ କରି ଆବଶ୍ୟକ ସମୟରେ ବ୍ୟବହାରଯୋଗ୍ୟ କରିବା ଏହି ପ୍ରକଳ୍ପର ଲକ୍ଷ୍ୟ। ଏହା ଜଳସେଚନ, କୃଷିଜୀବୀଙ୍କ ଜୀବିକା ଓ ଦୀର୍ଘକାଳୀନ ଜଳ ସୁରକ୍ଷାକୁ ସହାୟତା କରିବ।

# ଗୁରୁବାର ଏସୀୟ କ୍ରୀଡ଼ାବିତଙ୍କୁ ଭେଟିବେ ମୋଦୀ



**ନୂଆଦିଲ୍ଲୀ:** ଏସୀୟ କ୍ରୀଡ଼ା ୨୦୨୬ରେ ଭାଗ ନେଇଥିବା ଭାରତୀୟ କ୍ରୀଡ଼ାବିତ୍‌ଙ୍କ ସହ ଅକ୍ଟୋବର ୧୫ ତାରିଖରେ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମ୍‌ରେ ଅପରାହ୍ନ ପ୍ରାୟ ୪ଟା ୩୦ ମିନିଟ୍‌ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଉପସ୍ଥିତ ଜନସମାବେଶକୁ ମଧ୍ୟ ସମ୍ବୋଧିତ କରିବେ ବୋଲି ପ୍ରେସ୍ ସୂଚନା ବ୍ୟୁରୋ ପକ୍ଷରୁ ଜଣାପଡ଼ିଛି। ଜାପାନର ଆଇଚି-ନାଗୋୟାଠାରେ ଆୟୋଜିତ ଏସୀୟ କ୍ରୀଡ଼ାରେ ଭାରତ ମୋଟ ୮୫ଟି ପଦକ ଜିତି ପଦକ ତାଲିକାରେ ଚତୁର୍ଥ ସ୍ଥାନ ହାସଲ କରିଥିଲା। ଏଥିରେ ୨୧ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଓ ୩୭ଟି କାଂସ୍ୟ ପଦକ ରହିଛି। କ୍ରମାଗତ ଦ୍ୱିତୀୟ ଥର ପାଇଁ ଭାରତ ଏସୀୟ କ୍ରୀଡ଼ାରେ ଶ୍ରେଷ୍ଠ ପାଞ୍ଚଟି ଦେଶ ମଧ୍ୟରେ ସ୍ଥାନ ପାଇଛି। ବିଭିନ୍ନ କ୍ରୀଡ଼ାରେ ଭାରତୀୟ ଖେଳାଳିଙ୍କ ବଢ଼ୁଥିବା ପ୍ରତିଯୋଗିତାମୂଳକ ଦକ୍ଷତା ଏହି ସଫଳତାରୁ ପ୍ରତିଫଳିତ ହୋଇଛି। ଏହି ପ୍ରତିଯୋଗିତାରେ ଭାରତୀୟ ଖେଳାଳିମାନେ ଅନେକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ପୁନର୍ବକ୍ର ଧନୁର୍ବିଦ୍ୟାରେ ଐତିହାସିକ ପ୍ରଦର୍ଶନ ସହ ଉଭୟ ପୁରୁଷ ଓ ମହିଳା ହକି ଦଳ ସ୍ୱର୍ଣ୍ଣପଦକ ଜିତିଛନ୍ତି। ସେହିପରି ନରମ ଟେନିସ୍ ଓ ମିଶ୍ର ମାର୍ଶାଲ୍ ଆର୍ଟସ୍‌ରେ ଭାରତ ପ୍ରଥମ ଥର ପଦକ ଜିତିବାର ସଫଳତା ହାସଲ କରିଛି। ମହିଳା ଟ୍ରାପ୍ ଇଭେଣ୍ଟରେ ଭାରତ ପ୍ରଥମ ଥର ସ୍ୱର୍ଣ୍ଣପଦକ ଜିତିଥିବାବେଳେ ଭାରୋତ୍ତୋଳନରେ ୨୮ ବର୍ଷ ପରେ ଏସୀୟ କ୍ରୀଡ଼ାରେ ରୌପ୍ୟପଦକ ହାସଲ କରିଛି। ଗ୍ରୀକୋ-ରୋମାନ୍ କୁସ୍ତିରେ ମଧ୍ୟ ଭାରତ ରୌପ୍ୟପଦକ ଜିତିଛି। ଏହାଦ୍ୱାରା ଏହି ବିଭାଗରେ ଭାରତୀୟ ପ୍ରତିଯୋଗୀଙ୍କ ଫାଇନାଲ୍ ପ୍ରବେଶକୁ ନେଇ ୬୪ ବର୍ଷର ଅପେକ୍ଷାର ଅନ୍ତ ଘଟିଛି। ଏହି କାର୍ଯ୍ୟକ୍ରମରେ ଭାରତୀୟ କ୍ରୀଡ଼ା ଦଳର ସଦସ୍ୟ, ପ୍ରଶିକ୍ଷକ, ସହାୟକ କର୍ମଚାରୀ, ଭାରତୀୟ ଅଲିମ୍ପିକ୍ ସଂଘର ଅଧିକାରୀ, ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକର ପ୍ରତିନିଧି ଏବଂ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ଅଧିକାରୀମାନେ ଯୋଗଦେବେ। ଏସୀୟ କ୍ରୀଡ଼ାରେ ଭାରତର ସଫଳତା ପରେ କ୍ରୀଡ଼ାବିତ୍‌ଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଏହି ଆଲୋଚନାକୁ ଗୁରୁତ୍ୱ ଦିଆଯାଉଛି। ଏହା କ୍ରୀଡ଼ାବିତ୍‌ଙ୍କ ପ୍ରଦର୍ଶନର ସ୍ୱୀକୃତି ସହ ଦେଶରେ କ୍ରୀଡ଼ାର ବିକାଶ ଓ ଆଗାମୀ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ସମ୍ପର୍କିତ ଆଲୋଚନାର ଅବସର ହେବ।

# ଅଭିଜିତ୍ ଦୀପକେଙ୍କୁ ଆମେରିକାରୁ ହେଉଛି ଫଣ୍ଡି

**ନୂଆଦିଲ୍ଲୀ:** କକ୍ରୋଚ୍ ଜନତା ପାର୍ଟି ମୁଖ୍ୟ ଅଭିଜିତ୍ ଦୀପକେ ବିରୁଦ୍ଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଆମେରିକୀୟ କଣ୍ଠଶିଳ୍ପୀ ମେରି ମିଲବେନ୍ । ସେ ଅଭିଯୋଗ କରିଛନ୍ତି ଯେ ଦୀପକେଙ୍କୁ ଆମେରିକାରୁ ଫଣ୍ଡି ହେଉଛି । ସେ କହିଛନ୍ତି ଯେ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୁଦ୍ଧରେ କାମ କରୁଥିବା ଲୋକ ତାଙ୍କୁ ଆର୍ଥିକ ସାହାଯ୍ୟ କରୁଛନ୍ତି । ତେବେ ସେ କୌଣସି ଦାତାଙ୍କ ନାଁ ନେଇ ନାହାନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମେରି ମିଲବେନଙ୍କ ବୟାନ ଏପରି ସମୟରେ ଆସିଛି, ଯେତେବେଳେ ସିଜେପି ଦିଲ୍ଲୀରେ ଆନ୍ଦୋଳନ ପାଇଁ ଚେତାବନୀ ଦେଉଛି । କଟକଣା ସତ୍ତ୍ୱେ ଜନ୍ତରମନ୍ତର ଭିତରେ ପଶି ଧାରା ୧୬୩ର ଉଲ୍ଲଂଘନ ମାମଲାରେ ସିଜେପି ନେତା ଆଶୁତୋଷ ରାଙ୍କା ଏବଂ ସୌରଭ ଦାସଙ୍କୁ ବୁଧବାର ପାଞ୍ଚ ଦିନ ପାଇଁ ନ୍ୟାୟିକ ହେପାଜତରେ ପଠାଯାଇଛି । ଆମେରିକୀୟ କଣ୍ଠଶିଳ୍ପୀ କହିଛନ୍ତି, ଭାରତର ସମସ୍ତ ଯୁବ ଦେଶଭକ୍ତଙ୍କ ପାଇଁ । ଏହି ସମୟ ଚୁପ୍ ରହିବାର ନୁହେଁ । ଅଭିଜିତ୍ ଦୀପକେ ଏବଂ କକ୍ରୋଚ ଜନତା ପାର୍ଟିକୁ ଆମେରିକାର ପୁଞ୍ଜିପତି ପାଣ୍ଠି ଯୋଗାଉଛନ୍ତି, ଯେଉଁମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ଅଛନ୍ତି । ଭାରତରେ ୨୫ ବର୍ଷ ସେବା କରିଥିବା ବ୍ୟକ୍ତି, ୧୨ ବର୍ଷ ପ୍ରଧାନମନ୍ତ୍ରୀ ଏବଂ ତିନି ଥର ନିର୍ବାଚିତ ଆପଣଙ୍କ ପ୍ରଧାନମନ୍ତ୍ରୀ ମୋ ଦେଶର ବିଭାଜନକାରୀ ଶକ୍ତି ଆଗରେ ନଇଁବେ ନାହିଁ । ସେ ଜୋର ଦେଇ ଲେଖିଛନ୍ତି, କିଛି ନିର୍ଦ୍ଦିଷ୍ଟ ପୁଞ୍ଜିପତି ଦୁନିଆରେ କଞ୍ଜରଭେଟିଭ୍ ନେତାଙ୍କୁ ଟାର୍ଗେଟ୍ କରିବା ପାଇଁ ସେହି ଦେଶର ଏପରି କିଛି ଯୁବକଙ୍କୁ ଖୋଜନ୍ତି ଯେଉଁମାନେ ଆମେରିକାରେ ପଢ଼ିଥିବେ । ସେମାନଙ୍କୁ କଟ୍ଟର କରିବା, ନିଜ ଦେଶକୁ ପଠାଇବା ଏବଂ ଅରାଜକତା ପାଇଁ ପାଣ୍ଠି ଦେବା ଏକ ପ୍ୟାଟର୍ଣ୍ଣ ପାଲଟିଛି । ଏ ପର୍ଯ୍ୟନ୍ତ ଏଥିରେ କେହି ବି ସଫଳ ହୋଇନାହିଁ କିନ୍ତୁ ଦେଶର ବିକାଶ ଏବଂ ଶାସନ ଉପରେ ପ୍ରଭାବ ପକାଇଥାଏ । ମେରି ମିଲବେନ୍ ଭାରତୀୟ ଯୁବପିଢ଼ିଙ୍କୁ ଗଣତନ୍ତ୍ର ଏବଂ ସ୍ୱାଧୀନତାର ରକ୍ଷା ପାଇଁ ଏକତ୍ରିତ ହେବାକୁ ଆହ୍ୱାନ ଦେଇଛନ୍ତି ।

# ରେଳ କର୍ମଚାରୀଙ୍କୁ ୭୮ ଦିନର ଉତ୍ପାଦନ ଭିତ୍ତିକ ବୋନସ୍




**ନୂଆଦିଲ୍ଲୀ:** ରେଳ କର୍ମଚାରୀଙ୍କ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତାକୁ ସ୍ୱୀକୃତି ଦେଇ ସେମାନଙ୍କୁ ୭୮ ଦିନର ଉତ୍ପାଦନଭିତ୍ତିକ ବୋନସ୍ ପ୍ରଦାନ କରିବାକୁ କେନ୍ଦ୍ର ସରକାର ଅନୁମୋଦନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଏଥିପାଇଁ ମୋଟ ୨୦୦୯.୬୧ କୋଟି ଟଙ୍କା ବ୍ୟୟ ହେବ ଏବଂ ଦେଶର ପ୍ରାୟ ୧୧ ଲକ୍ଷ ୪୦ ହଜାର ୭୭୦ ଜଣ ରେଳ କର୍ମଚାରୀ ଉପକୃତ ହେବେ। ଯୋଗ୍ୟ ରେଳ କର୍ମଚାରୀଙ୍କୁ ପ୍ରତିବର୍ଷ ଦୁର୍ଗାପୂଜା ଓ ଦଶହରା ଛୁଟି ପୂର୍ବରୁ ଏହି ବୋନସ୍ ପ୍ରଦାନ କରାଯାଏ। ଚଳିତ ବର୍ଷ ମଧ୍ୟ ପ୍ରାୟ ୧୧.୪୦ ଲକ୍ଷ ଅଣରାଜପତ୍ରଭୁକ୍ତ ରେଳ କର୍ମଚାରୀଙ୍କୁ ୭୮ ଦିନର ଦରମା ସହ ସମାନ ଅର୍ଥରାଶି ବୋନସ୍ ଭାବେ ମିଳିବ। ରେଳବାଇର କାର୍ଯ୍ୟଦକ୍ଷତା ଓ ସେବାର ଗୁଣବତ୍ତା ବୃଦ୍ଧି ପାଇଁ କର୍ମଚାରୀଙ୍କୁ ଉତ୍ସାହିତ କରିବା ଏହି ଯୋଜନାର ଉଦ୍ଦେଶ୍ୟ। ଏହି ଯୋଜନା ଅନୁଯାୟୀ ପ୍ରତ୍ୟେକ ଯୋଗ୍ୟ କର୍ମଚାରୀ ସର୍ବାଧିକ ୧୭ ହଜାର ୯୫୧ ଟଙ୍କା ପାଇବେ। ରେଳବାଇର ବିଭିନ୍ନ ବର୍ଗର କର୍ମଚାରୀ ଏହି ବୋନସ୍ ପାଇବାକୁ ଯୋଗ୍ୟ ହେବେ। ସେମାନଙ୍କ ମଧ୍ୟରେ ରେଳଧାରଣା ରକ୍ଷଣାବେକ୍ଷଣ କର୍ମଚାରୀ, ରେଳ ଇଞ୍ଜିନ୍ ଚାଳକ, ଟ୍ରେନ୍ ପରିଚାଳକ, ଷ୍ଟେସନ୍ ମାଷ୍ଟର, ପର୍ଯ୍ୟବେକ୍ଷକ, ବୈଷୟିକ କର୍ମଚାରୀ, ବୈଷୟିକ ସହାୟକ, ପଏଣ୍ଟସ୍ମ୍ୟାନ୍ ଓ କାର୍ଯ୍ୟାଳୟ କର୍ମଚାରୀଙ୍କ ସମେତ ଅନ୍ୟାନ୍ୟ 'ଗ୍ରୁପ୍ ସି' କର୍ମଚାରୀ ରହିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତୀୟ ରେଳବାଇ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କେନ୍ଦ୍ର ସରକାର କହିଛନ୍ତି। ଏହି ସମୟରେ ରେଳବାଇ ରେକର୍ଡ ୧୬୭ କୋଟି ଟନ୍ ମାଲ ପରିବହନ କରିଥିବାବେଳେ ପ୍ରାୟ ୭୪୧ କୋଟି ଯାତ୍ରୀ ରେଳସେବାର ଉପଯୋଗ କରିଛନ୍ତି। ରେଳବାଇର ଏହି ସଫଳତା ପଛରେ କର୍ମଚାରୀଙ୍କ ଅବଦାନକୁ ଗୁରୁତ୍ୱ ଦେଇ ସରକାର ବୋନସ୍ ପ୍ରଦାନ ନିଷ୍ପତ୍ତି ନେଇଛନ୍ତି। ଏହା କର୍ମଚାରୀଙ୍କ ମନୋବଳ ବଢ଼ାଇବା ସହ ଆଗାମୀ ଦିନରେ ରେଳସେବାର ଦକ୍ଷତା ଓ ଉନ୍ନତିକୁ ଅଧିକ ଗତି ଦେବ ବୋଲି ଆଶା କରାଯାଉଛି।

# ଜଳବାୟୁ ଅନୁକୂଳ କୁଲିଂ ଟେକ୍ନୋଲୋଜି ପାଇଁ ଥର୍ମୋଗ୍ରିନ୍ କୁଲ୍ ଓ ଇଇଏସଏଲର ସହଭାଗିତା

**ନୂଆଦିଲ୍ଲୀ:** ପୂର୍ବ ଭାରତରେ ଜଳବାୟୁ ଅନୁକୂଳ କୁଲିଂ ଟେକ୍ନୋଲୋଜିର ସମ୍ପ୍ରସାରଣ ପାଇଁ ଥର୍ମୋଗ୍ରିନ୍ କୁଲ୍ ଓ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନସ୍ଥ ଏନର୍ଜି ଏଫିସିଏନ୍ସି ସର୍ଭିସେସ୍ ଲିମିଟେଡ୍ (ଇଇଏସଏଲ୍) ମଧ୍ୟରେ ସହଭାଗିତା ହୋଇଛି। ସାଗର ବିଜନେସ୍ ଭେଞ୍ଚର୍ସ ଲିମିଟେଡ୍ ଏହି ପଦକ୍ଷେପକୁ ଆଗେଇ ନେଉଛି। ଆଇଆଇଟି ବମ୍ବେ ସହଯୋଗରେ ବିକଶିତ ଥର୍ମୋଗ୍ରିନ୍ କୁଲ୍ର 'ଥର୍ମାକୁଲ୍ କୋଟିଂ' ସୂର୍ଯ୍ୟକିରଣର ତାପକୁ ପ୍ରତିଫଳିତ କରି ଛାତର ତାପମାତ୍ରା କମାଇବା ସହ ଘର ଭିତରକୁ ଥଣ୍ଡା ରଖିବା ଏବଂ ବିଦ୍ୟୁତ୍ ବ୍ୟବହାର ହ୍ରାସରେ ସହାୟକ ହେବ। ଏହି ପ୍ରଯୁକ୍ତିର ବ୍ୟାପକ ପ୍ରସାର ପାଇଁ ଓଡ଼ିଶା ଓ ମଧ୍ୟପ୍ରାଚ୍ୟରେ ଦୁଇଟି ବୃହତ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯିବ। ଏହାଦ୍ୱାରା ସ୍ଥାନୀୟ ଉତ୍ପାଦନ ବୃଦ୍ଧି ସହ ଭାରତୀୟ ଗ୍ରୀନ୍ ଟେକ୍ନୋଲୋଜିର ବିଶ୍ୱସ୍ତରୀୟ ପ୍ରସାରକୁ ପ୍ରୋତ୍ସାହନ ମିଳିବ। ଏହି ପଦକ୍ଷେପ ଶିକ୍ଷାନୁଷ୍ଠାନ, ହସ୍ପିଟାଲ୍, ଆବାସିକ ଓ ଶିଳ୍ପ ପ୍ରତିଷ୍ଠାନରେ ଶକ୍ତି ସଞ୍ଚୟ ଏବଂ ସ୍ଥାୟୀ କୁଲିଂ ବ୍ୟବସ୍ଥାକୁ ଆଗକୁ ବଢ଼ାଇବ।

# ଦିଲ୍ଲୀର ଐତିହାସିକ ରାମଲୀଳା ମଇଦାନର ମାଲିକାନା କାହା ହାତରେ?

**ନୂଆଦିଲ୍ଲୀ:** ଦିଲ୍ଲୀର ପ୍ରସିଦ୍ଧ ତଥା ଐତିହାସିକ 'ରାମଲୀଳା ମଇଦାନ' ସର୍ବଦା ବିଭିନ୍ନ ରାଜନୈତିକ ରାଲି, ବିକ୍ଷୋଭ, ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଚର୍ଚ୍ଚାରେ ରହିଥାଏ। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ସ୍ଥାନର ପ୍ରକୃତ ମାଲିକ କିଏ ଏବଂ ଏଠାରେ ହେଉଥିବା କାର୍ଯ୍ୟକ୍ରମ କିମ୍ବା ରାଲି ପାଇଁ ଦିଆଯାଉଥିବା ଟଙ୍କା କାହା ପାଖକୁ ଯାଏ, ସେନେଇ ଅନେକଙ୍କ ମନରେ ପ୍ରଶ୍ନ ଉଠିଥାଏ।ମିଳିଥିବା ସୂଚନା ଅନୁଯାୟୀ, ଦିଲ୍ଲୀର ରାମଲୀଳା ମଇଦାନର ପରିଚାଳନା ଏବଂ ମାଲିକାନା ମୁଖ୍ୟତଃ ସ୍ଥାନୀୟ ପ୍ରଶାସନ ଅର୍ଥାତ୍ ମ୍ୟୁନିସିପାଲ୍ କର୍ପୋରେସନ୍ ଅଫ୍ ଦିଲ୍ଲୀ (MCD) ଅଧୀନରେ ରହିଥାଏ। ଏହି ମଇଦାନକୁ ବ୍ୟବହାର କରିବା ପାଇଁ ବିଭିନ୍ନ ରାଜନୈତିକ ଦଳ, ସଂଗଠନ କିମ୍ବା ଆୟୋଜକମାନଙ୍କୁ ସରକାରୀ ନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ଶୁଳ୍କ ଦେବାକୁ ପଡିଥାଏ। ଆୟୋଜକମାନେ ରାଲି କିମ୍ବା ସଭା ପାଇଁ ଯେଉଁ ଅର୍ଥ ଦେଇଥାନ୍ତି, ତାହା ସିଧାସଳଖ ଏମସିଡି (MCD) ବା ନଗର ନିଗମର ପାଣ୍ଠିକୁ ଜମା ହୋଇଥାଏ। ଏହି ଅର୍ଥକୁ ମଇଦାନର ରକ୍ଷଣାବେକ୍ଷଣ, ପରିଚାଳନା ଏବଂ ଅନ୍ୟାନ୍ୟ ସରକାରୀ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟବହାର କରାଯାଇଥାଏ। ରାଜନୈତିକ ହଟଚମଟ ଏବଂ ପ୍ରତିବାଦର କେନ୍ଦ୍ରବିନ୍ଦୁ ପାଲଟିଥିବା ଏହି ମଇଦାନ କେବଳ ଭାରତୀୟ ରାଜନୀତିର ଇତିହାସରେ ନୁହେଁ, ବରଂ ସରକାରୀ ରାଜସ୍ୱ ଦୃଷ୍ଟିରୁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।



ଦିଲ୍ଲୀ ରାମ ଲୀଳାରେ ନିଷଦ ରାଜା ଭୂମିକାରେ ଜୁଏଲ ଓରାମ

# କାଠମାଣ୍ଡୁ ବିମାନବନ୍ଦରରେ କାହିଁକି ରୁହନ୍ତି ଭାରତୀୟ ସୁରକ୍ଷାକର୍ମୀ?

**ନୂଆଦିଲ୍ଲୀ:** ନେପାଳର ରାଜଧାନୀ କାଠମାଣ୍ଡୁସ୍ଥିତ ତ୍ରିଭୁବନ ଆନ୍ତର୍ଜାତୀୟ ବିମାନବନ୍ଦରରୁ ଯେତେବେଳେ ମଧ୍ୟ ଭାରତ ଅଭିମୁଖେ କୌଣସି ବିମାନ ଉଡ଼ାଣ ଭରେ, ସେତେବେଳେ ଯାତ୍ରୀମାନଙ୍କୁ ଏକ ସ୍ୱତନ୍ତ୍ର ଏବଂ ଅତିରିକ୍ତ ସୁରକ୍ଷା ଯାଞ୍ଚ ପ୍ରକ୍ରିୟା ଦେଇ ଗତି କରିବାକୁ ପଡ଼େ। ନେପାଳ ପୁଲିସ ବ୍ୟତୀତ ସେଠାରେ ମୁତୟନ ଥିବା ଭାରତୀୟ ସୁରକ୍ଷାକର୍ମୀମାନେ ଏକ ସ୍ୱତନ୍ତ୍ର ସ୍କ୍ରିନିଂ ପଏଣ୍ଟରେ ଏହି ଯାଞ୍ଚ କରିଥାନ୍ତି। ବିଶ୍ୱସ୍ତରରେ ନେପାଳ ହେଉଛି ଏପରି ଏକମାତ୍ର ଦେଶ, ଯେଉଁଠାରେ ଅନ୍ୟ ଏକ ଦେଶର ଅଧିକାରୀମାନଙ୍କୁ ନିଜ ବିମାନବନ୍ଦରରେ ସ୍ୱତନ୍ତ୍ର ସୁରକ୍ଷା ଯାଞ୍ଚ କରିବାର ଅନୁମତି ମିଳିଛି। ଗତ ୨୬ ବର୍ଷ ଧରି ଜାରି ରହିଥିବା ଏହି ବ୍ୟବସ୍ଥା ଭାରତୀୟ ବିମାନଗୁଡ଼ିକର ସୁରକ୍ଷା ନିଶ୍ଚିତ କରିବାର ଏକ ଅପରିହାର୍ଯ୍ୟ ଅଙ୍ଗ ପାଲଟିଛି। ଏହି ଅସାଧାରଣ ବ୍ୟବସ୍ଥାର ମୂଳଦୁଆ ପଡ଼ିଥିଲା ୨୪ ଡିସେମ୍ବର ୧୯୯୯ରେ ଘଟିଥିବା ସେହି ଭୟଙ୍କର ଘଟଣା ପରେ, ଯାହା ସମଗ୍ର ଭାରତକୁ ହଲ୍ଲଲ୍ କରିଦେଇଥିଲା। ସେହିଦିନ ଇଣ୍ଡିଆନ୍ ଏୟାରଲାଇନ୍ସର ଫ୍ଲାଇଟ୍ IC-814 ପ୍ରାୟ ୧୯୦ ଜଣ ଯାତ୍ରୀଙ୍କୁ ନେଇ କାଠମାଣ୍ଡୁରୁ ଦିଲ୍ଲୀ ଅଭିମୁଖେ ଉଡ଼ାଣ ଭରିଥିଲା। ତେବେ ଆକାଶ ମାର୍ଗରେ ୫ ଜଣ ସଶସ୍ତ୍ର ଆତଙ୍କବାଦୀ ଏହି ବିମାନକୁ ଅପହରଣ କରି ଅମୃତସର, ଲାହୋର ଓ ଦୁବାଇ ଦେଇ ଆଫଗାନିସ୍ତାନର କାନ୍ଦାହାରକୁ ନେଇଯାଇଥିଲେ। ପ୍ରାୟ ଏକ ସପ୍ତାହ ଧରି ଚାଲିଥିବା ଏହି ଉତ୍ତେଜନାପୂର୍ଣ୍ଣ ସ୍ଥିତି ପରେ ଭାରତ ସରକାରଙ୍କୁ ଜେଲରେ ଥିବା ମୌଲାନା ମସୁଦ ଅଜ୍ହର ସମେତ ତିନିଜଣ କୁଖ୍ୟାତ ଆତଙ୍କବାଦୀଙ୍କୁ ମୁକ୍ତ କରିବାକୁ ପଡ଼ିଥିଲା। କାନ୍ଦାହାର କାଣ୍ଡ ସମୟରେ ନେପାଳ ବିମାନବନ୍ଦରର ସୁରକ୍ଷାରେ ହୋଇଥିବା ବଡ଼ ଧରଣର ତ୍ରୁଟି ସାମ୍ନାକୁ ଆସିବା ପରେ ଭାରତ ସରକାର କଡ଼ା ପଦକ୍ଷେପ ଗ୍ରହଣ କରି ଇଣ୍ଡିଆନ୍ ଏୟାରଲାଇନ୍ସର କାଠମାଣ୍ଡୁ ଉଡ଼ାଣଗୁଡ଼ିକୁ ତତକ୍ଷଣାତ ସ୍ଥଗିତ ରଖିଥିଲେ। କ୍ରମାଗତ ୫ ମାସ ଧରି ଉଭୟ ଦେଶ ମଧ୍ୟରେ ବିମାନ ସଂଯୋଗ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।

# ପାକିସ୍ତାନ ସମେତ ମୁସ୍ଲିମ ଦେଶଙ୍କ କ୍ରୁ ଉପରେ ରୋକ୍ ଲଗାଇଲା ଫ୍ରାନ୍ସ

**ଜେରୁଜେଲମ:** ଫ୍ଲାଏ ଦୁବାଇ ଘଟଣା ପରେ ଏୟାର ଫ୍ରାନ୍ସ ଇସ୍ରାଏଲର ନିୟମକୁ ଅନୁସରଣ କରିଛି। ଏଥିରେ ପାକିସ୍ତାନ ଓ ମୁସ୍ଲିମ ବହୁ ସଂଖ୍ୟକ ଦେଶମାନଙ୍କର କ୍ରୁ ସଦସ୍ୟଙ୍କ ଉପରେ ରୋକ ଲଗାଇ ଦେଇଛି। ଏୟାର ଫ୍ରାନ୍ସ ପୁଷ୍ଟି କରିଛି ଯେ ସେ ଇସ୍ରାଏଲର ନୂଆ ନିୟମକୁ ପାଳନ କରୁଛି। ଏହି ନିୟମ ଅନୁସାରେ କିଛି ଖାସ ଦେଶଙ୍କ ଫ୍ଲାଇଟ୍ କ୍ରୁ ସଦସ୍ୟଙ୍କୁ ଇସ୍ରାଏଲ ଯାଉଥିବା ବିମାନ ଉଡାଇବାକୁ ଅନୁମତି ନାହିଁ। ଇସ୍ରାଏଲର ଏହି ନୀତି ୩୧ ଦେଶଙ୍କ ନାଗରିକଙ୍କୁ ପ୍ରଭାବିତ କରୁଛି, ଯେଉଁଥିରେ ଅଧିକାଂଶ ମୁସଲମାନ ବହୁ ସଂଖ୍ୟକ ଦେଶ ଅଛନ୍ତି।ଗତ ସେପ୍ଟେମ୍ବର ୩୦ ତାରିଖ ଦିନ ଫ୍ଲାଏ ଦୁବାଇ ବିମାନ ଏଫଜେଡ୍ ୧୦୭୩ରେ କୋ-ପାଇଲଟ ହମାମ ଅଲ-ହମ୍ମାମୀ କକପିଟରେ ଥିବା କୁରାଢ଼ୀରେ କ୍ୟାପ୍ଟେନ ସ୍ମିତ ମଚ୍ଛରଙ୍କ ଉପରେ ଅଚାନକ ଆକ୍ରମଣ କରିଥିଲେ। ଏଥିରେ ପାଇଲଟ ଗୁରୁତର ଆହତ ହୋଇଥିବା ବେଳେ ଅଲ-ହମ୍ମାମୀ ବିମାନକୁ ନିଜ ନିୟନ୍ତ୍ରଣକୁ ନେଇ ତଳକୁ ଖସାଇଥିଲେ, ଯାହା ସ୍ପଷ୍ଟ ରୂପେ ବିମାନକୁ ହାଇଜାକ କରି ଦୁର୍ଘଟଣା କରାଇବାର ପ୍ରୟାସ ଥିଲା। ଅତ୍ୟଧିକ ବେଗ କାରଣରୁ ବିମାନର ଫ୍ଲାଇଟ ରାଡାର କ୍ଷତିଗ୍ରସ୍ତ ହୋଇଥିଲା। ତେବେ ଗୁରୁତର ଆହତ ପାଇଲଟ କୌଣସି ମତେ କକପିଟ୍ କ୍ୟାବିନ କବାଟ ଖୋଲି ଦେଇଥିଲେ । ଫଳରେ ଯାତ୍ରୀ ଓ ଚାଳକ ଦଳ ସଦସ୍ୟ କୋ-ପାଇଲଟଙ୍କୁ କାବୁ କରିନେଇଥିଲେ ଓ ବିମାନରେ ଥିବା ଅଫ ଡ୍ୟୁଟି ପାଇଲଟ ମାନେ ବିମାନକୁ ନିୟନ୍ତ୍ରିତ କରିବା ସହ ସାଉଦୀ ଆରବର ତବୁକରେ ଅବତରଣ କରାଇ ଦେଇଥିଲେ।

# ଜନସଂଖ୍ୟା ପରିବର୍ତ୍ତନ ଅଧ୍ୟୟନ ପାଇଁ ନୂଆ ପୋର୍ଟାଲ୍



**ନୂଆଦିଲ୍ଲୀ:** ଦେଶରେ ଜନସଂଖ୍ୟା ପରିବର୍ତ୍ତନ ଓ ଏହାର କାରଣ ସମ୍ପର୍କରେ ତଥ୍ୟ ସଂଗ୍ରହ ଏବଂ ଜନସାଧାରଣଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଁ ଉଚ୍ଚସ୍ତରୀୟ ଜନସଂଖ୍ୟା ପରିବର୍ତ୍ତନ କମିଟି ଏକ ସ୍ୱତନ୍ତ୍ର ଅନ୍‌ଲାଇନ୍ ପୋର୍ଟାଲ୍ ଆରମ୍ଭ କରିଛି। କମିଟିର ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ବିଚାରପତି ପ୍ରକାଶ ପ୍ରଭାକର ନାଓଲେକର ନୂଆଦିଲ୍ଲୀରେ ଏହି ପୋର୍ଟାଲ୍ର ଶୁଭାରମ୍ଭ କରିଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ ହୋଇଥିବା ଏହି ପୋର୍ଟାଲ୍ର ଠିକଣା ହେଉଛି **https://demography.mha.gov.in**। ଏହା ଜନସାଧାରଣ, ବିଭିନ୍ନ ସଂସ୍ଥା ଓ ସମ୍ପୃକ୍ତ ପକ୍ଷଙ୍କ ପାଇଁ ଖୋଲା ରହିଛି। ଏହା ମାଧ୍ୟମରେ ଜନସଂଖ୍ୟାରେ ଅସ୍ୱାଭାବିକ ପରିବର୍ତ୍ତନ, ଏହାର ସମ୍ଭାବ୍ୟ କାରଣ ଏବଂ ଅସାମାନ୍ୟ ଜନବସତି ଢାଞ୍ଚା ସମ୍ପର୍କରେ ତଥ୍ୟ ଓ ମତାମତ ଦାଖଲ କରାଯାଇପାରିବ। ଏହି ପୋର୍ଟାଲ୍ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗ, ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ସରକାର, ଅଣସରକାରୀ ସଂଗଠନ, ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷ ନିଜ ନିକଟରେ ଥିବା ତଥ୍ୟ ଦାଖଲ କରିପାରିବେ। ଜନସଂଖ୍ୟା ପରିବର୍ତ୍ତନର କାରଣ ଚିହ୍ନଟ କରିବା ଏବଂ ଏହା ପଛରେ ଥିବା ସାମାଜିକ, ଆର୍ଥିକ ଓ ପରିବେଶଗତ ପରିସ୍ଥିତିକୁ ବୁଝିବା ଏହି ତଥ୍ୟ ସଂଗ୍ରହର ଉଦ୍ଦେଶ୍ୟ। କମିଟିର ବିଚାର ପରିସର ମଧ୍ୟରେ ଜନ୍ମହାରରେ ପରିବର୍ତ୍ତନ, ସୀମାପାର ଲୋକଙ୍କ ଯାତାୟାତ, ଅବୈଧ ଅନୁପ୍ରବେଶ, ଆର୍ଥିକ ସୁଯୋଗ ଏବଂ ଅନ୍ୟାନ୍ୟ ସାମାଜିକ-ପରିବେଶଗତ କାରଣ ରହିଛି। ଧାର୍ମିକ ଓ ସାମାଜିକ ସମୁଦାୟଗୁଡ଼ିକର ଜନସଂଖ୍ୟାଗତ ପରିବର୍ତ୍ତନ ଏବଂ ସାଧାରଣ ଧାରାଠାରୁ ଭିନ୍ନ ଜନବସତି ଢାଞ୍ଚା ମଧ୍ୟ ଅଧ୍ୟୟନ କରାଯିବ। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ୨୦୨୬ ମେ ୨୬ ତାରିଖରେ ଏହି ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲା। ଦେଶରେ ଜନସଂଖ୍ୟା ପରିବର୍ତ୍ତନ, ବିଶେଷକରି ଅବୈଧ ଅନୁପ୍ରବେଶରୁ ସୃଷ୍ଟି ହେଉଥିବା ଆହ୍ୱାନଗୁଡ଼ିକର ସମୀକ୍ଷା କରିବା ଏହାର ମୁଖ୍ୟ ଦାୟିତ୍ୱ। ଅବୈଧ ଭାବେ ଦେଶରେ ରହୁଥିବା ବିଦେଶୀଙ୍କୁ ଆଇନସମ୍ମତ, ନିରପେକ୍ଷ ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଚିହ୍ନଟ କରିବା, ଆବଶ୍ୟକ ଆଇନଗତ ପ୍ରକ୍ରିୟାରେ ଅଟକ ରଖିବା ଏବଂ ଦେଶାନ୍ତର କରିବା ପାଇଁ ଏକ ସୁସଂଗଠିତ ଓ ସ୍ଥାୟୀ ବ୍ୟବସ୍ଥା ସୁପାରିସ୍ କରିବା କମିଟିର କାର୍ଯ୍ୟପରିସରରେ ରହିଛି। ଏହା ସହ ସୀମା ପରିଚାଳନାକୁ ସୁଦୃଢ଼ କରିବା, ଜନସଂଖ୍ୟା ସ୍ଥିରୀକରଣ ଏବଂ ଜନସଂଖ୍ୟାଗତ ପରିବର୍ତ୍ତନର ନିରନ୍ତର ନିରୀକ୍ଷଣ ପାଇଁ ଉପଯୁକ୍ତ ବ୍ୟବସ୍ଥା ସମ୍ପର୍କରେ କମିଟି ସୁପାରିସ୍ କରିବ। ଏହି ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ବଢ଼ାଇବା ପାଇଁ ଏକ ବ୍ୟାପକ ନୀତିଗତ ଢାଞ୍ଚା ପ୍ରସ୍ତାବ ଦେବା ମଧ୍ୟ କମିଟିର ଦାୟିତ୍ୱ। ପୋର୍ଟାଲ୍ ମାଧ୍ୟମରେ ମିଳୁଥିବା ତଥ୍ୟକୁ ବିଶ୍ଳେଷଣ କରି କମିଟି ଜନସଂଖ୍ୟା ପରିବର୍ତ୍ତନର କାରଣ ଚିହ୍ନଟ କରିବା ସହ ଭବିଷ୍ୟତରେ ଏହାର ମୁକାବିଲା ପାଇଁ ସୁପାରିସ୍ ପ୍ରସ୍ତୁତ କରିବ। ତେବେ ଜନସାଧାରଣଙ୍କଠାରୁ ମିଳୁଥିବା ତଥ୍ୟର ଯାଞ୍ଚ ଓ ବିଶ୍ଳେଷଣ ପରେ ହିଁ ଏ ସମ୍ପର୍କରେ ନିଷ୍କର୍ଷରେ ପହଞ୍ଚିବା ସମ୍ଭବ ହେବ।

# ଭାରତକୁ ୨୪ ରନରେ ହରାଇଲା ୱେଷ୍ଟଇଣ୍ଡିଜ୍

## ହୋପଙ୍କ ଶତକ, କିମୋ ପଲଙ୍କ ୫ ୱିକେଟ୍; ୨-୨ରେ ସମାନ ହେଲା ଶୃଙ୍ଖଳା

ହାଇଦ୍ରାବାଦ, ୧୪।୧୦(ଏଜେନ୍ସି): ଅଧିନାୟକ ସାଇ ହୋପଙ୍କ ବିସ୍ଫୋରକ ଶତକ ଓ କିମୋ ପଲଙ୍କ ଘାତକ ବୋଲିଂ ବଳରେ ଚତୁର୍ଥ ଟି-୨୦ ମ୍ୟାଚରେ ଭାରତକୁ ୨୪ ରନରେ ପରାସ୍ତ କରିଛି ୱେଷ୍ଟଇଣ୍ଡିଜ୍। ବୁଧବାର ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ୱେଷ୍ଟଇଣ୍ଡିଜ୍ ୩ ୱିକେଟ୍ ହରାଇ ୨୪୭ ରନ୍ କରିଥିବାବେଳେ ଭାରତ ୧୯.୩ ଓଭରରେ ୨୨୩ ରନ୍ କରି ଅଲ୍ଆଉଟ୍ ହୋଇଛି। ଫଳରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ୨-୨ରେ ସମାନ ସ୍ଥିତିକୁ ଆସିଛି। ଟସ୍ ଜିତି ଭାରତ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ହେଲେ ୱେଷ୍ଟଇଣ୍ଡିଜ୍ ବ୍ୟାଟରମାନେ ଭାରତୀୟ ବୋଲରଙ୍କୁ ଚାପରେ ରଖିଥିଲେ। ଅଧିନାୟକ ହୋପ୍ ମାତ୍ର ୫୦ ବଲରୁ ୧୦୨ ରନ୍ କରି ଅପରାଜିତ ରହିଥିଲେ। ତାଙ୍କ ଇନିଂସରେ ୪ ଚୌକା ଓ ୯ ଛକା ସାମିଲ ଥିଲା। ଜୁଏଲ୍ ୧୬ ବଲରୁ ୨୧ ରନ୍ କରିଥିବାବେଳେ ସିମ୍ରନ୍ ହେଟମାୟର ମାତ୍ର ୧୨ ବଲରୁ ୩୩ ରନ୍ କରିଥିଲେ। ରୋଭମାନ୍ ପାୱେଲ୍ ୧୭ ବଲରୁ ୨୪ ରନ୍ କରିଥିଲେ। ଶେରଫେନ୍ ରଦରଫୋର୍ଡ ୨୬ ବଲରୁ ୪୯ ରନ୍ କରି ଅପରାଜିତ ରହିଥିଲେ। ଫଳରେ ଦଳ ୨୦ ଓଭରରେ ୨୪୭ ରନର ବିଶାଳ ସ୍କୋର୍ ଛିଡ଼ା କରିଥିଲା। ୨୪୮ ରନର କଷ୍ଟସାଧ୍ୟ ଲକ୍ଷ୍ୟ ପିଛା କରି ଭାରତ ଦ୍ରୁତ ଆରମ୍ଭ କରିଥିଲା। ସଞ୍ଜୁ ସାମସନ୍ ମାତ୍ର ୨୩ ବଲରୁ ୫୬ ରନ୍ କରିଥିଲେ। ତାଙ୍କ ଇନିଂସରେ ୬ ଚୌକା ଓ ୪ ଛକା ରହିଥିଲା। ଅଭିଷେକ ଶର୍ମା ୨୪ ବଲରୁ ୨୯ ରନ୍ କରିଥିବାବେଳେ ତିଳକ ବର୍ମା ୨୫ ବଲରୁ ୪୩ ରନ୍ ଯୋଡ଼ିଥିଲେ। ନୀତୀଶ କୁମାର ରେଡ୍ଡୀ ୨୦ ବଲରୁ୪୧ ରନ୍ କରି ଭାରତର ବିଜୟ ଆଶା ଉଜ୍ଜୀବିତ ରଖିଥିଲେ। ତେବେ ନିୟମିତ ୱିକେଟ୍ ପତନ ଭାରତକୁ ପଛକୁ ଠେଲି ଦେଇଥିଲା। ୱେଷ୍ଟଇଣ୍ଡିଜ୍ ବୋଲର କିମୋ ପଲ୍ ୪ ଓଭରରେ ୪୧ ରନ୍ ଦେଇ ୫ଟି ୱିକେଟ୍ ନେଇ ଭାରତୀୟ ବ୍ୟାଟିଂକ୍ରମକୁ ଭାଙ୍ଗି ଦେଇଥିଲେ। ଗୁଡାକେଶ ମୋଟି ୨ ଓଭରରେ ୧୩ ରନ୍ ଦେଇ ୨ଟି ୱିକେଟ୍ ନେଇଥିଲେ। ଶାମାର ସ୍ପ୍ରିଙ୍ଗର ଗୋଟିଏ ୱିକେଟ୍ ପାଇଥିଲେ। ଶେଷ ଭାଗରେ ଭାରତୀୟ ଦଳ ରନ୍ ଗତି ବଢ଼ାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଲକ୍ଷ୍ୟଠାରୁ ଦୂରରେ ରହିଥିଲା। ଶେଷରେ ୧୯.୩ ଓଭରରେ ୨୨୩ ରନ୍ରେ ଭାରତର ଇନିଂସ୍ ଶେଷ ହୋଇଥିଲା। ଏହି ବିଜୟ ସହ ୱେଷ୍ଟଇଣ୍ଡିଜ୍ ଶୃଙ୍ଖଳାକୁ ୨-୨ରେ ଫେରାଇ ଆଣିଥିବାବେଳେ ଶେଷ ମ୍ୟାଚ୍ ଉପରେ ଏବେ ସମସ୍ତଙ୍କ ନଜର।




# ଆରମ୍ଭରୁ ଝୁଣ୍ଟିଲା ଓଡ଼ିଶା

ଅହମ୍ମଦାବାଦ,୧୪।୧୦(ଏଜେନ୍ସି): ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ ସି'ରେ ଓଡ଼ିଶା ଦଳ ପ୍ରଥମ ମ୍ୟାଚରେ ଶକ୍ତିଶାଳୀ ଗୁଜରାଟ ନିକଟରୁ ୧୦ ୱିକେଟରେ ପରାଜିତ ହୋଇଛି। ଚଳିତ ରଣଜୀ ଋତୁ ଆରମ୍ଭରୁ ଓଡ଼ିଶା ଦଳ ଝୁଣ୍ଟିଛି। ଗୁଜରାଟ ୧୦ ୱିକେଟରେ ବିଜୟ ସହ ବୋନସ ପଏଣ୍ଟ (୭) ପାଇଛି। ଗୁଜରାଟର ବେଦାନ୍ତ ତ୍ରିବେଦୀ (୧୦୮)ଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଛି। ଓଡ଼ିଶା ଦଳ ପ୍ରଥମ ଇନିଂସରେ ୧୨୯ ଓ ଦ୍ୱିତୀୟ ଇନିଂସରେ ୧୬୧ ରନ୍ କରିଥିଲା। ଜବାବରେ ଗୁଜରାଟ ପ୍ରଥମ ଇନିଂସରେ ୪୩୯ ରନ କରି ଇନିଂସ ଅଗ୍ରଣୀ ହୋଇଥିଲା। ଗୁଜରାଟ ସମ୍ମୁଖରେ ୪୭ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ଓଡ଼ିଶା।

**▸▸ ଗୁଜରାଟକୁ ୭ ପଏଣ୍ଟ**

**▸▸ ବେଦାନ୍ତ ପ୍ଲେୟାର ଅଫ୍ ଦ ମ୍ୟାଚ**

ଏହି ଟାର୍ଗେଟକୁ ଗୁଜରାଟ ୯.୩ ଓଭରରେ ବିନା କୌଣସି ୱିକେଟ୍ ହରାଇ ହାସଲ କରିନେଇଥିଲା। ତୃତୀୟ ଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ୧୧୯/୪ରୁ ଖେଳ ଆରମ୍ଭ କରିଥିଲା ଓଡ଼ିଶା। ସନ୍ଦୀପ ପଟ୍ଟନାୟକ ୪୧ ଓ ସମ୍ବିତ ବେଜା ୧ରୁ ଖେଳ ଆରମ୍ଭ କରିଥିଲେ। ସନ୍ଦୀପ ଅର୍ଦ୍ଧଶତକ ପୂରଣ କରିବା ପରେ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ସନ୍ଦୀପ ୬୫, ସମ୍ବିତ ୪ ରନ, ଆଶୀର୍ବାଦ ସ୍ୱାଇଁ ୫, ରାଜେଶ ମହାନ୍ତି ୩, ଲଳିତ ଯାଦବ ୬ ରନ୍ କରିଥିଲେ। ତେଣୁ ଓଡ଼ିଶା ୪୬.୧ ଓଭରରେ ୧୬୧ ରନ କରି ଅଲଆଉଟ୍ ହେବା ସହ ଗୁଜରାଟ ସମ୍ମୁଖରେ ମାତ୍ର ୪୭ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଗୁଜରାଟର ସିଦ୍ଧାର୍ଥ ଦେଶାଇ ୫ଟି, ଆର୍ଯ୍ୟାନ ନାଗେଶୱାଲା ୩ଟି, ଚିନ୍ତନ ରାଜା ଓ ହର୍ସାଲ ପଟେଲ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ। ୪୭ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଗୁଜରାଟ ପକ୍ଷରୁ ଦୁଇ ଓପନର ଅବିଶେକ ଦେଶାଇ ୮ ଓ ଆର୍ଯ୍ୟୟ ଦେଶାଇ ୩୭ ରନ କରି ଦଳକୁ ବିଜୟଲକ୍ଷ୍ୟରେ ପହଞ୍ଚାଇଥିଲେ।

**ରଣଜୀ ଟ୍ରଫି**



















Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି